

### ବାପା ହେଲେ ସୂର୍ଯ୍ୟ କୁମାର

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-309 ♦FRIDAY ♦08 MAY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୦୯ ♦ଶୁକ୍ରବାର ♦୦୮ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




## ଆଇନକୁ ଡର ନାହିଁ

## ରାଜରାସ୍ତାରେ ଯୁବତୀଙ୍କୁ ବିବସ୍ତ୍ର ଉଦ୍ୟମ

# କନେଷ୍ଟବଲଙ୍କୁ ପିଟିପିଟି ହତ୍ୟା

■ ଭୁବନେଶ୍ୱର, ୭।୫ (ସମିସ): ଗାଡ଼ି ଧକ୍କା ପରେ ରାଜରାସ୍ତାରେ ଜଣେ ଯୁବତୀଙ୍କୁ ବିବସ୍ତ୍ର କରିବାକୁ ଉଦ୍ୟମକୁ ନେଇ ଉତ୍ୟକ୍ତ ଲୋକଙ୍କ ନିସ୍ତୁକ ମାଡ଼ରେ ଜଣେ ଜିଆରପି କନେଷ୍ଟବଲଙ୍କ ମୃତ୍ୟୁ ଘଟଣା ଏବେ ରାଜଧାନୀକୁ ସ୍ତମ୍ଭୀଭୂତ କରିଛି । କଣାସରେ ମାଛକଟା ପନିକିରେ ଜଣେ ଯୁବକଙ୍କୁ ହାଣି ତାଙ୍କ ଉପରେ ଗାଡ଼ି ମଡ଼ାଇଦେବା, ନ୍ୟାୟ ପାଇଁ ସ୍ୱାମୀ ଘର ଦୁଆରେ ଧାରଣା ଦେଇଥିବା ଜଣେ ଗର୍ଭବତୀଙ୍କୁ ତାଙ୍କର ୩ ବର୍ଷର ଛୁଆ ଆଗରେ ନିର୍ମମ ହତ୍ୟା ଓ ଆଜି ରାଜଧାନୀ ଉପାନ୍ତରେ ଘଟିଥିବା ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ସୃଷ୍ଟି କରିଛି ପ୍ରଶ୍ନବାଚୀ । ଗୋଟିଏ ସପ୍ତାହ ମଧ୍ୟରେ ତିନିଟି ଘଟଣା ଲୋକଙ୍କ ମନରେ ଆଇନ ଓ ପୁଲିସ ପ୍ରତି ଭୟ ନ ଥିବା ପ୍ରମାଣିତ କରିଛି । ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ରାମଚନ୍ଦ୍ରପୁର ବ୍ରିଜ ନିକଟରେ



**ଚାରି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ**

**ଆଇନ ବ୍ୟବସ୍ଥାକୁ ଉପହାସ; ୭ ଦିନରେ ତିନିଟି ଘଟଣା**

**ଡିଜିଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ରାସ୍ତାରେ ଏକ ସ୍କୁଟିରେ ଯାଉଥିବା ଦୁଇ ଯୁବତୀଙ୍କୁ ଧକ୍କା ଦେବା ପରେ ସେମାନଙ୍କୁ ନିସ୍ତୁକ ପିଟିବା ଓ ରାସ୍ତା ଉପରେ ଜଣେ ଯୁବତୀଙ୍କୁ ବିବସ୍ତ୍ର କରିବାକୁ ଉଦ୍ୟମ କରିବା ଯେତିକି ସ୍ୱର୍ଶକାତର; ଉତ୍ୟକ୍ତ ଲୋକମାନେ ସମ୍ପୃକ୍ତ ଦୁଇ ଯୁବକଙ୍କୁ ବାଉଁଶରେ ଝୁଲାଇ ନିସ୍ତୁକ ପିଟିବା ଅନୁରୂପ ବର୍ବରତା ବୋଲି କୁହାଯାଉଛି । ନିହତ ଯୁବକ ଜଣକ ଜିଆର୍‌ପି୍ କନେଷ୍ଟବଲ ସୌମ୍ୟରଞ୍ଜନ ସ୍ୱାଇଁ ଓ ସେ ଏକ ଜିମ୍ ଚଳାଉଥିବା ସୂଚନା ମିଳିଛି । ଲୋକଙ୍କ ମାଡ଼ରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି ଓ ସେ କ୍ୟାପିଟାଲ ଡାକ୍ତରଖାନାରେ ▶ପୃଷ୍ଠା-୭

## ସରକାର ଅସହାୟ କାହିଁକି: ନବୀନ

■ ଭୁବନେଶ୍ୱର, ୭।୫ (ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ବର୍ବର । ରାଜ୍ୟ ରାଜଧାନୀ ନିକଟରେ ଏପରି ଜଘନ୍ୟ ଘଟଣା ଘଟୁଥିଲେ ବି ସରକାରଙ୍କ ଅସମ୍ଭବ ନୀରବତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ।

ସାମାଜିକ ଗଣମାଧ୍ୟମ ଏକ୍ସରେ କ୍ଷୋଭ ପ୍ରକାଶ କରି ନବୀନ କହିଛନ୍ତି ଯେ ପୁଲିସ ଉପସ୍ଥିତିରେ ଯଦି ଏପରି ଘଟଣା ଘଟୁଛି, ତେବେ ଲୋକେ କାହାକୁ ସୁରକ୍ଷା ମାଗିବେ? ଅପରାଧୀଙ୍କ ଆଗରେ ପୁଲିସ ▶ପୃଷ୍ଠା-୭



**ଅପରାଧୀଙ୍କ ଆଗରେ ପୁଲିସ ପ୍ରଶାସନ ଏତେ ବିବଶ କାହିଁକି**

**ବଡ଼ ବଡ଼ ଭାଷଣ ଓ ମିଛ ବାହାସ୍ଫୋଟରେ ସରକାର ଚାଲେନି**

## ୧୧ ସୁଦ୍ଧା ଲଘୁଚାପ

### ଗୋଟିଏ ମଡେଲରେ ବାତ୍ୟା ପୂର୍ବାନୁମାନ

■ ଭୁବନେଶ୍ୱର, ୭।୫ (ସମିସ): ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୧୧ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ । ମାତ୍ର ଲଘୁଚାପ ଓ ବାତ୍ୟାକୁ ନେଇ ବିଭିନ୍ନ ପାଣିପାଗ ସଂସ୍ଥା ଓ ପାଣିପାଗ ବିଜ୍ଞାନୀମାନେ ଭିନ୍ନଭିନ୍ନ ଆକଳନ କରିଛନ୍ତି । ଇସିଏମଡବ୍ଲ୍ୟୁଏଫ୍ ମଡେଲ ଅନୁସାରେ ଆସନ୍ତା ୧୦ କିମ୍ବା ୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମରୁ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଦୁର୍ବଳରୁ ମଧ୍ୟମ ଧରଣର ଲଘୁଚାପ ସୃଷ୍ଟି ହେବାର ସଙ୍କେତ ମିଳୁଛି । ସେହିପରି ଅନ୍ୟ ପାଣିପାଗ ବିଜ୍ଞାନୀମାନେ ଲଘୁଚାପ ଜନିତ ବାତ୍ୟା ଆସିପାରେ ବୋଲି ଆକଳନ କରିଛନ୍ତି । ମାତ୍ର ଏଯାଏ ଏହି ପ୍ରସଙ୍ଗରେ ଆଇଏମ୍‌ଡ଼ି ବା ଭାରତୀୟ ପାଣିପାଗ ବିଭାଗ କୌଣସି ସ୍ୱଷ୍ଟ ସୂଚନା ଜାରି କରିନାହିଁ ।

**ଏବେ ସୁଦ୍ଧା ସୂଚନା ଜାରି କରିନାହିଁ ଆଇଏମ୍‌ଡି**

ବିଶିଷ୍ଟ ପାଣିପାଗ ଗବେଷକ ତଥା ବୈଜ୍ଞାନିକ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଦକ୍ଷିଣ ପଞ୍ଚିମରୁ ଦକ୍ଷିଣ କେନ୍ଦ୍ରୀୟ ବଙ୍ଗୋପସାଗରରେ ସମ୍ଭାବ୍ୟ ଲଘୁଚାପ ଏଯାଏ ସ୍ୱଷ୍ଟ ଦୃଶ୍ୟମାନ ହୋଇନାହିଁ । ଏହି ସିଷ୍ଟମ୍ ବର୍ତ୍ତମାନ ଏକ ବିସ୍ତୃତ ଏବଂ ଜଳୀୟବାଷ୍ପପୂର୍ଣ୍ଣ କ୍ଷେତ୍ର ଭାବେ ▶ପୃଷ୍ଠା-୭

## ପ.ବଙ୍ଗ ବିଧାନସଭା ଭଙ୍ଗ

### ମମତା ମନ୍ତ୍ରିମଣ୍ଡଳ ବରଖାସ୍ତ

■ କୋଲକାତା, ୭।୫ (ଏଜେନ୍ସି): ପଶ୍ଚିମ ବଙ୍ଗ ନିର୍ବାଚନରେ ପରାଜୟ ସତ୍ତ୍ୱେ ଇସ୍ତଫା ଦେବାକୁ ମନାକରିଥିବା ମମତା ବାନାର୍ଜୀଙ୍କ ମନ୍ତ୍ରିମଣ୍ଡଳକୁ ଆଜି ବରଖାସ୍ତ କରିଛନ୍ତି ରାଜ୍ୟପାଳ ଆରଏନ୍ ରବି । ଏହାସହିତ ରାଜ୍ୟ ବିଧାନସଭାକୁ ମଧ୍ୟ ଭଙ୍ଗ କରିଛନ୍ତି । ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ଗତକାଲି ୬ ତାରିଖରେ ଶେଷ ହୋଇଯାଇଥିବାରୁ ସମ୍ବିଧାନର ଧାରା ୧୭୪(୨)(ବି) ଅନୁଯାୟୀ ରାଜ୍ୟପାଳ ଏହି ପଦକ୍ଷେପ ନେଇଥିବା ଜଣାଇଛନ୍ତି । ଆସନ୍ତା ୯ ତାରିଖରେ ବିଜେପି ସରକାର ଶପଥ ଗ୍ରହଣ କରିବା ପର୍ଯ୍ୟନ୍ତ କାମଚଳା ସରକାରର ଦାୟିତ୍ୱ ତୁଲାଇବେ ରାଜ୍ୟପାଳ । ପରମ୍ପରା ▶ପୃଷ୍ଠା-୭

### ବିଜୟଙ୍କୁ ପୁଣି ଫେରାଇଦେଲେ

## ତାମିଲନାଡୁ ରାଜ୍ୟପାଳଙ୍କୁ ନେଇ ବଢ଼ିଲା ବିବାଦ

■ ଚେନ୍ନାଇ, ୭।୫ (ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନରେ ସର୍ବାଧିକ ଆସନ ପାଇଥିବା ଟିଭିକେ ମୁଖ୍ୟ ବିଜୟଙ୍କୁ ସରକାର ଗଠନ ପାଇଁ ରାଜ୍ୟପାଳ ସୁଯୋଗ ଦେଉ ନାହାନ୍ତି । ବିଜୟ ଆଜି ଦ୍ୱିତୀୟ ଥର ଲାଗି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ । ରାଜ୍ୟପାଳ ପୁଣି ଥରେ ତାଙ୍କୁ ଫେରାଇଦେଇଛନ୍ତି । ଆବଶ୍ୟକ ସଂଖ୍ୟକ ବିଧାୟକଙ୍କ ସମର୍ଥନ ତାଲିକା ନମିଳିଲେ ସେ ସରକାର ଗଠନ ପାଇଁ ସୁଯୋଗ ଦେବେନାହିଁ ବୋଲି କହିଛନ୍ତି । ରାଜ୍ୟପାଳଙ୍କର ଏଭଳି ଜିଦଖୋର ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି ଡିଏମକେ, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ । ସେମାନେ ଅଭିଯୋଗ କରିଛନ୍ତି ଯେ ବିଜେପି କଥାରେ ପଡ଼ି ରାଜ୍ୟପାଳ ସାମ୍ବିଧାନିକ ପରମ୍ପରାକୁ ଅସମ୍ମାନ କରୁଛନ୍ତି । ସର୍ବବୃହତ ଦଳ ଭାବେ ବିଜୟଙ୍କୁ ▶ପୃଷ୍ଠା-୭

**ଟିଭିକେ ପାଇଁ ଅଣ୍ଟା ଭିଡ଼ିଲେ ଡିଏମ୍‌କେ, କମ୍ୟୁନିଷ୍ଟ**

**ବିଜୟଙ୍କ ପାଇଁ ଆନ୍ନାଡିଏମକେରେ ବିଦ୍ରୋହ !**


vedanta aluminium

ଗୋଟିଏ ସଂକଳ୍ପ ଅସୀମ ସମ୍ଭାବନା

ଆମର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ୧୦ ଲକ୍ଷରୁ ଅଧିକ ଜୀବନରେ ଆସିଛି ସକାରାତ୍ମକ ପରିବର୍ତ୍ତନ

ଶିକ୍ଷା | ସ୍ୱାସ୍ଥ୍ୟସେବା | ଜୀବିକା | ଭିତ୍ତିଭୂମି | ମହିଳା ସଶକ୍ତିକରଣ

୭ ଲକ୍ଷ+ ରୁ ଅଧିକ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ

୨୪୦୦୦+ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ ସହାୟତା

ଦକ୍ଷତା ବିକାଶ ପଦକ୍ଷେପ ଦ୍ୱାରା ୧୨୦୦୦+ ମହିଳା ଉଦ୍ୟୋଗୀଙ୍କ ସଶକ୍ତିକରଣ

୧୩୦୦୦+ ଏକର ଜମିକୁ ନିର୍ଭରଯୋଗ୍ୟ ଜଳସେଚନ ଉତ୍ସ ସହିତ ସଂଯୋଗୀକରଣ

କଳାହାଣ୍ଡି | ରାୟଗଡ଼ା | କୋରାପୁଟ | ସୁନ୍ଦରଗଡ଼ | ଝାରସୁଗୁଡ଼ା

ଓଡ଼ିଶାରେ ୧ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ

୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ

୨୦,୦୦୦ ରୁ ଅଧିକ MSME ଉପକୃତ



ଦେଶର ଆବଶ୍ୟକତା ପାଇଁ

## ଚୀନ୍‌ରେ ଦୁଇ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡାଦେଶ

ବେଜିଂ, ୭।୫(ଏଜେନ୍ସି): ଚୀନ୍ ସରକାର ଦୁର୍ନୀତି ବିରୋଧରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରି ଦୁଇ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସାମରିକ ସଂସ୍କାର ଏବଂ ଦୁର୍ନୀତି ମୁକ୍ତ ଅଭିଯାନ ଅଧୀନରେ ଏହି କଠୋର ଦଣ୍ଡ ଦିଆଯାଇଛି। ଚୀନ୍‌ର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୱେଇ ଫେଙ୍ଗେ ଏବଂ ଲି ଶାଙ୍ଗଫୁଙ୍କୁ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ଦୁଇ ବର୍ଷର ସ୍ଥଗିତାଦେଶ ସହ ମୃତ୍ୟୁଦଣ୍ଡ ଦିଆଯାଇଛି। ସରକାରୀ ସମ୍ବାଦ ସଂସ୍ଥା ଅନୁଯାୟୀ, ଏହି ଦୁଇ ନେତା ନିଜ ପଦବୀର ଅପବ୍ୟବହାର କରି ବିପୁଳ ପରିମାଣର ଅର୍ଥ ଏବଂ ଉପହାର ଗ୍ରହଣ କରିବା ସହ ସେନାରେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା କରିଥିଲେ। ପୂର୍ବରୁ ସେମାନଙ୍କୁ କମ୍ୟୁନିଷ୍ଟ ପାର୍ଟିରୁ ମଧ୍ୟ ବହିଷ୍କାର କରାଯାଇଥିଲା। ଏହି ଘଟଣା ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଛି। ରାଷ୍ଟ୍ରପତି ସି ଜିନପିଙ୍ଗ ଏହି କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ, ସେନାରେ ଦୁର୍ନୀତିକୁ କଦାପି ବରଦାସ୍ତ କରାଯିବ ନାହିଁ। ଏହି ପଦକ୍ଷେପ ଚୀନ୍ ସେନା ଉପରେ ଜିନପିଙ୍ଗଙ୍କ ନିୟନ୍ତ୍ରଣକୁ ଆହୁରି ମଜବୁତ କରିବା ସହ ଦେଶର ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରେ ଏକ ଶକ୍ତ ବାର୍ତ୍ତା ପହଞ୍ଚାଇଛି। ଏହା ଚୀନ୍ ଇତିହାସରେ ସବୁଠାରୁ ବଡ଼ ସାମରିକ ସଂସ୍କାର ଭାବେ ବିବେଚନା କରାଯାଉଛି।

## ଦିଲ୍ଲୀରେ ୧୦ କୋଟିର ନକଲି ଔଷଧ କାରବାର ପର୍ଦ୍ଦାଫାସ୍

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଏକ ବଡ଼ ଧରଣର ନକଲି ଜୀବନରକ୍ଷକ ଔଷଧ କାରବାରର ପର୍ଦ୍ଦାଫାଶ କରିଛି ପୁଲିସ। କ୍ୟାନ୍ସର ଏବଂ ଲିଭର ଭଳି ଗୁରୁତର ରୋଗ ପାଇଁ ବ୍ୟବହୃତ ହେଉଥିବା ଦାମୀ ଔଷଧକୁ ନକଲି ଭାବେ ପ୍ରସ୍ତୁତ କରି ବିକ୍ରି କରୁଥିବା ଏକ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି।ଏହି ଗ୍ୟାଙ୍ଗର ମୁଖ୍ୟ ମନୋଜ କୁମାର ମିଶ୍ର ବୋଲି ଜଣାପଡ଼ିଛି। ମନୋଜ ମୂଳତଃ ମଣିପୁରର ବାସିନ୍ଦା ଏବଂ ସେ 'ୟୁନିଟେଲ୍ ଫାର୍ମା' ନାମକ ଏକ ସଂସ୍ଥା ଜରିଆରେ ଦେଶର ପୂର୍ବ ଓ ଉତ୍ତର-ପୂର୍ବ ଅଞ୍ଚଳକୁ ଏହି ନକଲି ଔଷଧ ପଠାଉଥିଲେ। ପୁଲିସ ଚଢ଼ାଉ ବେଳେ ପ୍ରାୟ ୧୦ କୋଟି ଟଙ୍କାର ନକଲି ଔଷଧ, ୯୦, ୦୦୦ କ୍ୟାପସୁଲ୍ ଏବଂ ବଡ଼ ବଡ଼ ପ୍ୟାକେଜିଂ ମେସିନ୍ ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍)ରୁ ମଧ୍ୟ କିଛି ଅସଲି ଔଷଧ ଚୋରି କରି ଏହି ଗ୍ୟାଙ୍ଗକୁ ଯୋଗାଇ ଦିଆଯାଉଥିଲା। ଲୋକଙ୍କ ଜୀବନ ସହ ଖେଳୁଥିବା ଏହି ଅପରାଧୀମାନେ ଅତି ଦାମୀ ଔଷଧର ନକଲ ପ୍ରସ୍ତୁତ କରୁଥିଲେ, ଯାହାକୁ ଚିହ୍ନିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ଥିଲା। ଏହି ଘଟଣାରେ ସରକାରୀ ଯୋଗାଣ ଶୃଙ୍ଖଳାର କିଛି କର୍ମଚାରୀ ସାମିଲ ଥିବା ସନ୍ଦେହ କରାଯାଉଥିବାରୁ ପୁଲିସ ତଦନ୍ତକୁ ଆହୁରି ଜୋରଦାର କରିଛି। ଏହା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସୁରକ୍ଷା ତ୍ରୁଟିକୁ ଦର୍ଶାଉଛି।

## ନୀତୀଶଙ୍କ ପୁଅ ସମେତ ୩୨ ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ

ପାଟନା, ୭।୫(ଏଜେନ୍ସି): ବିହାର ରାଜନୀତିରେ ଆଜି ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟ କ୍ୟାବିନେଟ୍‌ର ସମ୍ପ୍ରସାରଣ କରାଯାଇ ମୋଟ ୩୨ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ପ୍ରଥମ ଥର ପାଇଁ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ନୂଆ ମନ୍ତ୍ରିମଣ୍ଡଳରେ ଭାରତୀୟ ଜନତା ପାର୍ଟିରୁ ୧୫ ଜଣ, ଜେଡିୟୁରୁ ୧୩ ଜଣ, ଏଲଜେପି (ଆରଭି) ରୁ ୨ ଜଣ ଏବଂ ହାମ୍ ଓ ଆରଏଲଏମରୁ ଜଣେ ଲେଖାଏଁ ନେତା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବୃତ୍ତିରେ ଜଣେ ଯନ୍ତ୍ରୀ ଥିବା ୫୦ ବର୍ଷୀୟ ନିଶାନ୍ତ କୁମାର ଚଳିତ ବର୍ଷ ମାର୍ଚ୍ଚ ମାସରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ସେ ଉପ-ମୁଖ୍ୟମନ୍ତ୍ରୀ ପଦ ପାଇଁ ମନା କରିଦେଇଥିଲେ ମଧ୍ୟ ଶେଷରେ ମନ୍ତ୍ରୀ ହେବାକୁ ସମ୍ମତି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ନୀତିଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଏବେ ବିଜେପିର ସମ୍ରାଟ ଚୌଧୁରୀ ବିହାରର ମୁଖ୍ୟମନ୍ତ୍ରୀ ଅଛନ୍ତି। ଦୀର୍ଘ ଦଶନ୍ଧି ଧରି ପରିବାରବାଦ ରାଜନୀତିର ବିରୋଧ କରିଆସୁଥିବା ନୀତିଶ କୁମାରଙ୍କ ପୁଅଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଦଳୀୟ ନେତାଙ୍କ ଅନୁଯାୟୀ, ନିଶାନ୍ତଙ୍କ ଯୋଗଦାନ ଦ୍ୱାରା ସରକାର ଏବଂ ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରହିବ। ବିହାର ବିକାଶ ପାଇଁ ନିଶାନ୍ତ ଏବେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି।

## କ୍ଷମା ମାଗିଲେ ରାଜସ୍ଥାନ ବିଜେପି ସଭାପତି

ଜୟପୁର, ୭।୫(ଏଜେନ୍ସି): ରାଜସ୍ଥାନର ତିଜାରା ବିଧାୟକ ମହନ୍ତ ବାଲକନାଥଙ୍କ ଜାତିଆଣ ମନ୍ତବ୍ୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ରାଜ୍ୟ ବିଜେପି ସଭାପତି ମଦନ ରାଠୋର ସାଧାରଣରେ କ୍ଷମା ପ୍ରାର୍ଥନା କରିଛନ୍ତି। ବିଜେପି ବିଧାୟକ ଜଣେ ଅଧିକାରୀଙ୍କ ସହ କଥା ହେବା ସମୟରେ 'ସୈନୀ' ସମ୍ପ୍ରଦାୟ ପ୍ରତି ଅପମାନଜନକ ଶବ୍ଦ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ସୂଚନା ଅନୁଯାୟୀ, ବିଧାୟକ ବାଲକନାଥ ନିଜ ନିର୍ବାଚନ ମଣ୍ଡଳୀରେ ଏକ ନିମ୍ନମାନର ରାସ୍ତା କାମକୁ ନେଇ ଜଣେ ଯନ୍ତ୍ରୀଙ୍କୁ ଫୋନ୍‌ରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ସେ ଏକ ନିର୍ଦ୍ଦିଷ୍ଟ ଜାତି ପ୍ରତି ଆକ୍ଷେପ କରିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ସୈନୀ/ମାଳି ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ପ୍ରଦାୟର ପ୍ରତିନିଧି ଦଳ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ବିରୋଧ ପ୍ରଦର୍ଶନ କରିବା ପରେ, ଦଳର ମୁଖ୍ୟ ଭାବେ ମଦନ ରାଠୋର କ୍ଷମା ମାଗିଛନ୍ତି। ବିଧାୟକ ବାଲକନାଥ ମଧ୍ୟ ସୋସିଆଲ ମିଡିଆ ମାଧ୍ୟମରେ ଦୁଃଖ ପ୍ରକାଶ କରିଛନ୍ତି। ରାଜନୀତିରେ ଜାତିଗତ ସମ୍ବେଦନଶୀଳତା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ଘଟଣା ତାହାର ଏକ ବଡ଼ ଉଦାହରଣ।

# ସଡ଼କ ଦୁର୍ଘଟଣା ନେଉଛି ଦିନକୁ ୫୪୬ ଜୀବନ

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ଭାରତର ପ୍ରଗତି ପଥରେ ଏବେ ସଡ଼କ ଦୁର୍ଘଟଣା ଏକ କରାଳ ଛାୟା ସଦୃଶ ଉଭା ହୋଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି)ର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ଦେଶରେ ଟ୍ରାଫିକ ସମ୍ବନ୍ଧୀୟ ଦୁର୍ଘଟଣାରେ ମୋଟ ୧.୯୯ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଏହାର ଅର୍ଥ ହେଉଛି, ଭାରତରେ ପ୍ରତିଦିନ ହାରାହାରି ୫୪୬ ଜଣ ବ୍ୟକ୍ତି ସଡ଼କ କିମ୍ବା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏହି ପରିସଂଖ୍ୟାନ କେବଳ ପରିବାରଗୁଡ଼ିକୁ ଉଜାଡ଼ି ଦେଉନାହିଁ, ବରଂ ଦେଶର ଅର୍ଥନୀତି (ଜିଡିପି) ଉପରେ ମଧ୍ୟ ପ୍ରାୟ ୩.୧୪ ପ୍ରତିଶତର ଆର୍ଥିକ ବୋଝ ପକାଉଛି। ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ଉତ୍ତର ପ୍ରଦେଶ ଦେଶରେ ପ୍ରଥମ ସ୍ଥାନରେ ରହିଛି ଓ ଏହି ରାଜ୍ୟରେ ୨୭, ୦୭୧ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ (ମୋଟ ମୃତ୍ୟୁର ୧୩.୬%) ବରଣ କରିଛନ୍ତି। ତାମିଲନାଡୁ ୨୦, ୩୯୦ ମୃତ୍ୟୁ (୧୦.୨%) ସହ ଦ୍ୱିତୀୟ ସ୍ଥାନରେ ରହିଛି। ମହାରାଷ୍ଟ୍ର ୧୯, ୪୭୫ ମୃତ୍ୟୁ (୯.୮%) ସହ ତୃତୀୟ ସ୍ଥାନରେ ରହିଛି। ଏହି ତିନୋଟି ରାଜ୍ୟରେ ହିଁ ଦେଶର ମୋଟ ଦୁର୍ଘଟଣାଜନିତ ମୃତ୍ୟୁର ଏକ-ତୃତୀୟାଂଶ ସଂଗଠିତ ହୋଇଛି। ଅସାବଧାନତା ଓ ଅତ୍ୟଧିକ ବେଗ କାରଣରୁ ସଡ଼କ ଦୁର୍ଘଟଣା ଘଟୁଛି ବୋଲି କୁହାଯାଇଛି। ଅତ୍ୟଧିକ ବେଗ ୫୮% ମୃତ୍ୟୁ ପାଇଁ ଦାୟୀ। ବେପରୁଆ ଗାଡ଼ି ଚାଳନା ୨୬.୩% ଦୁର୍ଘଟଣାର କାରଣ। ସନ୍ଧ୍ୟା ୬ଟାରୁ ରାତି ୯ଟା ମଧ୍ୟରେ



■ ମୃତ୍ୟୁର କାରଣ ସାଜିଛି 'ଅତ୍ୟଧିକ ବେଗ'
■ ପ୍ରଥମ ସ୍ଥାନରେ ଉତ୍ତର ପ୍ରଦେଶ

ସବୁଠାରୁ ଅଧିକ (୨୦.୮%) ଦୁର୍ଘଟଣା ଘଟୁଥିବା ରେକର୍ଡ କରାଯାଇଛି। ଦୁଇଚକିଆ ଯାନ ଓ ପଥଚାରୀ ସବୁଠାରୁ ଅସୁରକ୍ଷିତ। ସଡ଼କରେ ଯାଉଥିବା ଯାନବାହନ ମଧ୍ୟରେ ଦୁଇଚକିଆ ଗାଡ଼ି ଚାଳକମାନେ ସବୁଠାରୁ ଅଧିକ ବିପଦରେ ଅଛନ୍ତି। ଦୁଇଚକିଆ ଯାନରେ ୮୪, ୫୯୯ ମୃତ୍ୟୁ ବରଣ କରୁଥିବା ବେଳେ ୨୫, ୭୬୯ ପଥଚାରୀଙ୍କ ମୃତ୍ୟୁ ହୋଇଛି। ସେହିପରି କାର୍ ଓ ଅନ୍ୟାନ୍ୟ ଯାନ ପାଇଁ ୨୩, ୭୩୯ ମୃତ୍ୟୁ ଘଟୁଛି। ରେଳ ଦୁର୍ଘଟଣା କ୍ଷେତ୍ରରେ ମହାରାଷ୍ଟ୍ରରେ ସବୁଠାରୁ ଅଧିକ ପ୍ରାଣହାନୀ ଘଟିଛି (ପ୍ରାୟ ୨୮.୯%)। ମୁଖ୍ୟତଃ ଉପକଣ୍ଠ ରେଳ ସେବାରେ ଚଳନ୍ତା ଟ୍ରେନରୁ ଖସିପଡ଼ିବା କିମ୍ବା ଲାଇନ୍ ପାର ହେବା ସମୟରେ ଏହି ଦୁର୍ଘଟଣା ଘଟୁଛି। ସେହିପରି ଲେଭଲ୍ କ୍ରସିଂ ଦୁର୍ଘଟଣାରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଏବଂ କେରଳ ସବୁଠାରୁ ଆଗରେ ରହିଛନ୍ତି। ଜାତୀୟ ରାଜପଥସମୁଦାୟସଡ଼କରମାତ୍ର୨.୧%ହୋଇଥିଲେ ହେଁ, ଏଠାରେ ପ୍ରାୟ ୩୦% ଦୁର୍ଘଟଣା ଘଟିବା ଏକ ଗମ୍ଭୀର ବିଷୟ। ପ୍ରାକୃତିକ ବିପର୍ଯ୍ୟୟକୁ ଛାଡ଼ିଦେଲେ, ପ୍ରାୟ ଅଧିକାଂଶ ଦୁର୍ଘଟଣା କେବଳ ସଚେତନତା ଏବଂ ନିୟମ ପାଳନ ଦ୍ୱାରା ରୋକାଯାଇପାରିବ। ସରକାରୀ ସ୍ତରରେ ଭିତ୍ତିଭୂମିର ଉନ୍ନତି ସହିତ ବ୍ୟକ୍ତିଗତ ସ୍ତରରେ ଗାଡ଼ି ଚାଳନା ଶୈଳୀରେ ପରିବର୍ତ୍ତନ ହିଁ ଏହି ରକ୍ତାକ୍ତ ପରିସଂଖ୍ୟାନକୁ କମାଇପାରିବ।

## ଅପରାଧ ଶୀର୍ଷରେ ଦିଲ୍ଲୀ

### ସାଇବର ଅପରାଧରେ ବେଙ୍ଗାଲୁରୁ ନମ୍ବର ୧

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ପକ୍ଷରୁ ୨୦୨୪ ବର୍ଷ ପାଇଁ ଦେଶର ଅପରାଧ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ, ଦେଶର ରାଜଧାନୀ ଦିଲ୍ଲୀରେ ମହିଳା ଏବଂ ବୟସ୍କଙ୍କ ବିରୋଧରେ ଅପରାଧ ସବୁଠାରୁ ଅଧିକ ରହିଛି। ଦିଲ୍ଲୀରେ ୨୦୨୪ରେ ୧୩, ୩୯୬ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି, ଯାହା ଦେଶର ସମସ୍ତ ମେଟ୍ରୋ ସହର ମଧ୍ୟରେ ସର୍ବାଧିକ। ବରିଷ୍ଠ ନାଗରିକଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ମଧ୍ୟ ଦିଲ୍ଲୀ ଆଗରେ ରହିଛି (୧, ୨୬୭ ମାମଲା)। ତେବେ ରାଜ୍ୟ ତାଲିକାରେ ମଧ୍ୟପ୍ରଦେଶ ୫, ୮୭୫ଟି ମାମଲା ସହ ଶୀର୍ଷରେ ରହିଛି। ସାରା ଦେଶରେ ବୟସ୍କଙ୍କ ବିରୋଧରେ ଅପରାଧ ୧୬.୯% ବୃଦ୍ଧି ପାଇବା ଏକ ଚିନ୍ତାର ବିଷୟ। କିନ୍ତୁ ଦେଶରେ ସାମଗ୍ରିକ ଅପରାଧ ହାର ୬% ହ୍ରାସ ପାଇଛି। ଅନୁସୂଚିତ ଜାତି (ଏସ୍‌ସି) ବିରୋଧୀ ଅପରାଧରେ ୩.୬% ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବିରୋଧୀ ଅପରାଧରେ ୨୩.୧% ହ୍ରାସ ଘଟିଛି। ଦେଶରେ ସାମଗ୍ରିକ ଅପରାଧ କମୁଥିଲେ ମଧ୍ୟ ସାଇବର ଠକେଇ ଏବଂ ବୟସ୍କଙ୍କ ସୁରକ୍ଷା ଏବେ ମଧ୍ୟ ଏକ ବଡ଼ ଆହ୍ୱାନ ହୋଇ ରହିଛି। ଡିଜିଟାଲ ଯୁଗରେ ଅପରାଧର ରୂପ ମଧ୍ୟ ବଦଳିବାରେ ଲାଗିଛି। ୨୦୨୪ରେ ସାଇବର ଅପରାଧ ମାମଲା ୧୭.୯ ପ୍ରତିଶତ ବୃଦ୍ଧି ଘଟିଛି। ଦେଶର ଆଇଟି ହବ୍ କୁହାଯାଉଥିବା ବେଙ୍ଗାଲୁରୁ ସାଇବର ଅପରାଧରେ ସବୁଠାରୁ ଆଗରେ ରହିଛି (୧୭, ୫୬୧ ମାମଲା)। ମୁମ୍ବାଇ ଏବଂ ହାଇଦ୍ରାବାଦ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି।

# ଶୁଭେନ୍ଦୁଙ୍କ ପିଏ ହତ୍ୟାକାଣ୍ଡ: ୨୪ ଘଣ୍ଟା ପରେ ବି ପୁଲିସ ହାତ ଖାଲି

କୋଲକାତା, ୭।୫ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ଏବେ ଚରମ ସୀମାରେ ପହଞ୍ଚିଛି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଚନ୍ଦ୍ରନାଥ ରଥଙ୍କୁ ହତ୍ୟା କରାଯିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଧରାପଡ଼ି ନାହାନ୍ତି ହତ୍ୟାକାରୀ। ହତ୍ୟାରେ ବ୍ୟବହୃତ କାର ଓ ମୋଟର ସାଇକଲ ଜବତ ହୋଇଥିଲେ ମଧ୍ୟ ହତ୍ୟାକାଣ୍ଡ ପଛରେ କିଏ, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଏହି ହତ୍ୟାକାଣ୍ଡ ପାଇଁ ଟିଏମସିକୁ ବିଜେପି ଦୋଷ ଦେଉଥିଲା ବେଳେ ଏହାର ନିରପେକ୍ଷ ତଦନ୍ତ ଦାବି କରିଛି ଟିଏମସି। ଏଥିରେ ଟିଏମସିର କୌଣସି ଭୂମିକା ନାହିଁ ଏବଂ ସିବିଆଇ ଦ୍ୱାରା ତଦନ୍ତ ହେଲେ ପ୍ରକୃତ ଦୋଷୀ ଧରାପଡ଼ିବେ ବୋଲି ଟିଏମସି କହିଛି।

ଗତକାଲି ରାତିରେ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମଧ୍ୟମଗ୍ରାମରେ ରଥଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଥିଲା। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା। ଚନ୍ଦ୍ରନାଥ ରଥ ନିଜ ସ୍କର୍ପିଓ ଗାଡ଼ିରେ ଯାଉଥିବା ସମୟରେ ଏକ ରୂପେଲି



■ ୨୦୧୩, ୨୦୧୮, ୨୦୨୧ରେ ବି ଶୁଭେନ୍ଦୁଙ୍କ ୩ ସହଯୋଗୀ ହତ୍ୟାର ଶିକାର ହୋଇଥିଲେ

ରଙ୍ଗର କାର୍ ଓ ଏକ ମୋଟରସାଇକେଲ୍ ତାଙ୍କୁ ପିଛା କରିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ତାଙ୍କ ଗାଡ଼ିକୁ ଓଭରଟେକ୍ କରି ଅଟକାଇଥିଲେ ଏବଂ ପରେ ଅତି ନିକଟରୁ ଅନ୍ଧାଧୁନ୍ଦ ଗୁଳିଚାଳନା କରିଥିଲେ। ପ୍ରାୟ ୧୦ ରାଉଣ୍ଡ ଗୁଳି ଚନ୍ଦ୍ରନାଥଙ୍କ ଛାତି, ପେଟ ଓ ମୁଣ୍ଡରେ ବାଜିଥିଲା, ଯାହାଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ି ଚାଳକଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି। ପଶ୍ଚିମବଙ୍ଗ ପୁଲିସ ମହାନିର୍ଦ୍ଦେଶକ ସିଦ୍ଧନାଥ ଗୁପ୍ତାଙ୍କ ସୂଚନା ଅନୁସାରେ, ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ଗାଡ଼ିକୁ ଜବତ କରାଯାଇଛି, ଯାହାର ନମ୍ବର ପ୍ଲେଟ୍‌କୁ ପରିବର୍ତ୍ତନ କରାଯାଇଛି। ଘଟଣାସ୍ଥଳରୁ ଅଷ୍ଟ୍ରିଆ ନିର୍ମିତ 'ଗ୍ଲକ୍ ପିସ୍ତଲ'ର ଗୁଳି ଖୋଳା ମିଳିଥିବା ସନ୍ଦେହ କରାଯାଉଛି।

ଶୁଭେନ୍ଦୁ ଅଧିକାରୀ ଦଳୀୟକର୍ମୀକର୍ତ୍ତାଙ୍କୁ ଶାନ୍ତି ରକ୍ଷା କରିବାକୁ ନିବେଦନ କରିଛନ୍ତି। ସେ ମମତା ବାନାର୍ଜୀଙ୍କୁ ହରାଇଥିବାରୁ ରଥଙ୍କୁ ହତ୍ୟାକରାଯାଇଥିବା ସେଅଭିଯୋଗକରିଛନ୍ତି।ବିଜେପିନେତାଅର୍ଜୁନ ସିଂହ ସିଧାସଳଖ ତୃଣମୂଳ କଂଗ୍ରେସର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ଏହି ହତ୍ୟାକାଣ୍ଡର ମୁଖ୍ୟ ସୂତ୍ରଧାର ବୋଲି କହିଛନ୍ତି।

ଶୁଭେନ୍ଦୁଙ୍କ ବ୍ୟକ୍ତିଗତ ସହାୟକ ହତ୍ୟାକାଣ୍ଡ ପ୍ରଥମ ଘଟଣା ନୁହେଁ। ୨୦୧୩ରେ ତାଙ୍କର ପିଏଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ୨୦୧୮ ରେ ତାଙ୍କର ଅଙ୍ଗରକ୍ଷୀଙ୍କୁ ହତ୍ୟା କରାଯାଇଥିଲା। ୨୦୨୧ରେ ମଧ୍ୟ ଶୁଭେନ୍ଦୁଙ୍କ ଡ୍ରାଇଭରଙ୍କୁ ହତ୍ୟା କରାଯାଇଥିଲା। ଏହିସବୁ ହତ୍ୟାକାଣ୍ଡ ଏବେ ବି ରହସ୍ୟରେ ରହିଛି।

## ହାୱଡ଼ାରେ ବିଜେପି-ଟିଏମ୍‌ସି ସଂଘର୍ଷ

କୋଲକାତା, ୭।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ବିଜୟ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସା ଦେଖାଦେଇଛି। ହାୱଡ଼ାର ଶିବପୁର ଅଞ୍ଚଳରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ସୂଚନା ଅନୁଯାୟୀ, ବିଜେପିର ବିଜୟ ଉତ୍ସବ ପାଳନ ସମୟରେ ଶିବପୁରର ଚୌରାବସ୍ତି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ହୋଇଛି ଯେ, ଦୁର୍ବୃତ୍ତମାନେ ପ୍ରାୟ ୧୨-୧୫ଟି ବୋମା ମାଡ଼ କରିବା ସହ ୭-୮ ରାଉଣ୍ଡ ଗୁଳି ଚଳାଇଛନ୍ତି। ଏହି ଆକ୍ରମଣରେ ବିଜେପି ସଂଖ୍ୟାଲଘୁ ସେଲ୍‌ର ସଭାପତିଙ୍କ ସମେତ ଅନେକ ଲୋକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

# କଂଗ୍ରେସ ଚଳାଇଛି କେରଳ କସରତ

### ୧୦ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା

**ତିନି ହେଭିୱେଟ୍‌ଙ୍କ ମଧ୍ୟରେ କଡ଼ା ଟକ୍କର**

ତିରୁଅନନ୍ତପୁରମ, ୭।୫(ଏଜେନ୍ସି): କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସର ଐତିହାସିକ ବିଜୟପରେ, କିଏ ହେବେ ଏହି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ, ତାହାକୁ ନେଇ ଆରମ୍ଭ ହୋଇଛି ଜୋର୍‌ଦାର୍ ମାନସମନ୍ଥନ। ଗୁରୁବାର ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ ପରେ, ମେ' ୧୦ ତାରିଖ ରବିବାର ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ତିରୁଅନନ୍ତପୁରମର ଇନ୍ଦିରା ଭବନରେ ଏକାଠି ହୋଇଥିବା ୬୩ ଜଣ ନବ ନିର୍ବାଚିତ ବିଧାୟକ ମୁଖ୍ୟମନ୍ତ୍ରୀ ଚୟନର ପୂର୍ଣ୍ଣ କ୍ଷମତା ଦଳର ହାଇକମାଣ୍ଡଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟର ସର୍ବୋଚ୍ଚ ପଦବୀ ପାଇଁ ଏବେ ତିନିଜଣ ପ୍ରଭାବଶାଳୀ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ସବୁଠାରୁ ଅଧିକ ଥିବା ଦେଖିବାକୁ ମିଳୁଛି। ଏହି ୩ ଜଣଙ୍କ ମଧ୍ୟରୁ ଭିଡି ସତୀଶନ୍ ଅନ୍ୟତମ। ବିରୋଧୀ ଦଳ ନେତା ଭାବେ ନିଜର ଦକ୍ଷତା ପ୍ରମାଣ କରିଥିବା ସତୀଶନ୍‌ଙ୍କ ସପକ୍ଷରେ ଏକ ବଡ଼ ଗୋଷ୍ଠୀ ରହିଛନ୍ତି। ସେହିପରି କେସି ଭେଣୁଗୋପାଳ ମଧ୍ୟ ଦୌଡ଼ରେ ଅଛନ୍ତି। ସାଂସଦ ତଥା ଜାତୀୟ ରାଜନୀତିର ଚେହେରା ଭେଣୁଗୋପାଳଙ୍କୁ ମଧ୍ୟ ଅନେକ ବିଧାୟକ ସମର୍ଥନ କରୁଥିବା ସୂଚନା ମିଳିଛି। ରମେଶ ଚେନ୍ନିଥାଲା ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଅଛନ୍ତି। କଂଗ୍ରେସର ଜଣେ ଅଭିଜ୍ଞ ନେତା ଭାବେ ଚେନ୍ନିଥାଲାଙ୍କ ନାମ ମଧ୍ୟ ଦୌଡ଼ରେ ରହିଛି।

ଏଆଇସିସି ପକ୍ଷରୁ ନିଯୁକ୍ତ ବରିଷ୍ଠ ନେତା ମୁକୁଲ୍ ୱାସନିକ୍ ଏବଂ ଅଜୟ ମାକେନ୍ ଆଜି ଦିନସାରା ପ୍ରତ୍ୟେକ ବିଧାୟକଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରି ସେମାନଙ୍କ ମତାମତ ସଂଗ୍ରହ କରିଛନ୍ତି। ଏହି ବୈଠକରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି, ଯେଉଁଥିରେ କୁହାଯାଇଛି ଯେ କଂଗ୍ରେସ ଅଧ୍ୟକ୍ଷ ହିଁ ଚୂଡ଼ାନ୍ତ ନେତା ବାଛିବେ। ବିଧାୟକଙ୍କ ସମର୍ଥନ ସହିତ ସାଧାରଣ କର୍ମକର୍ତ୍ତାଙ୍କ ଭାବନାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ପ୍ରଦେଶ କଂଗ୍ରେସ ସଭାପତି କେ ସୁଧାକରନ୍ ପ୍ରକାଶ କରିଛନ୍ତି। ୟୁଡିଏଫ୍ ମେଣ୍ଟର ଅନ୍ୟ ସହଯୋଗୀ ଦଳଙ୍କ ସହ ଆଲୋଚନା ପରେ ଦୁଇ ପର୍ଯ୍ୟବେକ୍ଷକ ନିଜର ରିପୋର୍ଟ ହାଇକମାଣ୍ଡଙ୍କୁ ପ୍ରଦାନ କରିବେ। କେ ମୁରଲୀଧରନ୍‌ଙ୍କ କହିବା ଅନୁଯାୟୀ, ରବିବାର ସନ୍ଧ୍ୟା ସୁଦ୍ଧା କେରଳର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ସାରା ବିଶ୍ୱ ଜାଣିବାକୁ ପାଇବ। କେରଳର ଜନସାଧାରଣ ଏକ ସ୍ଥାୟୀ ଏବଂ ବିକାଶମୁଖୀ ଶାସନ ଆଶାରେ କଂଗ୍ରେସ ଉପରେ ଭରସା ପ୍ରକଟ କରିଛନ୍ତି। ଏବେ ଦଳର ଶୀର୍ଷ ନେତୃତ୍ୱ କାହା ମୁଣ୍ଡରେ ସୁନା କଳସ ଢାଳୁଛନ୍ତି, ତାହା ଦେଖିବାକୁ ବାକି ରହିଲା। ମେ' ୧୦ରେ କେରଳ ରାଜନୀତିରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏବେ ସମସ୍ତଙ୍କ ନଜର ସୋନିଆ ଓ ରାହୁଲଙ୍କ ଉପରେ ରହିଛି।

## ଜଳ ଜୀବନ ମିସନ ଦୁର୍ନୀତି: ପୂର୍ବତନ ମନ୍ତ୍ରୀ ଗିରଫ

ଜୟପୁର, ୭।୫(ଏଜେନ୍ସି): ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ମହେଶ ଯୋଶୀଙ୍କୁ ୯୦୦ କୋଟି ଟଙ୍କାର 'ଜଳ ଜୀବନ ମିଶନ' ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଗିରଫ କରିଛି। ଗିରଫ ହେବା ପରେ ଯୋଶୀ କହିଛନ୍ତି ଯେ, ସତ୍ୟର କେବେ ପରାଜୟ ହୁଏ ନାହିଁ। ଅଭିଯୋଗ ଅନୁଯାୟୀ, ମହେଶ ଯୋଶୀ ଜନସ୍ୱାସ୍ଥ୍ୟ ବୈଷୟିକ ବିଭାଗ ମନ୍ତ୍ରୀ ଥିବା ସମୟରେ ନିଜ ପଦବୀର ଅପବ୍ୟବହାର କରିଥିଲେ। ସେ ମୋଟା ଅଙ୍କର ଲାଞ୍ଚ ନେଇ ନକଲି ପ୍ରମାଣପତ୍ର ଆଧାରରେ ବିଭିନ୍ନ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରିଥିବା ଜଣାପଡ଼ିଛି। ପୂର୍ବରୁ ୨୦୨୫ ଏପ୍ରିଲରେ ଇଡ଼ି ମଧ୍ୟ ତାଙ୍କୁ ଗିରଫ କରିଥିଲା। ଏସିବି ଏହି ମାମଲାରେ ଯୋଶୀଙ୍କ ସମେତ ୨୨ ଜଣ ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି। ଏକ ଗୁପ୍ତ ଇମେଲ୍ ଆଇଡି ମାଧ୍ୟମରେ ଏହି ବଡ଼ ଧରଣର କାରବାରର ପର୍ଦ୍ଦାଫାଶ ହୋଇଛି। ଜଳ ଜୀବନ ମିଶନ ଭଳି ଏକ ଜନହିତକର ଯୋଜନାରେ ଏତେ ବଡ଼ ଦୁର୍ନୀତି ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।କିଭଳି ସରକାରୀ ପାଣ୍ଠିର ହରିଲୁଟ୍ ହେଉଥିଲା, ତାହା ଏବେ ସାମ୍ନାକୁ ଆସିଛି। ଏହି ଗିରଫଦାରୀ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି।

# ପାକିସ୍ତାନ ଆକାଶରେ ମଣିପୁରୀ ପୁଅର ଉଡ଼ାଣ ଗର୍ଜନ

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ଠିକ୍ ବର୍ଷକ ତଳେ ଆଜିର ଦିନରେ ଭାରତୀୟ ବାୟୁସେନାର ଶକ୍ତିଶାଳୀ ଗର୍ଜନରେ କମ୍ପି ଉଠିଥିଲା ପଡୋଶୀ ଦେଶର କୁଖ୍ୟାତ ଆତଙ୍କବାଦୀ ଶିବିର। 'ଅପରେସନ୍ ସିନ୍ଦୂର'ର ପ୍ରଥମ ବାର୍ଷିକୀ ଅବସରରେ ଆଜି ସେହି ସାହସୀ ବୀରଙ୍କ ଗାଥାକୁ ସାରା ଦେଶ ମନେ ପକାଉଛି, ଯିଏ ମୃତ୍ୟୁର ଜାଲକୁ ପଛରେ ପକାଇ ଶତ୍ରୁ ସୀମାରେ ପ୍ରବେଶ କରିଥିଲେ। ସେ ହେଉଛନ୍ତି




ଅପରେସନ ସିନ୍ଦୂରର ସୁପର ହିରୋ

ମଣିପୁରର ଗୌରବ, ସ୍କ୍ୱାଡ୍ରନ୍ ଲିଡର୍ ରିଜୱାନ୍ ମଲିକ୍। ନିଜର ପ୍ରାଣକୁ ପାଣି ଛଡ଼ାଇ ସେ ଅମାବାସ୍ୟାର କଳା ଅନ୍ଧକାର ମଧ୍ୟରେ ଶତ୍ରୁର ଆକାଶ ପ୍ରତିରକ୍ଷାକୁ ଧୂଳିସାତ କରି ଭାରତୀୟ ବୀରତ୍ୱର ଏକ ନୂତନ ଅଧ୍ୟାୟ ଲେଖିଥିଲେ। ଜମ୍ମୁ-କାଶ୍ମୀରର ପହଲଗାମଠାରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣର ଜବାବ ଦେବା ପାଇଁ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିଲା 'ଅପରେସନ୍ ସିନ୍ଦୂର'। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପାକିସ୍ତାନ ସୀମା ମଧ୍ୟରେ ଲୁଚି ରହିଥିବା ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଇବାର ଘାଟିଗୁଡ଼ିକୁ ସମୂଳେ ବିନାଶ କରିବା। ଏହି ଅଭିଯାନର ଜଣେ ପ୍ରମୁଖ ସାରଥି ଥିଲେ ସ୍କ୍ୱାଡ୍ରନ୍ ଲିଡର୍ ରିଜୱାନ୍ ମଲିକ୍। ସେ ନିଜର ସୁଖୋଇ ଯୁଦ୍ଧବିମାନ ସହିତ ବିନା କୌଣସି ସୁରକ୍ଷା ବଳୟରେ ଶତ୍ରୁର ଦୁର୍ଭେଦ୍ୟ ଦୁର୍ଗ ମଧ୍ୟକୁ ପ୍ରବେଶ କରିଥିଲେ। ସେହି ସଂଘର୍ଷପୂର୍ଣ୍ଣ ନିଶାର୍ଦ୍ଧରେ ଚତୁର୍ଦ୍ଦିଗରୁ ଶତ୍ରୁର ରାଡାର୍ ଓ କ୍ଷେପଣାସ୍ତ୍ର ରିଜୱାନଙ୍କୁ ଘେରି ରହିଥିଲେ। ମାତ୍ର ମଣିପୁରର ଏହି ସନ୍ତାନଙ୍କ ମନରେ ଭୟ ନଥିଲା, ଥିଲା କେବଳ ଦେଶପ୍ରେମର ଅଦମ୍ୟ ଜ୍ୱାଳା। ଅତି ନିମ୍ନ ସ୍ତରରେ ବିମାନ ଚଳାଇ ସେ ଶତ୍ରୁର ଆଖିରେ ଧୂଳି ଦେଇଥିଲେ। ଗୋଟିଏ ପରେ ଗୋଟିଏ ସଠିକ୍ ଲକ୍ଷ୍ୟଭେଦ କରି ସେ ଆତଙ୍କବାଦୀଙ୍କ ଆଶ୍ରୟସ୍ଥଳୀକୁ ଛାରଖାର କରିଦେଇଥିଲେ। ଶତ୍ରୁ ପକ୍ଷରୁ ପ୍ରବଳ ଗୁଳିବର୍ଷା ସତ୍ତ୍ୱେ ସେ ନିଜର ଦ୍ୱିତୀୟ ଆକ୍ରମଣ ଜାରି ରଖିଥିଲେ ଏବଂ ସମଗ୍ର ସୀମାନ୍ତ ଅଞ୍ଚଳରେ ଏକ ପ୍ରକାର ରଣକ୍ଷେତ୍ରର ଭ୍ରମ ସୃଷ୍ଟି କରିଥିଲେ। ଇମ୍ଫାଲ୍‌ରେ ଏକ ସାଧାରଣ ପରିବାରରେ ଜନ୍ମିତ ରିଜୱାନ୍ ପିଲାଦିନରୁ ଥିଲେ ଅତ୍ୟନ୍ତ ଅଭିଳାଷୀ। ୨୦୧୫ରେ ବାୟୁସେନାରେ ଯୋଗ ଦେଇ ସେ ସୁଖୋଇ ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଚଳାଇବାର ଦକ୍ଷତା ହାସଲ କରିଥିଲେ। ତାଙ୍କର ଏହି ଅସାଧାରଣ ସାହସିକତା ପାଇଁ ୨୦୨୫ ମସିହା ସ୍ୱାଧୀନତା ଦିବସ ଅବସରରେ ଭାରତ ସରକାର ତାଙ୍କୁ ସମ୍ମାନଜନକ 'ବୀର ଚକ୍ର' ଉପାଧିରେ ଭୂଷିତ କରିଛନ୍ତି।

## ଭାରତ ପ୍ରସ୍ତୁତ କରିବ 'ଡ୍ରୋନ୍ ଫୋର୍ସ'

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ଆଧୁନିକ ଯୁଦ୍ଧ କୌଶଳରେ ନିଜକୁ ଶକ୍ତିଶାଳୀ କରିବା ପାଇଁ ଭାରତ ଏକ ସମର୍ପିତ 'ଡ୍ରୋନ୍ ଫୋର୍ସ' ଗଠନ କରିବାକୁ ଯୋଜନା କରିଛି। 'ଅପରେସନ ସିନ୍ଦୂର' ଏବଂ ବିଶ୍ୱର ବିଭିନ୍ନ ଯୁଦ୍ଧରୁ ଶିକ୍ଷାଲାଭ କରି ପ୍ରତିରକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ଏହି ସ୍ୱତନ୍ତ୍ର ବାହିନୀ ପାଇଁ ପ୍ରାୟ ୫୦, ୦୦୦ ସୈନ୍ୟଙ୍କୁ ଏଆଇ ଏବଂ ସିମୁଲେଟର ସାହାଯ୍ୟରେ ପ୍ରଶିକ୍ଷଣ ଦିଆଯାଉଛି। ଆଗାମୀ ୩ ବର୍ଷ ମଧ୍ୟରେ ୧୫ଟି ନୂତନ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଇ ବାସ୍ତବ ଯୁଦ୍ଧର ଅନୁଭୂତି ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବିଏସ୍‌ଏଫ୍ ଏବଂ ଆଇଟିବିପି'କୁ ମଧ୍ୟ ଏହି ନେଟୱାର୍କ ସହ ଯୋଡ଼ାଯିବ। ପ୍ରତ୍ୟେକ ସୈନ୍ୟଙ୍କ ପାଖରେ ବ୍ୟକ୍ତିଗତ ଡ୍ରୋନ୍ ରହିବ ଏବଂ ଭାରତୀୟ ସେନା ପାଖରେ ପ୍ରାୟ ୧ ଲକ୍ଷ ଡ୍ରୋନ୍ ମହଜୁଦ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭାରତ ଏବେ ନିଜର ପ୍ରତିରକ୍ଷା ବଜେଟର ୭୫% ଘରୋଇ ଉତ୍ପାଦନରେ ଖର୍ଚ୍ଚ କରୁଛି। ଗୁରୁତ୍ୱପୂର୍ଣ୍ଣ କ୍ଷେପଣାସ୍ତ୍ରର ରକ୍ଷଣାବେକ୍ଷଣ ଏବେ ଭାରତରେ କରାଯିବ। ଏଥିସହ ଶତ୍ରୁପକ୍ଷର ଶସ୍ତା ଡ୍ରୋନକୁ ମାତ୍ ଦେବା ପାଇଁ 'ଲେଜର ଗନ୍' ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ ବ୍ୟବହାର କରାଯାଉଛି।

## ଇରାନ ଯୁଦ୍ଧରେ ଆମେରିକାର ଅକଳ୍ପନୀୟ କ୍ଷତି




ୱାସିଂଟନ, ୭।୫(ଏଜେନ୍ସି): ଇରାନ ଯୁଦ୍ଧରେ ଆମେରିକାର ଅକଳ୍ପନୀୟ କ୍ଷତି ଘଟିଛି। ୱାସିଂଟନ ପୋଷ୍ଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କ୍ଷତି ସଂପର୍କରେ ଆମେରିକା ଯାହା ସ୍ୱୀକାର କରୁଛି, ତାଠାରୁ ଅଧିକ କ୍ଷତି ହୋଇଛି। ଇରାନ ପକ୍ଷରୁ ଜାରି ଶହେରୁ ଅଧିକ ଉପଗ୍ରହ ଚିତ୍ରରୁ ଏହା ସ୍ପଷ୍ଟ ହେଉଛି। ଉପସାଗର ଅଞ୍ଚଳରେ ଥିବା ଆମେରିକାର ୧୫ଟି ସାମରିକ ପ୍ରତିଷ୍ଠାନ ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରି ୨୨୮ଟି ଠିକଣାକୁ ଛାରଖାର କରିଦେଇଛି। ସାଉଦୀ ଆରବ, କୁଏତ, ବାହାରୀନ, କତର, ୟୁଏଇ, ଜର୍ଡାନରେ ଥିବା ବିମାନ ହାଙ୍ଗର, ବାରାକ, ତେଲ ଡିପୋ, ଯୁଦ୍ଧ ବିମାନ, ରଡାର, ବାୟୁ ସୁରକ୍ଷା ପ୍ରଣାଳୀ ଏବଂ ଯୋଗଯୋଗ କେନ୍ଦ୍ର ଧ୍ୱଂସ ହୋଇଯାଇଛି। ଜର୍ଡାନରେ ଥିବା ଆମେରିକାର ଥାଡ୍ ରଡାର କେନ୍ଦ୍ର ଏବଂ ସାଉଦିରେ ଥିବା ସାମରିକ କମାଣ୍ଡ ଓ କଂଟ୍ରୋଲ ଏୟାରକ୍ରାଫ୍ଟ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସ ହୋଇଯାଇଛି। ଏହାଛଡ଼ା ଆମେରିକା ୪୦ଟି ଡ୍ରୋନ, ୪ଟି ଏଫ-୧୫ ବିମାନ, ଏଫ-୩୫ ଏବଂ ଏ-୧୦ ଭଳି ଅତ୍ୟାଧୁନିକ ଲଢୁଆ ବିମାନ ଓ ଅନେକ ହେଲିକପଟର ମଧ୍ୟ ହରାଇଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ନିଜକୁ ଶକ୍ତିଶାଳୀ ସାମରିକ ଶକ୍ତି କହୁଥିବା ଆମେରିକା ପାଇଁ ଏହା ବଡ଼ ଧରଣର ଝଟକା ବୋଲି କୁହାଯାଉଛି।

ରଥଖଳାରୁ...

# ତିନିରଥର ୧୮ ଚକ ନିର୍ମାଣ ଶେଷ



ପୁରୀ, ୭।୫ (ସମିସ): ରଥଯାତ୍ରା ପାଇଁ ରଥଖଳା ସମ୍ପୂର୍ଣ୍ଣ ଚଳଚଞ୍ଚଳ। ବିଧି ମୁତାବକ, ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆସନ୍ତା ଶନିବାର ଭଉଁରୀ। ପରମ୍ପରା ଅନୁଯାୟୀ, ଭଉଁରୀ ତିଥିରେ ତିନିରଥର ଚକଡେରା କାର୍ଯ୍ୟ ସମ୍ପନ୍ନ ହେବ। ଏହାକୁ ନଜରରେ ରଖି ମହାରଣା ସେବକମାନେ ପ୍ରସ୍ତୁତ ହୋଇଯାଇଛନ୍ତି। ଗୁରୁବାର ସୁଦ୍ଧା ତିନିରଥର ୧୮ଟି ଚକ ନିର୍ମାଣ ଶେଷ ହୋଇଛି। ଅନ୍ୟ ଚକଗୁଡ଼ିକରେ ପହି ପିନ୍ଧା କାର୍ଯ୍ୟ ଜାରି ରହିଛି। ଭୋଇ ସେବକ ସିଙ୍ଗଡାବାଡିଆ କାମ ଜାରି ରଖିଛନ୍ତି। ଅନ୍ୟ କାମ ମଧ୍ୟରେ ଶନିବାର ସୁଦ୍ଧା ୧୧ଟି ଲେଖାଏଁ ସାଲ ଗୁଜ, ୨୦ଟି ତିଖ ଗୁଜ, ୯ଟି ଲେଖାଏଁ ୨୭ଟି ଜଲ ଯନ୍ତ୍ର, ୩୨ଟି କୁତୁକା, ୧୨ଟି ଓରା ଏବଂ ୪ଟି ଲେଖାଏଁ ପ୍ରଥମ ଏବଂ ଦ୍ୱିତୀୟ ଭୂଇଁ ଖମ୍ବା ନିର୍ମାଣ ଶେଷ ହୋଇଛି। ଏଥିସହ ଅପରାହ୍ଣରେ ରଥ ଅମିନ ତିନିରଥର ଆଗ ଆଣି, ପଛ ଆଣି ଏବଂ ଦୁଇପାର୍ଶ୍ୱ ନିରାଡ଼ି ପାଇଁ ତିନି ରଥ ଚାଳିକୁ ୪ ଗୋଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଭୋଇ ସେବକଙ୍କ ସହାୟତାରେ ଯୋଗାଇ ଦେଇଛନ୍ତି। ମହାରଣା ସେବକମାନେ ଏହାର ଚଉପଟ କରୁଛନ୍ତି। ସେହିପରି ଭୋଇ ସେବକମାନେ ଯନ୍ତାଗାଡ଼ରେ ତିନିରଥର ଗୋଟିଏ ଗୋଟିଏ ତୁମ୍ବରେ ଅର ସଂଯୋଗ ପୂର୍ବକ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଶେଷ କରି ତିନିରଥ ଚାଳିକୁ ଯୋଗାଇ ଦେଇଛନ୍ତି। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ବାକି ଚକ ନିର୍ମାଣ ପାଇଁ ଆବଶ୍ୟକ ପଦାରି, ତୁମ୍ବ ବଳା, ଅର କଣ୍ଟା ଓ ପଦାରି ଚାବି ନିର୍ମାଣ କରୁଛନ୍ତି।

ଗୁଜରାଟ ନିବେଶକ ସମ୍ମିଳନୀ

# ୪୮,୩୩୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି

## ଆଗାମୀ ୧୦ ବର୍ଷ ହେବ 'ସୁବର୍ଣ୍ଣ ଦଶକ'- ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୭।୫(ସମିସ): ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଆଗାମୀ ଦଶ ବର୍ଷ ଓଡ଼ିଶା ପାଇଁ 'ସୁବର୍ଣ୍ଣ ଦଶକ' ହେବ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗୁଜରାଟ ଗସ୍ତ ସାରି ଗୁରବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରିବା ଅବସରରେ ଗଣମାଧ୍ୟମକୁ ଉପରୋକ୍ତ ପ୍ରତିକ୍ରିୟା ରଖିଛନ୍ତି। ଏହି ଗସ୍ତ ଅବସରରେ ସେ ଅହମଦାବାଦ, ମୁନ୍ଦ୍ରା, ଏକତା ନଗର ଓ ଭଦୋଦରା ଗସ୍ତ

■ ୮ ବୁଝାମଣା, ୬୩ କମ୍ପାନୀର ନିବେଶ ଆଗ୍ରହ ପତ୍ର
■ ୬୭,୮୩୮ ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ


କରି ବିଭିନ୍ନ ଶିଳ୍ପପତି ଓ ଶିଳ୍ପପ୍ରତିନିଧି ମାନଙ୍କ ସହିତ ଆଲୋଚନା କରିଛନ୍ତି। ଗୁଜରାଟ ରୋଡ୍-ଶୋ'ରେ ମୋଟ ୭୧ଟି ନିବେଶ ପ୍ରସ୍ତାବ (୮ଟି ଏମଓୟୁ ଏବଂ ୬୩ଟି ନିବେଶ ଆଗ୍ରହ ପତ୍ର) ମିଳିଛି। ଯଦ୍ୱାରା ଓଡ଼ିଶା ପାଇଁ ସମୁଦାୟ ୪୮,୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ଓ ପ୍ରସ୍ତାବ ମିଳିଛି। ଏହାଦ୍ୱାରା ୬୭,୮୩୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାରାଦୀପ, ଧାମରା ଓ ଗୋପାଳପୁର ପରି ବନ୍ଦର ଯୋଗୁ ଓଡ଼ିଶା ପୂର୍ବ-ଏସିଆ, ଦକ୍ଷିଣ ପୂର୍ବ-ଏସିଆ ଏବଂ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ପ୍ରବେଶ ଦ୍ୱାର ବା ଗେଟ୍-ୱେ ଭାବରେ ସୁଯୋଗ ସୃଷ୍ଟି କରୁଛି। ତେଣୁ ଓଡ଼ିଶାର ବନ୍ଦରଭିତ୍ତିକ ବିକାଶର ଉଦ୍ୟମ ଅତ୍ୟନ୍ତ ବାସ୍ତବବାଦୀ। ଅଭିବୃଦ୍ଧି ପାଇଁ ଏହି ରଣନୈତିକ ପ୍ରସ୍ତାବ ଉପରେ ଶିଳ୍ପପତିମାନେ ସମ୍ପୂର୍ଣ୍ଣ ଭାବେ ସହମତ ହୋଇଛନ୍ତି ଓ ଓଡ଼ିଶାରେ ବନ୍ଦରଭିତ୍ତିକ ବିକାଶ ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଗ୍ରୀନ୍ ଏନର୍ଜି, ସେମି-କଣ୍ଡକ୍ଟର, ରେଆର୍ ଆର୍ଥ, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍‌ସ, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ଏରୋ-ସ୍ପେସ୍ ଓ ଡିଫେନ୍ସ, ଫୁଡ୍-ପ୍ରୋସେସିଂ, ଆପାରେଲ୍ ଓ ଟେକ୍ସଟାଇଲ୍, ଟୁରିଜିମ୍, ଆଇ.ଟି ଓ ଆଇଟିଇଏସ୍, ଲଜିଷ୍ଟିକ୍‌ସ, ଇନ୍‌ଫ୍ରାଷ୍ଟ୍ରକ୍‌ଚର୍, କ୍ୟାପିଟାଲ୍ ଗୁଡ୍‌ସ ଏବଂ ଶକ୍ତି କ୍ଷେତ୍ରରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହି ତିନିଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ୭୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନିଜେ ୧୩୨ ଜଣ ବିଶିଷ୍ଟ ଶିଳ୍ପପତି ଏବଂ ଶିଳ୍ପ ପ୍ରତିନିଧି ମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା (ୱାନ୍-ଟୁ-ୱାନ୍) କରିଥିଲେ। ଗୁରବାର ଭଦୋଦରା'ରେ (ବରୋଦା) ଅନୁଷ୍ଠିତ ନିବେଶକ ସମ୍ମିଳନୀ ରୋଡ୍-ଶୋ'କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଶ୍ଚିମ ଭାରତ ପୂର୍ବରୁ ହିଁ ଭାରତର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଇସାରିଛି।

ବର୍ତ୍ତମାନ 'ବିକଶିତ ଭାରତ' ପାଇଁ ପୂର୍ବ ଭାରତର ବିକାଶ ଜରୁରୀ ଏବଂ ଓଡ଼ିଶା ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଓଡ଼ିଶାର 'ଗୋ-ସ୍ୱିଫ୍ଟ' ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ମାଧ୍ୟମରେ ନିବେଶକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ।

ଓଡ଼ିଶାରେ ଆନ୍ଧ୍ରର ଦାଦାଗିରି

# ଘରୁ ଲିଭାଇଲେ ଗୃହ ଗଣନା ନମ୍ବର






ପଟ୍ଟାଙ୍ଗି, ରାୟଗଡ଼(ଗଜପତି), ୭।୫ (ସମିସ): ସୀମାନ୍ତରେ ପୁଣି ଆନ୍ଧ୍ରର ଦାଦାଗିରି। କୋରାପୁଟ ଜିଲ୍ଲାର ବିବାଦୀୟ କୋଟିଆ ଏବଂ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଅଧୀନରେ ଥିବା ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସରକାରୀ କର୍ମଚାରୀ ଜୋରଜବରଦସ୍ତ ଜନଗଣନା (ଗୃହ ଗଣନା) କରିଛନ୍ତି। ଓଡ଼ିଶା ଜନଗଣନା କର୍ମଚାରୀଙ୍କ ଦ୍ୱାରା ମାର୍କର୍‌ରେ ଲେଖାଯାଇଥିବା ଗୃହ ଗଣନା ନମ୍ବର ଉପରେ ରଙ୍ଗ ବୋଳି ସେଥିରେ ନୂଆ ନମ୍ବର ପକାଇଛନ୍ତି।

ସୂଚନାନୁଯାୟୀ, ଏବେ ପୂରା ଦେଶରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଚାଲିଥିବା ବେଳେ ଆଜି ପ୍ରଥମଥର ଆନ୍ଧ୍ରର ଜନଗଣନା କର୍ମଚାରୀମାନେ କୋରାପୁଟ ଜିଲ୍ଲାର ବିବାଦୀୟ କୋଟିଆର ଫାଟୁସିନେରି, ଫଗୁଣସିନେରି ଏବଂ ଗଞ୍ଜେଇପଦର ପଞ୍ଚାୟତରେ ଅନୁପ୍ରବେଶ କରିଥିଲେ। ସେମାନେ ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଇଥିବା ଗୃହଗଣନା ନମ୍ବରକୁ ଲିଭାଇ ତାହା ଉପରେ ନୂଆ ନମ୍ବର ପକାଇଥିଲେ। ଏ ସଂପର୍କରେ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆ କହିଛନ୍ତି ଯେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେହିପରି, ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଅଧୀନରେ ଥିବା ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଓ ଗୁଡ଼ିଖୁଡ଼ି ଭଳି ଗାଁରେ ମଧ୍ୟ ଆନ୍ଧ୍ର କର୍ମଚାରୀମାନେ ଜୋରଜବରଦସ୍ତ ଜନଗଣନା କରିଛନ୍ତି। ଓଡ଼ିଶା ପ୍ରଶାସନ ପକ୍ଷରୁ ଗୃହଗଣନା ପାଇଁ ପ୍ରତି ଘର ଆଗରେ ଘର ନମ୍ବର ଲେଖାଯାଇଥିବା

■ କୋଟିଆ ଓ ଗଜପତିରେ ଆନ୍ଧ୍ରର ଜନଗଣନା
■ ଅନୁପ୍ରବେଶ କଲେ ଆନ୍ଧ୍ର ଅଧିକାରୀ

ବେଳେ ଆନ୍ଧ୍ର କର୍ମଚାରୀମାନେ ତାହା ଉପରେ ରଙ୍ଗବୋଳି ନୂଆ ନମ୍ବର ପକାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଗୁରୁବାର ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ତହସିଲଦାର ସୁକାନ୍ତ କୁମାର ପ୍ରଧାନ ଏବଂ ଗାରାବନ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଆନ୍ଧ୍ରର ନମ୍ବର ଲିଭାଯାଇ ପୁଣିଥରେ ଓଡ଼ିଶା ସରକାରଙ୍କ ଜନଗଣନା ନମ୍ବର ଲେଖାଯାଇଛି।

ସୀମାନ୍ତ ଅଞ୍ଚଳର ଏହି ସମସ୍ୟା କେବଳ ଭୌଗୋଳିକ ନୁହେଁ; ଏହା ପଛରେ ରହିଛି ସରକାରୀ ସୁବିଧା ପାଇବାର ଏକ ରଣନୀତି। ସୀମାନ୍ତର କିଛି ପରିବାର ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲ୍ଲା ସହ ଆନ୍ଧ୍ରରୁ ମଧ୍ୟ ସରକାରୀ ସୁବିଧା ହାସଲ କରୁଥିବା ଅଭିଯୋଗ ହେଉଛି। ଯେତେବେଳେ ଜନଗଣନା କଥା ଆସୁଛି, ଏହି ପରିବାରମାନେ ଆନ୍ଧ୍ର କର୍ମଚାରୀଙ୍କୁ ସମର୍ଥନ କରି ବିବାଦ ସୃଷ୍ଟି କରୁଛନ୍ତି। ଯାହା ପ୍ରଶାସନ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ଜିଲ୍ଲା ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଆନ୍ଧ୍ର ବାରମ୍ବାର ସୀମା ଲଂଘିବାକୁ ସାହସ କରୁଛି। ଯଦି ଏହି ବିବାଦର ସ୍ଥାୟୀ ସମାଧାନ କରା ନଯାଏ, ଆଗାମୀ ଦିନରେ ଏହା ଏକ ବଡ଼ଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି।

ରାଜି ହେଲେନି ପରିବାର

# ନାବାଳିକା ପ୍ରେମିକା ସହ ଗଛରେ ଝୁଲି ପଡ଼ିଲେ ପ୍ରେମିକ

ଡୁଙ୍ଗୁରିପାଲି, ୭।୫ (ସମିସ): ବିବାହ ପାଇଁ ପରିବାରଲୋକ ରାଜି ନହେବାରୁ ଏକାଠି ଝୁଲିପଡ଼ିଲେ ପ୍ରେମୀଯୁଗଳ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅଧୀନ ଗୁଲୁଣ୍ଡା-ସିଲାଟି ରାସ୍ତାରେ ଥିବା ଏକ ବରଗଛ ଡାଳରେ ଦୁହେଁ ଆତ୍ମହତ୍ୟା କରିଛନ୍ତି। ମୃତ ପ୍ରେମୀଯୁଗଳ ହେଲେ, ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଥାନା ରେଙ୍ଗାଲି ପଞ୍ଚାୟତ ବାଜିଖୋଲ ଗ୍ରାମର ରିତେଶ ଝାଙ୍କର (୨୨) ଏବଂ ତାଙ୍କର ନାବାଳିକା ପ୍ରେମିକା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ବଲାଙ୍ଗିରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ତଦନ୍ତ କରିଛି। ରିତେଶଙ୍କ ଗାଁ ବାଜିଖୋଲରେ ନାବାଳିକାଙ୍କ ଜଣେ ସମ୍ପର୍କୀୟଙ୍କ ଘର। ଏଣୁ ନାବଳିକାଜଣଙ୍କ ବାଜିଖୋଲ ଗାଁକୁ ଯିବା ଆସିବା ମଧ୍ୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ବିବାହ କରିବାକୁ ମନସ୍ଥ କରିଥିଲେ। ହେଲେ, ଝିଅର ବିବାହଯୋଗ୍ୟ ବୟସ ହୋଇ ନ ଥିବାରୁ ପୁଅ ଘରଲୋକ ରାଜି ହୋଇନଥିଲେ। ତେଣୁ, ପ୍ରେମୀଯୁଗଳ ତାମିଲନାଡୁ ପଳାଇ ଯାଇଥିଲେ। ବୁଧବାର ସେମାନେ ତାମିଲନାଡୁରୁ ଫେରିଥିଲେ। ଏହାପରେ ପୁଅ ଘରଲୋକ ଉଭୟଙ୍କୁ ଝିଅଘରକୁ ନେଇଥିଲେ। ଝିଅକୁ ତାଙ୍କ ବାପଘରେ ରହିବାକୁ କହିଥିଲେ। ମାତ୍ର ପ୍ରେମୀଯୁଗଳ ଏଥିରେ ରାଜି ହୋଇ ନ ଥିଲେ। ରାତିରେ ପଳାଇ ଆସି ବରଗଛରେ ଆତ୍ମହତ୍ୟା କରିଥିଲେ।

# କେସିସି ବ୍ୟାଙ୍କରୁ ୧.୮ କୋଟି ଆତ୍ମସାତ୍; ପ୍ରେମୀଯୁଗଳ ଗିରଫ

ଭୁବନେଶ୍ୱର,୭।୫(ସମିସ): କୋରାପୁଟ ସେଣ୍ଟ୍ରାଲ୍ କୋ-ଅପରେଟିଭ୍ ବ୍ୟାଙ୍କ୍ ମାଲକାନଗିରି ଶାଖାରେ ୧ କୋଟି ୮ ଲକ୍ଷ ୭୫ ହଜାର ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ଭିଜିଲାନ୍ସ ଏକ ପ୍ରେମୀଯୁଗଳଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ନୃସିଂହ ପ୍ରସାଦ ଖମାରି ଓ ସୁଶ୍ରୀ ନିବେଦିତା ତରାଇ ଓରଫ ସୁଶ୍ରୀ ସୁଲଗ୍ନା। ପୂର୍ବରୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଖରାଙ୍କ ବୟାନ ଆଧାରରେ ଏହି ମାମଲାର ଅଧିକ ଖୋଳତାଡ଼ କରିଥିଲା। ଏହାପରେ ପ୍ରେମୀଯୁଗଳଙ୍କ ଲିଙ୍କ୍ ସାମ୍ନାକୁ ଆସିଥିଲା।

ଗିରଫ ହୋଇଥିବା ପେମୀଯୁଗଳଙ୍କ ନାଁରେ ପୂର୍ବରୁ ଏକାଧିକ ଠକେଇ ମାମଲା ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସେମାନେ ଅଭ୍ୟାସଗତ ଭାବେ ବହୁ ଲୋକଙ୍କୁ ଠକିଛନ୍ତି। ନୃସିଂହ ନାଁରେ ବେଙ୍ଗାଲୁରୁ କମିସନରେଟ୍ ପୁଲିସରେ ୧୪ ଲକ୍ଷ ଟଙ୍କାର ଠକେଇ ମାମଲା ରହିଛି। ସେହିପରି ଉଭୟ ଜଗତସିଂହପୁରରେ ମଧ୍ୟ ୩୦ ଲକ୍ଷ ଟଙ୍କାର ଠକେଇ କରିଛନ୍ତି। ବାରିପଦା, ପାରାଦ୍ୱୀପ ଓ ଭୁବନେଶ୍ୱରରେ ମଧ୍ୟ ଉଭୟ ଠକେଇ କରିଥିବା ଆଶଙ୍କା କରାଯାଉଥିବା ଭିଜିଲାନ୍ସ କହିଛି। ନୃସିଂହ ଓ ସୁଶ୍ରୀ ଗିରଫଦାରୀରୁ ବର୍ତ୍ତିବାକୁ ସୁଧାଂଶୁ ହଡ଼ପ କରିଥବା ଟଙ୍କାରୁ ୬୩ ଲକ୍ଷ ପ୍ରେମୀଯୁଗଳଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୁକ୍ତଦ୍ୱୟଙ୍କ ଭୁବନେଶ୍ୱରସ୍ଥିତ ଘରେ ଯାଞ୍ଚ ବେଳେ ୩୩ଟି ମୋବାଇଲ, ଡେସ୍କଟପ୍, ଟାବଲେଟ୍, ହଡ଼ପ ଟଙ୍କାରୁ କିଣିଯାଇଥିବା ସୁନା ଅଳଙ୍କାର, ଡ୍ରୋନ୍, କ୍ୟାମେରା ଆଦି ଜବତ ହୋଇଛି। ପ୍ରମାଣ ଲୁଚାଇବାକୁ ୩୩ଟି ମୋବାଇଲରୁ ୨୭ଟିକୁ ଭାଙ୍ଗିଦିଆଯାଇଛି।୨୫ ବ୍ୟାଙ୍କ ଆକାଉଣ୍ଟ, ୧୨ଟି ଷ୍ଟକ୍ ଟ୍ରେଡିଂ ଆକାଉଣ୍ଟ୍ ଯାଞ୍ଚ କରାଯାଇଛି। ଅଭିଯୁକ୍ତ ପ୍ରେମୀଯୁଗଳଙ୍କ ୨୫ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଭିଜିଲାନ୍ସର ବ୍ୟାଙ୍କିଙ୍ଗ୍ ଏକ୍ସପର୍ଟଙ୍କ ଦ୍ୱାରା ଯାଞ୍ଚ କରାଯାଉଛି। ଏଥିସହ ଉଭୟ ଖୋଲିଥିବା ୧୨ଟି ଷ୍ଟକ୍ ଟ୍ରେଡିଂ ଆକାଉଣ୍ଟକୁ ମଧ୍ୟ ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଉଭୟଙ୍କ ଅଧିକ ପରିମାଣର ଟଙ୍କା ଠାବ ହେବ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି।

ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଅଭିଯୁକ୍ତ ବ୍ରାଞ୍ଚ ମ୍ୟାନେଜର





ସୁଧାଂଶୁଙ୍କ ସହ ଫେସ୍‌ବୁକରେ ସୁଶ୍ରୀଙ୍କ ଯୋଗାଯୋଗ ହୋଇଥିଲା। ଏହାପରେ ଉଭୟ ବ୍ୟାଙ୍କ ଠକେଇ କରିବାକୁ ଯୋଜନା କରିଥିଲେ। ସୁଶ୍ରୀ ଓ ନୃସିଂହ ବହୁଦିନ ହେବ ଲିଭ-ଇନ୍ ରିଲେସନ୍‌ସିପ୍‌ରେ ରହୁଛନ୍ତି। ୨ ଦିନ ତଳେ ବ୍ରାଞ୍ଚ ମ୍ୟାନେଜର ସୁଧାଂଶୁ ଗିରଫ ହୋଇଥିଲେ। ଅର୍ଥ ହଡ଼ପରେ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଖରାଙ୍କ ହାତ ଥିବା ତଦନ୍ତରୁ ଜଣାପଡିବା ପରେ ତାଙ୍କୁ ଭିଜିଲାନ୍ସ ମେ' ୫ ମଙ୍ଗଳବାର ଗିରଫ କରିଥିଲା। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଦୁଇଟି ମାମଲା ନଂ.୪ ଓ ୫ ମଧ୍ୟ ପଞ୍ଜିକୃତ କରାଯାଇଛି। ସୁଧାଂଶୁଙ୍କୁ କୋର୍ଟଚାଲାଣ କରାଯିବା ପରେ ରିମାଣ୍ଡରେ ଆଣି ଭିଜିଲାନ୍ସ ତାଙ୍କୁ ଜେରା କରୁଛି। ମାଲକାନଗିରିର ଚାଷୀମାନେ ଋଣ ବାବଦକୁ ପୈଠ କରିଥିବା ଟଙ୍କାକୁ ସୁଧାଂଶୁ ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି।

ମହାନଦୀ ବଞ୍ଚାଓ ଆନ୍ଦୋଳନର ସାଂଘାତିକ ଅଭିଯୋଗ

# ଓଡ଼ିଶାର ସ୍ୱାର୍ଥ ସହ ସାଲିସ ଷଡ଼ଯନ୍ତ୍ର

ଭୁବନେଶ୍ୱର,୭।୫(ସମିସ): ମହାନଦୀ ଟ୍ରିବୁନାଲରେ ଓଡିଶା ଓ ଛତିଶଗଡ଼ ପକ୍ଷରୁ ମହାନଦୀ ଜଳରାଶି ସଂକ୍ରାନ୍ତ ତଥ୍ୟ ଗତ ୨ ତାରିଖରେ ଉପସ୍ଥାପନ କରାଯାଇଛି। ମାତ୍ର ଏହି ତଥ୍ୟ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ଏବଂ ଏଥିରେ ଓଡ଼ିଶା ଓ ମହାନଦୀର ସ୍ୱାର୍ଥ ସହିତ ସାଲିସ କରାଯାଇଛି ବୋଲି ସାଂଘାତିକ ଅଭିଯୋଗ କରିଛି ମହାନଦୀ ବଞ୍ଚାଓ ଆନ୍ଦୋଳନ।

ସଂଗଠନର ଆବାହକ ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଉପସ୍ଥାପିତ ତଥ୍ୟ ଅନୁସାରେ ସମଗ୍ର ମହାନଦୀର ବେସିନରେ ୬୨.୩୬ ନିୟୁତ ଏକର ଫୁଟ

■ ଉପଲବ୍ଧ ପାଣିକୁ ନେଇ ବିଭ୍ରାନ୍ତିକର ତଥ୍ୟ ଦେଇଛି କମିଟି
■ ମୁଖ୍ୟମନ୍ତ୍ରୀଙ୍କ ସୂଚନା ଓ ସରକାରଙ୍କ ତଥ୍ୟ ପରସ୍ପର ବିପରୀତ
■ ଆଲୋଚନା ନ କଲେ ମୁଖ୍ୟମନ୍ତ୍ରୀଙ୍କ ଘର ସାମ୍ନାରେ ସତ୍ୟାଗ୍ରହ

ଜଳ ଉପଲବ୍ଧ ହୋଇଥାଏ। ଛତିଶଗଡ଼ ଓ ଓଡ଼ିଶା ସୀମାନ୍ତରେ ୨୮.୪୮ ନିୟୁତ ଏକରଫୁଟ, ହୀରାକୁଦ ନିକଟରେ ୩୨.୮୩ ନିୟୁତ ଏକରଫୁଟ୍ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ତଥ୍ୟକୁ ଅନୁଶୀଳନ କଲେ ଦେଖାଯିବ ଯେ ଓଡ଼ିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଓ ଛତିଶଗଡ଼ ସହିତ ଓଡ଼ିଶାର ବିବାଦର କୌଣସି ଯଥାର୍ଥତା ନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଛତିଶଗଡ଼ ମହାନଦୀର ଉପରମୁଣ୍ଡରେ ୪୧ ଟି ବୃହତ ଓ ମଧ୍ୟମ, ୧୮୭୪ ଟି କ୍ଷୁଦ୍ର ଓ ଆହୁରି ଅନେକ ନଦୀ ଜଳ ପ୍ରକଳ୍ପ ନିର୍ମାଣ କରିଥିବାରୁ ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ପ୍ରବାହ ହ୍ରାସ ପାଉଛି । ହୀରାକୁଦ ବହୁମୁଖୀ ପ୍ରକଳ୍ପ କିଛି ବର୍ଷ ଧରି ତାହାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହୋଇ ପାରୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ତଥ୍ୟ ଓ ଟ୍ରିବ୍ୟୁନାଲରେ ମହାନଦୀରେ ଉପଲବ୍ଧ ଜଳ ରାଶି ସମ୍ପର୍କରେ ଦାଖଲ ହୋଇଥିବା ତଥ୍ୟ ଭିତରେ ତାଳମେଳ ନାହିଁ। ରାଜ୍ୟ ସରକାର ଦାଖଲ କରିଥିବା ତଥ୍ୟ ମୁଖ୍ୟମନ୍ତ୍ରୀଙ୍କ ତଥ୍ୟର ବିରୋଧାଚରଣ କରିଛି।

ଶ୍ରୀ ଦାସ ପୁଣି କହିଛନ୍ତି ଯେ ଏବେ ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି ଠିକ ସେହି କଥା ୨୦୧୮/୧୯ ମସିହାରେ ଓଡ଼ିଶା ପକ୍ଷରୁ ଟ୍ରିବ୍ୟୁନାଲରେ ତଥ୍ୟ ଓଡ଼ିଶା ଦାଖଲ କରିଥିଲା। ସେତେବେଳେ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ ଏହି କଥା କହିଥିଲେ ଯେ ଅଣ ମୌସୁମୀ ସମୟରେ ଛାତିଶଦ ମହାନଦୀର ସମସ୍ତ ପାଣି ଅଟକାଇ ଦେଇଥିବାରୁ ଓଡ଼ିଶା ଜଳ ସଙ୍କଟର ସମ୍ମୁଖୀନ ହେଉଛି। ସେତେବେଳେ ଛତିଶଗଡ଼ ୨୭.୪୮ ନିୟୁତ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ଦାବି କରିଥିବା ବେଳେ ଓଡ଼ିଶା ଏହି ଦାବିକୁ ଖଣ୍ଡନ କରିଥିଲା। ଛତିଶଗଡ଼ରେ ମହାନଦୀ ଅବବାହିକାରେ ୨୭.୪୮ ନିୟୁତ ଏକର ଫୁଟ ପାଣି ଉପଲବ୍ଧ ନାହିଁ। ଛତିଶଗଡ଼ରେ ପ୍ରକୃତରେ ୨୪.୨୭ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଏବଂ ସେଥିରୁ ସେହି ରାଜ୍ୟ ୧୦.୮୩ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ହକଦାର। ତେଣୁ ଅଣ ମୌସୁମୀ ସମୟରେ ଓଡିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣି ଛାଡିବାକୁ ଓଡ଼ିଶା ଦାବି କରିଥିଲା। ୨୦୦୫-୦୬ ରୁ ୨୦୧୫-୧୬ ମସିହା ଭିତରେ ହୀରାକୁଦକୁ ହାରାହାରି ୧.୨୫୨ ମିଲିୟନ ଏକର ଫୁଟ ପାଣି ଆସୁଥିବା ବେଳେ ୨୦୧୭ ମସିହା ବେଳକୁ ତାହା ୪୪ ପ୍ରତିଶତ କମ ହୋଇଥିବା ପୂର୍ବ ସରକାର ସମୟରେ ଓଡ଼ିଶା ଟ୍ରିବ୍ୟୁନାଲରେ ତଥ୍ୟ ଦାଖଲ ହୋଇଛି। ମାତ୍ର ଏବେ ଯେଉଁ ତଥ୍ୟ ଓଡ଼ିଶା ସରକାର ଟ୍ରିବୁନାଲ ପାଖରେ ଉପସ୍ଥାପନ କରିଛନ୍ତି, ତାହା ପୂର୍ବ ତଥ୍ୟର ବିପରୀତ। ବର୍ତ୍ତମାନର ତଥ୍ୟ ଅନୁସାରେ ଯଦି ଜଳ ବିବାଦର ସମାଧାନ ହୁଏ ତେବେ ଓଡ଼ିଶା ତାର ହକ ହରାଇବ ଏବଂ ମହାନଦୀ ତାର ଅସ୍ତିତ୍ୱ ସଂକଟରେ ପଡ଼ିବ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବାକୁ ଆମେ ଚାହୁଁ। ଆସନ୍ତା ମେ ୨୦ ତାରିଖ ସୁଦ୍ଧା ଯଦି ଏହି ସୁଯୋଗ ଆମକୁ ନ ମିଳେ ତେବେ ଆମେ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରିବୁ ବୋଲି ସେ ଚେତାବନୀ ଦେଇଛନ୍ତି।

# ଲାଞ୍ଜିଗଡ଼ରେ ବେଦାନ୍ତର ୨୪ ଘଣ୍ଟିଆ ଟେଲିମେଡିସିନ୍ ବ୍ୟବସ୍ଥା




ଭୁବନେଶ୍ୱର, ୭।୫(ସମିସ): କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା ପହଞ୍ଚକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଲାଞ୍ଜିଗଡ଼ରେ ପ୍ରଥମ ୨୪ଘଣ୍ଟିଆ ଟେଲିମେଡିସିନ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିପାଇଁ ବେଦାନ୍ତ ଲାଞ୍ଜିଗଡ଼ ହସ୍ପିଟାଲରେ ସହାୟତା ପରାମର୍ଶ ପାଇଁ ଏକ ଉତ୍ସର୍ଗୀକୃତ

■ ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ
■ କଳାହାଣ୍ଡିର ୭୦ ଗାଁର ୭୦ ହଜାରରୁ ଅଧିକ ଲୋକ ପାଇବେ ସୁବିଧା

ଟେଲିମେଡିସିନ୍ ରୁମ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଟାଟା-ୱାନ୍ ଏମଜି ସହଭାଗିତାରେ ଆରମ୍ଭ ହୋଇଥିବା ଏହି ସେବାକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଆଭାସୀରେ ଉଦ୍‌ଘାଟନ କରିଛନ୍ତି। ଏହାସହ ଟାଟା-ୱାନ୍ ଆପ୍ ମାଧ୍ୟମରେ ହିତାଧିକାରୀମାନେ ପ୍ରାୟ ୩୦ଜଣ ବିଶେଷଜ୍ଞ ଏବଂ ସୁପର୍ ସ୍ପେସାଲିଷ୍ଟ ଡାକ୍ତରଙ୍କ ସହ ମାଗଣା ଅଡିଓ ଏବଂ ଭିଡିଓ ପରାମର୍ଶ ପାଇପାରିବେ, ଯାହା ଚିକିତ୍ସା ମାର୍ଗଦର୍ଶନ ପାଇଁ ଦୂରଦୂରାନ୍ତ ଯାତ୍ରାର ଆବଶ୍ୟକତାକୁ ହ୍ରାସ କରିବ। ଏହି ସେବା କଳାହାଣ୍ଡି ଏବଂ ଆଭ୍ୟନ୍ତରୀଣ ଅଞ୍ଚଳର ପ୍ରାୟ ୭୦ଟି ଦୂରଦୂରାନ୍ତ ଗ୍ରାମର ୭୦,୦୦୦ରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି।

ଏହି ଅବସରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ବେଦାନ୍ତର ୨୪ଘଣ୍ଟିଆ ଟେଲିମେଡିସିନ୍ ସୁବିଧା କଳାହାଣ୍ଡିର ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ। ବିଶେଷକରି ଦୁର୍ଗମ ଆଦିବାସୀ ଏବଂ ଗ୍ରାମାଞ୍ଚଳରେ ଯେଉଁଠାରେ ସମୟୋଚିତ ଡାକ୍ତରୀ ପରାମର୍ଶ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ। ଏ ସମ୍ପର୍କରେ ବେଦାନ୍ତର ସିଇଓ(ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଏହି ଟେଲିମେଡିସିନ୍ ସେବା ଆରମ୍ଭ ସହ ଆମେ ଶେଷ ମାଇଲ ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ବୃଦ୍ଧି କରୁଛୁ, ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି। ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ାରେ, ଅନେକ ଏହିପରି ଅର୍ଥପୂର୍ଣ୍ଣ ହସ୍ତକ୍ଷେପ ଦ୍ରୁତ ଗତିରେ ଏହି ଅଞ୍ଚଳଗୁଡ଼ିକୁ ରାଜ୍ୟର ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାକୁ ଆଣୁଛନ୍ତି।

# ଦୋକାନ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ



ଖଇରପୁଟ,୭ ।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପଲ୍ଲୀ ଗ୍ରାମରେ ପଞ୍ଚାୟତ ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ବା ଷ୍ଟଲ୍ ବଣ୍ଟନକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିନା ଟେଣ୍ଡର ଓ ସଠିକ୍ ପ୍ରକ୍ରିୟା ଅନୁସରଣ ନକରି ଏହି ବଣ୍ଟନ କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ମୁତାବକ, ଅନେକ ଲୋକଙ୍କୁ ପଞ୍ଚାୟତ ତରଫରୁ ବେଆଇନ ଭାବେ ଷ୍ଟଲ୍ ତଥା ଦୋକାନ ଗୃହ ବଣ୍ଟନ କରାଯାଇଛି। କେବଳ ସେତିକି ନୁହେଁ, କିଛି ବ୍ୟକ୍ତି ଷ୍ଟଲ୍ ପାଇ ନିଜେ ବ୍ୟବସାୟ ନ କରି ଅନ୍ୟ ବ୍ୟବସାୟୀଙ୍କୁ ଏହାକୁ ଭଡ଼ାରେ ଦେଇଥିବା ମଧ୍ୟ

## ଆବଣ୍ଟନ ପ୍ରକ୍ରିୟାକୁ ବାତିଲ ଦାବି

ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ "ରାଷ୍ଟ୍ରୀୟ ବିକାଶ ସେନା' ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ପ୍ରକ୍ରିୟାରେ ଷ୍ଟଲ୍ ବଣ୍ଟନ କରାଯାଇଛି, ସେହି ସମସ୍ତ ପ୍ରକ୍ରିୟାକୁ ତୁରନ୍ତ ରଦ୍ଦ ବା ବାତିଲ କରାଯାଉ। ଯୋଗ୍ୟତା ଆଧାରରେ ସ୍ଥାନୀୟ ଗରିବ, ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଯୋଗ୍ୟ ହିତାଧିକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ୱଳ୍ପ ମୂଲ୍ୟରେ ଷ୍ଟଲ୍ ବଣ୍ଟନ କରାଯାଉ ବୋଲି ସଂଗଠନ ଦାବି କରିଛି। ଏହି ସମ୍ପୂର୍ଣ୍ଣ ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଆହ୍ୱାନ ଦେଇ ଆଜି ରାଷ୍ଟ୍ରୀୟ ବିକାଶ ସେନାର ରାଜ୍ୟ ସଭାପତି କେ ବାଲାରାଜୁ ଆଚାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖଇରପୁଟ ବିଡିଓ ଅର୍ପିତା ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବାର ସମ୍ଭାବନା ରହିଛି।

● ନାହିଁ ସତର୍କତା ସୂଚନା

# ନିର୍ମାଣାଧୀନ ପୋଲରୁ ଖସିପଡି ବାଇକ୍ ଚାଳକ ଗୁରୁତର

କୋରାପୁଟ,୭।୫(ସମିସ): ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ ନିର୍ମାଣାଧୀନ ପୋଲ ତଳକୁ ବାଇକ୍ ଖସି ପଡ଼ିବା ଯୋଗୁଁ ବାଇକ ଚାଳକ ଗୁରୁତର ଆହତ ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଛନ୍ତି। ପୁରୁଣା ପୋଲ ଭାଙ୍ଗି ନୂଆ ପୋଲ କାମ ଚାଲି ଥିବା ବେଳେ କାମର ଉଭୟ ପାଶ୍ୱର୍ରେ ସତର୍କତା ସୂଚନା ବୋର୍ଡ ଓ ବେରିକେଟ କରା ନଯିବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ସୂଚନା ଅନୁଯାୟୀ ଉପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣ ଚାଲିଥିବା ସଲମନଗୁଡ଼ା-ବଡ଼ନାଇକଗୁଡ଼ା ରାସ୍ତା କାମ ସହ ମଝିରେ ଥିବା ପୁରୁଣା ପୋଲ ଭାଙ୍ଗି ନୂଆ ପୋଲ ତିଆରି ସ୍ଥାନରେ ମାଟି ଖୋଳା ଯାଇଛି। ତେବେ ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଉଭୟ ପାଶ୍ୱର୍ରେ ସତର୍କତା ସୂଚନା ବୋର୍ଡ କିମ୍ବା ବେରିକେଟ୍ ଦିଆ ନଯାଇ ଖୋଲା ରଖାଯାଇଛି। ଦୁଇଦିନ ପୂର୍ବରୁ ଅବିନାଶ କୁମାର ନାମକ ୨୦ ବର୍ଷୀୟ ଯୁବକ ରାତିରେ ବାଇକ୍‌ରେ ଜୟପୁର ଠାରୁ କୋଲାବ ନଗର ଯାଉଥିଲେ। ପୋଲ ନିର୍ମାଣ ସ୍ଥାନରେ କୌଣସି ସୂଚନା ବୋର୍ଡ କିମ୍ବା ବେରିକେଟ ନଥିବାରୁ ସେ ବେଳେ ସିଧାରେ ଚାଲିଯାଇ ଅଚାନକ ପୋଲ ନିର୍ମାଣ ପାଇଁ ଖୋଳା ଯାଇଥିବା ପ୍ରାୟ ୨୦ ଫୁଟ ତଳକୁ ବାଇକ ସହ ଖସି ପଡ଼ିଥିଲେ। ଫଳରେ ଅବିନାଶ କୁମାରଙ୍କ ଉପରେ ବାଇକ ପଡ଼ିବା ଯୋଗୁଁ ତାଙ୍କର ପଞ୍ଜରା ହାଡ଼ ଓ ମେରୁଦଣ୍ଡ ଭାଙ୍ଗି ଯାଇଥିବା ଜଣା ପଡ଼ିଛି। ଗୁରୁତର ଅବସ୍ଥାରେ ଅବିନାଶଙ୍କୁ କୋରାପୁଟର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ଗୁରୁବାର ବିଶାଖାପାଟଣା ସ୍ଥାନାନ୍ତର



କରାଯାଇଛି। ତାଙ୍କ ପୁଅର ସମସ୍ତ ଚିକିତ୍ସା ଖର୍ଚ୍ଚ ଉପର କୋଲାବ ପ୍ରକଳ୍ପ କର୍ତ୍ତୃପକ୍ଷ ଗ୍ରହଣ କରିବା ସହ କ୍ଷତିପୂରଣ ଦେବାକୁ ଅବିନାଶ କୁମାରଙ୍କ ବାପା ଧର୍ମେନ୍ଦ୍ର କୁମାର ଦାବି କରିଛନ୍ତି। ଯଦି କର୍ତ୍ତୃପକ୍ଷ କୌଣସି ସହଯୋଗ ନକରନ୍ତି ତାହା ହେଲେ ସେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ମାର୍‌ପିଟ ମାମଲାର ଅଭିଯୁକ୍ତ ଗିରଫ

ଜୟପୁର, ୭।୫(ସମିସ): ଜୟପୁର ସହରର ସୌରା ସାହି ମହାପାତ୍ରଲାଇନ ଗଳିରେ ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ହୋଇଥିବା ଗଣ୍ଡଗୋଳ ମାମଲାରେ ଆଜି ଜୟପୁର ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ନୂଆସାହିର ପିଣ୍ଟୁ ହିଆଲ। ପୁଲିସ ସୂଚନା ଅନୁଯାୟୀ ଗତ ୨୦୨୫ ମସିହା ଡିସେମ୍ବର ୧୮ ତାରିଖରେ ମହାପାତ୍ର ଗଳିରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ମାମଲାରେ ପୁଲିସ ପୂର୍ବରୁ ଉଭୟ ପକ୍ଷରୁ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିବା ବେଳେ ଆଜି ଗିରଫ ଅଭିଯୁକ୍ତ ଫେରାର ରହିଥିଲା। କିନ୍ତୁ ଆଜି ଫେରାର ଅଭିଯୁକ୍ତ ନିଜ ଘରକୁ ଆସିଥିବା ସୂଚନା ପାଇବା ପରେ ପୁଲିସ ଚଢ଼ଉ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ବୋଲି ତଦନ୍ତ ଅଧିକାରୀ ଏଏସଆଇ ସୁବାସ ଷଡଙ୍ଗୀ ପ୍ରକାଶ କରିଛନ୍ତି।

# ସବୁ ଥାନାରେ ହେବ 'ଜୁଭେନଟିକା.. ଆଉଟରିଚ୍' କାର୍ଯ୍ୟକ୍ରମ

ରାୟଗଡ,୭।୫(ସମିସ):

ରାୟଗଡ଼ ଜିଲ୍ଲାର ୧୭ଗୋଟି ଥାନାରେ ଶୁକ୍ରବାର ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ "ଜୁଭେନଟିକା- ସିଡବ୍ଲ୍ୟୁପିଓ ଆଉଟରିଚ ୱିଥ୍ ଆଡଲସ୍କାଂଟସ୍' କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଥିବା ନେଇ ଆଜି ସଂଧ୍ୟାରେ ରାୟଗଡ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ.କୁମାର ସୂଚନା ପ୍ରଦାନ କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଅପରାହ୍ନରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏହି ଆଉଟରିଚ କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିବା ପରେ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଏସ୍‌ପି କହିଛନ୍ତି। ଏହି ଆଉଟ୍‌ରିଚ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି



କିଶୋରକିଶୋରୀମାନେ ଥାନାକୁ ଆସିବା, ସହଜଗମ୍ୟତା ତଥା ଥାନାକୁ ଆସିବା ଭୟ ଦୂର କରି ସହଜରେ ଆସିବା ଏବଂ କିଶୋରକିଶୋରୀମାନଙ୍କ ସୁରକ୍ଷା କେମିତି ହୋଇପାରିବ ସେ ନେଇ ସଚେତନ କରାଯିବା। ଆଜିକାଲି ଦୁନିଆରେ କିଶୋରକିଶୋରୀମାନଙ୍କ କ୍ଷେତ୍ରରେ ଡିଜିଟାଲ ଚ୍ୟାଲେଞ୍ଜ ବହୁତ ରହୁଥିବା ବେଳେ ସେମାନଙ୍କ ମାନସିକ ସମସ୍ୟା ଅତ୍ୟଧିକ ଭାବେ ବୃଦ୍ଧି ପାଉଛି । ଫଳରେ ଆତ୍ମହତ୍ୟା ଭଳି ମାମଲାର ବୃଦ୍ଧି ଘଟୁଥିବାରୁ ଉକ୍ତ ବିଷୟକୁ ଅଗ୍ରାହ୍ୟ କରି ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଥିବା ଏସ୍‌ପି ସୁଶ୍ରୀ ସ୍ୱାତୀ କହିଛନ୍ତି। ଜିଲ୍ଲାର ୧୭ ଥାନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତିଟି ଥାନା ଅଞ୍ଚଳର ୫ଟି ଲେଖାଁଏ ଅଙ୍ଗନବାଡି କେନ୍ଦ୍ର ସହାୟତାରେ ୨୫ ଜଣ ଲେଖାଁଏ ପିଲା ପ୍ରତିଟି ଥାନାକୁ ଆସିବେ ଏବଂ ସେମାନଙ୍କୁ ଥାନାରେ ପରିଚୟ କରାଯିବ। ଶିଶୁ କଲ୍ୟାଣ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଥାନା ଆରକ୍ଷୀ ନିରୀକ୍ଷକ(ଆଇଆଇସି)ଙ୍କ ଭୂମିକା, ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କର ଭୂମିକା ବିଷୟରେ ଅବଗତ କରାଯିବ। ଥାନାର ଆଇଆଇସିମାନେ ଉକ୍ତ କାର୍ଯ୍ୟକ୍ରମ ବିଷୟରେ ଅଧିକ ତଥ୍ୟ ପ୍ରଦାନ କରିବେ ବୋଲି ଏସପି ସୁଶ୍ରୀ ସ୍ୱାତୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୂତନ ଭାବେ ରାୟଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରୂପେ ଯୋଗ ଦେଇଥିବା ଏଏସପି ରାମେନ୍ଦ୍ର ପ୍ରସାଦ ଉପସ୍ଥିତ ରହିଥିଲେ।

# ଶେଷ ହେଲା ମା' ଅଗ୍ନି କୁମାରୀ ଠାକୁରାଣୀ ଯାତ୍ରା



ଟିକିରି,୭।୫(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ଦୋରା ସାହିରେ ଥିବା ମା' ଅଗ୍ନି କୁମାରୀ ଦେବୀ ଠାକୁରାଣୀ ଯାତ୍ରା ଆସନ୍ତାକାଲି ଶେଷ ହୋଇଛି। ଏହି ଯାତ୍ରା ୩ ବର୍ଷକୁ ଥରେ ହୋଇଥାଏ। ଏହି ଯାତ୍ରା ୯ଦିନ ଧରି ଚାଲି ଆସୁଥିଲା। ଏହି ୯ ଦିନ ଗ୍ରାମର ସବୁ ସାହି ସହ ଟିକିରି ଅଞ୍ଚଳ ପରିକ୍ରମା କରିଥାନ୍ତି। ଏହା ସହ ସୋମବାର ରାତିରେ କଣ୍ଟା ଦୋଳିରେ ବସିବା ସହିତ ଲୁହାର ସାବଳ ଗରମ କରି ସେହି ସାବଳକୁ ହାତରେ ଧରିଥାନ୍ତି। ସେହିପରି ନିଆଁ ମଧ୍ୟ ଚାଲିଥାନ୍ତି। ପୂର୍ବରୁ ପୁରୁଷ ଏହି ପୂଜା କରିଆସୁଛନ୍ତି । ମାଁ ପାଖରେ ଯିଏ ଯାହା ମାନସିକ କରନ୍ତି, ସେହି ମାନସିକ ପୂର୍ଣ୍ଣ ହେଲେ, ଶେଷ ଦିନରେ ମାଁ ନିକଟରେ କୁକୁଡା, ଛେଳି ବଳି ଦିଆଯାଏ। ଶେଷ ଦୁଇ ଦିନ ମନୋରଞ୍ଜନ ପାଇଁ କୋରାପୁଟ ଜିଲ୍ଲା ବୈପାରିଗୁଡାର ଏକ ନାଟକ ଦଳ ପରିବେଷଣ କରିଥିଲେ। ଏହା ସହ ମଙ୍ଗଳବାର ଦିନ କଳାହାଣ୍ଡି ଜିଲ୍ଲାର ଏକ ମେଲୋଡ଼ି ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ପଡିଆ,୭।୫(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଶିମିଳିବାଞ୍ଚା ଗ୍ରାମ ଠାରୁ ଏମଭି ୬୦ ଗ୍ରାମ ମଝିରେ ଥିବା ବୁଲାଣୀରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଶିଙ୍ଗା ମାଡକାମି କୌଣସି କାମରେ ଏମଭି ୬୦ ଗ୍ରାମରୁ ଶିମିଳିବାଞ୍ଚା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ବେଳେ ଶିମିଳିବାଞ୍ଚା ଗ୍ରାମ ପୂର୍ବରୁ ରହିଥିବା ମୋଡ଼ରେ ଭାରସାମ୍ୟ ହରାଇ ଘୋଷାରି ହୋଇ ପଡ଼ି ଯାଇଥିଲେ। ଯାହାଫଳରେ ଯୁବକ ଜଣଙ୍କ ଗୁରୁତର ଭାବେ ଆଘାତ ପାଇ ରକ୍ତାକ୍ତ ଅବସ୍ଥାରେ ରାସ୍ତା କଡରେ ପଡି ଥିଲେ। ଏ ବାବଦରେ ସୂଚନା ପାଇବା ପରେ ପଡିଆ ଅଗ୍ନିଶମ ଅଧିକାରୀ ବିରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଯୁବକଙ୍କ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି।

# ଭୂମିହୀନଙ୍କୁ ପଞ୍ଚାୟତରାଜ ମନ୍ତ୍ରୀଙ୍କ ପଟ୍ଟା ବଣ୍ଟନ





ରାମନାଗୁଡ଼ା,୭।୫(ସମିସ):

ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକର କୁଜେନ୍ଦ୍ରି ଓ ଗୋସେଇଁ ଗୁଲୁମୁଣ୍ଡା ଗ୍ରାମର ୨୫ ଜଣ ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ବଣ୍ଟନ କରିଛନ୍ତି। ଦୀର୍ଘ ଦିନ ଧରି ଭୂମିହୀନ ଭାବେ ରହି ଆସୁଥିବା ଗରିବ ପରିବାର ପଟ୍ଟା ପାଇବା ପରେ ସେମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ପଟ୍ଟା ବଣ୍ଟନ ଦ୍ୱାରା ସେମାନେ ନିଜର ବାସଗୃହ ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ପଟ୍ଟା ବଣ୍ଟନ ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ପ୍ରତ୍ୟେକ ଗରିବ ଓ ନିଷ୍ପେସିତ ପରିବାରକୁ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଭୂମିହୀନଙ୍କୁ ଜମିର ଅଧିକାର ଦେବା ଆମର ପ୍ରାଥମିକତା। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର, ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ଉପ ଜିଲ୍ଲାପାଳ ଅଭିଷେକ ଦୁଧାଲ୍ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସହ ରାଜସ୍ୱ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ ସମ୍ପାଦନ କରିଥିବାରୁ ମନ୍ତ୍ରୀ ସ୍ଥାନୀୟ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଓ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ପଟ୍ଟା ପାଇଥିବା ହିତାଧିକାରୀମାନେ ସରକାରଙ୍କ ଏହି ଜନହିତକର ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ପ୍ରସ୍ତୁତି ବୈଠକ

ମାଲକାନଗିରି, ୭।୫(ସମିସ): ଆସନ୍ତା ୧୨ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ଏନେଇ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଅଧିକାରୀ ଡ.ଚୌଧୁରୀ ନିହାର ରଞ୍ଜନ ପ୍ରହରାଜ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ସହ ଡାକ୍ତରଖାନା ପରିଚାଳକ ଏବଂ ବରିଷ୍ଠ ସେବିକାଗଣ ଉପସ୍ଥିତ ରହିଥିଲେ। ଏହି ଶିବିରରେ ରାଜ୍ୟସ୍ତରୀୟ ବିଶେଷଜ୍ଞ ଡାକ୍ତର ଯଥା ସ୍ନାୟୁ ରୋଗ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ବୃକକ ରୋଗ ବିଶେଷଜ୍ଞ, ପାଚନତନ୍ତ୍ର ରୋଗ ବିଶେଷଜ୍ଞ, ଅନ୍ତଃ



ସ୍ରାବୀ ରୋଗ ବିଶେଷଜ୍ଞ, ଲାପାରୋସ୍କୋପି ଏବଂଶଲ୍ୟ ବିଶେଷଜ୍ଞ ପ୍ରମୁଖ ଡାକ୍ତରୀଦଳ ଯୋଗଦେଇ ଚିକିତ୍ସା ସେବା ସହ ଅସ୍ତ୍ରୋପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜିଲ୍ଲାବାସୀଙ୍କୁ ସଚେତନତା ସହ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ୭ଟି ବ୍ଲକ ଓ ମାଲକାନଗିରି ସହରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରାଯିବା ବ୍ୟବସ୍ଥା କରାଯାଇଛି। ଏହି ଶିବିରକୁ ଅଧିକରୁ ଅଧିକ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ସେବାର ଲାଭ ଉଠାଇବା ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା।

ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ସମୀକ୍ଷା

# ୩ ମାସରେ ୨୯ ବାଲ୍ୟ ବିବାହ ବନ୍ଦ

କୋରାପୁଟ,୭ ।୫(ସମିସ): କୋରାପୁଟ ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଗତ ୩ ମାସ ମଧ୍ୟରେ ଜିଲ୍ଲାରେ ୨୯ଟି ବାଲ୍ୟ ବିବାହ ସଫଳତାର ସହ ବନ୍ଦ କରାଯାଇଛି। ଏହି ସାମାଜିକ କୁସଂସ୍କାରକୁ ଦୂର କରିବା ପାଇଁ ସମାଜର ସହଯୋଗ ଆବଶ୍ୟକତା ରହିଛି। ଜିଲାସ୍ତରୀୟ ଶିଶୁ ପାଇଁ ଦିନଟିଏ ଏବଂ ଶିଶୁ ସୁରକ୍ଷା କମିଟି ଓ ଟାସ୍କ ଫୋର୍ସର ବୈଠକରେ ଯୋଗଦେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏହା କହିଛନ୍ତି। ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ତରଫରୁ ଶିଶୁ ସୁରକ୍ଷା ଓ ଅଧିକାର ପାଇଁ ରହିଥିବା ଯୋଜନାର କାର୍ଯ୍ୟକାରୀ ଉପରେ ଆଲୋଚନା କରାଯାଇଥିଲା। ଏଥି ନିମନ୍ତେ ଏକ ସଚେତନତା ପୁସ୍ତିକା ପ୍ରକାଶନ କରାଯିବ। ଏହି ପୁସ୍ତିକା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯିବ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ




ସୁନୀଲ କୁମାର ତାଣ୍ଡି, ଜିଲ୍ଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ବି. ଗାୟିତ୍ରୀ ଦେବୀ, ଡିଏସପି ପୁଷ୍ପାଞ୍ଜଳୀ ନିଙ୍ଗୀ, ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲ୍ଲା ନିଯୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର, ସମଗ୍ର ଶିକ୍ଷା ଅଭିଯାନର ଗୁଣା।କ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ ପ୍ରମୁଖଙ୍କ ସହ ଜିଲ୍ଲାର ବାଲ୍ୟ ବିବାହ ସୁରକ୍ଷା ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ପାଢ଼ୀ ଯୋଗଦେଇ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ସବିତା ସମାଦର ଧନ୍ୟବାଦ ଅର୍ପଣ କରିଥିଲେ।

# ସଫେଇ କାର୍ଯ୍ୟ ଟେଣ୍ଡରର ଲଟେରୀକୁ ନେଇ ପ୍ରଶ୍ନବାଚୀ

## ଦ୍ୱିତୀୟ ଥର ଉଠାଣ ହୋଇଥିବା ଠିକାସଂସ୍ଥାକୁ କାର୍ଯ୍ୟାଦେଶ

ଜୟପୁର, ୭ ।୫(ସମିସ) :


ଜୟପୁର ପୌରସଂସ୍ଥାର ଆସନ୍ତା ବର୍ଷ ସହରର ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହିପରି ଏହି ଟେଣ୍ଡର ପ୍ରକ୍ରିୟାକୁ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହିପରି ଟେଣ୍ଡର ଅନ୍ତିମ ପର୍ଯ୍ୟାୟରେ ୩ଟି ଠିକାସଂସ୍ଥାକୁ ଚୟନ କରାଯାଇ ଲଟେରୀ ପ୍ରକ୍ରିୟା କରାଯାଇଥିଲା ଏବଂ ଏଥିରେ ଲଟେରୀ ପ୍ରଥମ ଉଠାଣରେ ଯେଉଁ ଠିକସଂସ୍ଥାର ନାମ ରହିଥିଲା ଏହାକୁ ବାଦ ଦିଆଯାଇ ପୁଣି ଦ୍ୱିତୀୟ ଉଠାଣରେ ଯେଉଁ ଠିକାସଂସ୍ଥାର ନାମ ଉଠାଣ ହୋଇଥିଲା ଉକ୍ତ ସଂସ୍ଥାକୁ ଦାୟୀତ୍ୱ ପ୍ରଦାନ ଭାବେ କାର୍ଯ୍ୟାଦେଶ ପ୍ରଦାନକୁ ନେଇ ସାଧାରଣରେ ଆର୍ଶ୍ଚର୍ଯ୍ୟ ପ୍ରକଟ କରାଯିବା ସହିତ ବ୍ୟାପକ ଅନିୟମତା ହୋଇଥିବା ନେଇ ଅଭିଯୋଗ ହୋଇଛି । ଏହି ଟେଣ୍ଡର ପ୍ରକ୍ରିୟା ସମେତ ଲଟେରୀ ଉଠାଣରେ ବ୍ୟାପକ ଅନିୟମତା ହୋଇଥିବା ନେଇ ପୌର କାଉନସିଲର ଦେବେନ୍ଦ୍ର ଚୌଧୁରୀ, ପଦ୍ମା ରେ‡, ପାର୍ଥ ସାରଥୀ ମଲ୍ଲିକ ଏବଂ ଏନ.ଲକ୍ଷ୍ମୀନାରାୟଣ ପ୍ରମୁଖ ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେଠାରେ ଜୟପୁର ପୌରସଂସ୍ଥାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ ଜିଲ୍ଲାପାଳଙ୍କୁ ସ୍ପଷ୍ଟ କରିଥିଲେ ଯେ, ଲଟେରୀ ଉଠାଣ ବେଳେ ଫ୍ୟାନ ପବନ ଯୋଗୁଁ ଗୋଟିଏ କାଗଜ ଚିଟ୍ ଟେବୁଲ ତଳକୁ ଖସିପଡିଥିଲ । ଏହାକୁ ଉଠାଇ ଉପରେ ରଖାହେବା ପରେ ଉଠାଣ ହୋଇଥିବା ଚିଟ ମୋଡି ହୋଇଥିବା ଯୋଗୁଁ ଏଥିନେଇ ଲଟେରୀ ଉଠାଣ ବେଳେ ଉପସ୍ଥିତ ରହିଥିବା ଜଣେ ଠିକାସଂସ୍ଥାର ପ୍ରତିନିଧି ପ୍ରତିବାଦ କରିଥିଲେ । ତେଣୁ ସମସ୍ତ ସହମତିରେ ପୁଣି ଦ୍ୱିତୀୟ ଥର ଉଠାଣ କରାଯାଇଥିଲା । ଏଥିରେ ପ୍ରତିବାଦ କରିଥିବା ଠିକାସଂସ୍ଥାର ନାମ ଚିଟ ଉଠାଣ ହୋଇଥିଲା ବୋଲି କହିଥିଲେ । କିନ୍ତୁ ଅନ୍ୟପକ୍ଷରେ ଏହାକୁ ପୁଣି ସେଠାରେ ପୂର୍ବରୁ ପାଇଥିବା ଠିକାସଂସ୍ଥା ଏବଂ ଅନ୍ୟ ଜଣେ ଠିକାସଂସ୍ଥାର ପ୍ରତିନିଧି ବିରୋଧ କରିଥିଲେ । ତେଣୁ ଉକ୍ତ ଟେଣ୍ଡରକୁ ସ୍ଥଗିତ ରଖାଯାଇଛି ଏବଂ ପରବର୍ତ୍ତୀ ନିଷ୍ପତି ଗ୍ରହଣ କରାଯିବ ବୋଲି ଟେଣ୍ଡର କମିଟିର ଅଧ୍ୟକ୍ଷ ତଥା ପୌରାଧ୍ୟକ୍ଷ, ପୌର ନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ କମିଟିର ସଦସ୍ୟ ମାନେ ନିଷ୍ପତି ଗ୍ରହଣ କରିଥିଲେ । କିନ୍ତୁ ଗତ ଶୁକ୍ରବାର ଉକ୍ତ ଦ୍ୱିତୀୟ ଉଠାଣରେ ନାମ ରହିଥିବା ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ମଳ ଓ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଟେଣ୍ଡାର ଆହ୍ୱାନ କରାଯାଇଥିଲା । ଏଥିରେ କେବଳ ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଟେଣ୍ଡର ଦାଖଲ କରିଥିବା ବେଳେ କାଗଜପତ୍ର .ଯାଞ୍ଚ ବେଳେ କେବଳ ଜଣେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିୟମ ଅନୁଯାୟୀ ଯୋଗ୍ୟତା ହାସଲ କରିଛନ୍ତି । ତେଣୁ ତୁରନ୍ତ ନୂତନ ଯୋଗ୍ୟତା ହାସଲ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟାନ୍ୟ ପ୍ରକ୍ରିୟା ପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି ।

# କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା



କୋରାପୁଟ,୭।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି । ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ମହାପାତ୍ରଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ବିଦ୍ୟାଳୟର ମୋଟ ୧୩ ଜଣ ଛାତ୍ର ମାଟ୍ରିକ ବୋର୍ଡ ପରୀକ୍ଷା ଦେଇ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣ ବି -୧ ଗ୍ରେଡରେ ପାସ କରିଥିବା ବେଳେ ୭ ଜଣ ବି -୨ ଏବଂ ୪ ଜଣ ସି ଗ୍ରେଡରେ ପାସ କରିଛନ୍ତି । ଛାତ୍ର ମାନଙ୍କ ଏହି ସଫଳତାରେ ପ୍ରଧାନ ଶିକ୍ଷୟତ୍ରୀ ସାଗରିକା ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଖୁସି ବ୍ୟକ୍ତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସମାଜସେବୀ ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ପରଲୋକ



କୁନ୍ଦୁରା, ୭।୫(ସମିସ): କୁନ୍ଦୁରା ବ୍ଲକର ସମାଜସେବୀ ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କର ଆଜି ମଧ୍ୟାହ୍ନରେ ମୁମ୍ବାଇ ଠାରେ ପରଲୋକ ହୋଇଯାଇଛି । ସେ ଭାରତୀୟ ନୌବାହିନୀର ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ଦୀର୍ଘ ୩୫ ବର୍ଷ କାର୍ଯ୍ୟକରି ଅବସର ନେଇଥିଲେ । ତାଙ୍କ କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତା ପାଇଁ ସେ ଭାରତୀୟ ନୌସେନାର ମୁଖ୍ୟ ଆଡ୍‌ମିରାଲଙ୍କ ଠାରୁ ପୁରସ୍କାର ପ୍ରାପ୍ତ ହୋଇ ଅବସର ଗ୍ରହଣ କରିଥିଲେ । ଅବସର ପରେ ସେ କୁନ୍ଦୁରା ଠାରେ ସ୍ଥାୟୀ ବାସିନ୍ଦା ଭାବେ ରହି ଆସୁଥିଲେ । ସେ ଗତ ସପ୍ତାହରେ ମୁମ୍ବାଇରେ ରହୁଥିବା ତାଙ୍କ ନାତିର ଗୃହ ପ୍ରତିଷ୍ଠାରେ ଯୋଗ ଦେବାକୁ ଯାଇ ସେଠାରେ ହଠାତ୍ ଅସୁସ୍ଥ ଅନୁଭବ କରିବା ହେତୁ ନିଜେ ଡାକ୍ତରଖାନା ଯାଇ ଥିଲେ । କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇ ଥିଲା । ସେ ଜଣେ ଦରଦୀ ସମାଜ ସେବୀ , ପରୋପକାରୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ । କୌଣସି ବ୍ୟକ୍ତି ଅସୁବିଧାରେ କିମ୍ବା ରୋଗରେ ପଡ଼ିଲେ ସେ ସହାୟତାର ହାତ ବଢ଼ାଉ ଥିଲେ । ଦିବ୍ୟାଙ୍ଗମାନଙ୍କୁ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ନେବା, ଗରିବ ଶ୍ରେଣୀର ଝିଅମାନଙ୍କୁ ବିବାହ ପାଇଁ ସାହାଯ୍ୟ କରିବା, ଶ୍ମଶାନ ସଫା ସୁତୁରା କରିବା, ଶୀତଦିନେ ଗରିବଙ୍କୁ ଶୀତ ବସ୍ତ୍ର ବାଣ୍ଟିବା ସହ ବିଭିନ୍ନ ସେବା ଅନୁଷ୍ଠାନକୁ ନିୟମିତ ଅର୍ଥ ଦାନ କରୁଥିଲେ । ତାଙ୍କ ମୃତ୍ୟୁରେ କୁନ୍ଦୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସାହିତ୍ୟିକ ସଂସ୍କୃତି ଗବେଷକ ଡକ୍ଟର ରାଜେନ୍ଦ୍ର ପାଢ଼ୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଆସନ୍ତାକାଲି ମୁମ୍ବାଇରୁ ତାଙ୍କ ମରଶରୀର କୁନ୍ଦୁରାରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହେବ ବୋଲି ତାଙ୍କ ପରିବାର ପକ୍ଷରୁ ଜଣାଯାଇଛି ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ



ନବରଙ୍ଗପୁର,୭।୫(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟମୁକାବିଲା ଓ ପରିଚାଳନା (ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ପରାମର୍ଶଦାତା ଭାବରେ ଯୋଗ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ପିଏ, ଆଇଟିଡିଏ, ସିଏସଓ, ଡିଇଓ, ଏସଇ, ଆର୍‌ଏଣ୍ଡବି, ଏଡିଏମ୍‌ଓ, ଡିଆଇପିଆର୍‌ଓ , ବିଭିନ୍ନ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ପୌରପାଳିକା, ନବରଙ୍ଗପୁର ଓ ଉମରକୋଟ ପ୍ରମୁଖ ଯୋଗ ଦେଇଥିଲେ । ବିଶେଷ କରି ଜିଲ୍ଲାରେ ସମ୍ଭାବ୍ୟ ବର୍ଷା ଦିନ ବନ୍ୟା ସମୟରେ ଏହାର ସଫଳ ମୁକାବିଲା କିପରି ଭାବରେ କରାଯାଇ ପାରିବ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଥିବା ଦୁର୍ବଳ ନଦୀ ବନ୍ଧ ଗୁଡିକ ଶୀଘ୍ର ଚିହ୍ନଟ କରି ତାର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବିଶେଷତଃ ବନ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ପ୍ରଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନି, ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ ବ୍ୟତୀତ ଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବନ୍ୟା ପ୍ରଭାବିତ ଅଞ୍ଚଳ ମାନଙ୍କରେ ସମ୍ଭାବ୍ୟ ମହାମାରୀ କୁ ପ୍ରତିହିତ କରିବା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେବା ସହିତ ବନ୍ୟା ପ୍ଲାବିତ ଅଞ୍ଚଳରେ ଆବଶ୍ୟକୀୟ ଔଷଧ ତଥା ସାପ କାମୁଡ଼ା ଇଞ୍ଜେକସନ୍ ,ହେଲୋଜିନ୍ ବଟିକା, ଓ ଆର୍ ଏସ୍, ବ୍ଲିଚିଙ୍ଗ ଇତ୍ୟାଦି ମହଜୁଦ ରଖିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ନବରଙ୍ଗପୁର ଜିଲ୍ଲାର ସମ୍ଭାବ୍ୟ ବନ୍ୟା ଅଞ୍ଚଳରେ ଏହାର ମୁକାବିଲା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କରିବା ଏବଂ ପ୍ରଭାବିତ ଲୋକଙ୍କୁ ଖାଦ୍ୟ ,ଆଶ୍ରୟ, ପାନୀୟ ଜଳ, ଔଷଧ ଶୀଘ୍ର ଯୋଗାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିପର୍ଯ୍ୟୟ ସମୟରେ ଯେମିତି ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧା ସୁରକ୍ଷିତ ସ୍ଥାନାନ୍ତରିତ ଉପରେ ଆଲୋକପାତ କରିଥିଲେ । ବର୍ଷା ପୂର୍ବରୁ ନଦୀବନ୍ଧ ଘାଇ ମରାମତି, ସହରାଞ୍ଚଳରେ ନାଳ ସଫେଇ ଓ ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ବିଶୋଧିତ ପାନୀୟଜଳ ଯୋଗାଣ ନଳକୂପ ବିଶୋଧନ, ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା, ଆଶ୍ରୟ ସ୍ଥଳୀ ଚିହ୍ନଟ କରିବା ଏବଂ ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧକୁ ହଟାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ସେହିପରି ବନ୍ୟା ବାତ୍ୟା ପରେ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ଆଶ୍ରୟ ସାମଗ୍ରୀ ପଲିଥିନ୍ ସିଟ୍ ଯୋଗାଇବା, ସଡ଼କ ପରିଷ୍କାର ,ଅର୍ଦ୍ଧ ଭଗ୍ନ ବିଦ୍ୟୁତ ଖୁଣ୍ଟ ଗୁଡିକର ମରାମତି ଓ ପୁନରୁଦ୍ଧାର ଯେଭଳି ବିଦ୍ୟୁତ୍ ସରବରାହ, ପାନୀୟ ଜଳ, ଟେଲିଫୋନ ବ୍ୟବସ୍ଥା ଆଦି ସମସ୍ତ ପ୍ରକାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ସଠିକ୍ ବୃଷ୍ଟିର ପରିମାଣ ଜିଲ୍ଲା ଜରୁରୀକାଳୀନ ଉପବିଭାଗକୁ ପ୍ରେରଣ କରିବା ପାଇଁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଅଞ୍ଚଳରେ ଦେଶୀ ଡଙ୍ଗା ଦ୍ୱାରା ଯାତ୍ରୀ ପରିବହନ କରାଯାଉଛି, ତାହାର ପଞ୍ଜୀକରଣ ଅବଧି ଦେଖିବା ଏବଂ ଅପରାହ୍ନ ସମୟରେ ଦେଶୀ ଡଙ୍ଗା ଦ୍ୱାରା ଯାତ୍ରୀ ପରିବହନ ବନ୍ଦ ରଖିବାକୁ ସଂପୃକ୍ତ ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ତେନ୍ତୁଳିଖୁଣ୍ଟି ବ୍ଲକର ବର୍ଷା ଋତୁରେ ଯେଉଁ ଅଞ୍ଚଳରେ ଗମନାଗମନ ବନ୍ଦ କିମ୍ବା ଅସୁବିଧା ରହେ, ସେହି ଅଞ୍ଚଳରେ ଆଗୁଆ ଖାଦ୍ୟ ମହଜୁଦ୍ କେନ୍ଦ୍ର କରିବା ପାଇଁ ସିଏସଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡା ପୁସ୍ତକ ୨୦୨୫-୨୬ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଜିଲ୍ଲା ଜରୁରୀକାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ହିମାଂଶୁ ପଟ୍ଟନାୟକ ଏବଂ ଉପବିଭାଗୀୟ ଅଧିକାରୀ ତିରୁପତି ବାଲାଜୀ ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ଜରୁରୀ ଅଧିକାରୀ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ■ କାର୍ ଦୁର୍ଘଟଣା, ଚାଳକ ଫେରାର

# ଗାଡ଼ି ଜବତ କରି ପୁଲିସର ତଦନ୍ତ



ନନ୍ଦପୁର,୭।୫ (ସମିସ): ଗାଡ଼ି ଦୁର୍ଘଟଣା ପରେ ଚାଳକ ଫେରାର । ଘଟଣା ସ୍ଥଳରେ ନନ୍ଦପୁର ପୁଲିସ ପହଞ୍ଚି ଏହାର ଅନୁଧ୍ୟାନ କରିବା ସହ ଗାଡ଼ିକୁ ଜବତ କରି ତଦନ୍ତ କରୁଥିବା ଜଣାପଡିଛି । ତେବେ ଗାଡି ନମ୍ବରରୁ ଏହା ଆନ୍ଧ୍ର ପ୍ରଦେଶର ଗାଡି ବୋଲି ଜଣାପଡ଼ିଛି । ଗାଡିରେ କେତେ ଜଣ ଥିଲେ, କୁଆଡେ ଯାଉଥିଲେ କିଛି ଜଣାପଡିଥିବା ପୁଲିସ କହିଛି । ତେବେ ତଦନ୍ତ ଚାଲିଛି, ଖୁବଶୀଘ୍ର ଜଣାପଡିବ ବୋଲି ନନ୍ଦପୁର ପୁଲିସ ସୂଚନା ଦେଇଛି ।

# କାଳିଆଗାଁ ଓ ଫାମ୍ପୁଣି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଜୟପୁର, ୭ ।୫(ସମିସ) :

ଜୟପୁର ବ୍ଲକରର କାଳିଆ ଗାଁ ଏବଂ ଫାମ୍ପୁଣି ଗ୍ରାମପଞ୍ଚାୟତର ନୂତନ ଭବେ ନିର୍ମିତ ଉନ୍ନତିମୂଳକ କାର୍ଯ୍ୟର ଶୁଭ ଉଦଘାଟନ ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କରିଛନ୍ତି । କାଳିଆଗାଁ ଗ୍ରାମ ପଞ୍ଚାୟତ ସଦର ଗ୍ରାମର ଅତିରିକ୍ତ ଶ୍ରେଣୀଗୃହ ଓ ଘାଟବାଗ୍ରାରେ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରର ଏବଂ ଫାମ୍ପୁଣି ଗ୍ରାମ ପଞ୍ଚାୟତରେ ଆଧୁନିକ ପୁସ୍ତକାଳୟର ଉଦ୍‌ଘାଟନ କରିଥିଲେ । ଶିକ୍ଷାର ବିକାଶ, ଶିଶୁମାନଙ୍କ ପାଇଁ ଉନ୍ନତ ପରିବେଶ, ଗ୍ରାମାଞ୍ଚଳରେ ଜ୍ଞାନର ପ୍ରସାର ଓ ସାମାଜିକ ଢାଞ୍ଚାକୁ ସୁଦୃଢ଼ କରିବା ଦିଗରେ ଏହି ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଅଞ୍ଚଳର ଲୋକମାନଙ୍କ ପାଇଁ ନୂତନ ସମ୍ଭାବନା ଓ ପ୍ରେରଣା ସୃଷ୍ଟି କରିବ ବୋଲି ବିଧାୟକ ଶ୍ରୀ ବାହିନୀପତି ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଏହି ଅବସରରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଗଣେଷ ପ୍ରସାଦ ପାଢୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, କନିଷ୍ଠ ଯନ୍ତ୍ରୀ ତରୁଣ ନାୟକ, ଉଭୟ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ ।

# ବନ ବିଭାଗ କାର୍ଯ୍ୟାଳୟ ଆଗରେ ଜଙ୍ଗଲ ଜଳୁଛି ; ବନ ଅଧିକାରୀଙ୍କ ପଡୁନି ନଜର

କୋରୁକୋଣ୍ଡା,୭।୫(ସମିସ): ମାଲକାନଗିରି ବନଖଣ୍ଡ କୋରୁକୋଣ୍ଡା ବନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗ ମାଉଳି ମା'ଜଙ୍ଗଲରେ ଦିନ ତମାମ ନିଆଁ ଜଳୁଛି । ଯାହାକି ଅଧିକାରୀଙ୍କ କାର୍ଯ୍ୟାଳୟକୁ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି । ହେଲେ ଦେଖିପାରୁନାହାଁନ୍ତି ଅଧିକାରୀ । ପ୍ରତାକ୍ଷଦର୍ଶୀଙ୍କ କହିବା ଅନୁଯାଇ ନିଆଁ ଜଳୁଥିଲେ କୌଣସି ବନ ଅଧିକାରୀଙ୍କର ଦେଖା ମିଳୁନାହିଁ । ଦୀର୍ଘ ଦିନ ହେବ ଏମିତି ଏହି ଜଙ୍ଗଲ ଜଳୁଥିଲେ ମଧ୍ୟ ବେଖାତିରି ଭାବେ ଅଧିକାରୀମାନେ ନ ଦେଖିଲାପରି ଚୁପ ରହୁଛନ୍ତି । ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିଲାବେଳେ ଆହୁରି ଅଧିକ କଳବଲ କରିଛି ଜଙ୍ଗଲ ପୋଡିର ନିଆଁ । ଲୋକଙ୍କ କହିବା ଅନୁଯାଇ ବନ ଅଧିକାରୀଙ୍କ ରହିବା ନିମନ୍ତେ କାର୍ଯ୍ୟାଳୟ ରହିଥିଲେ ମଧ୍ୟ କୌଣସି ଅଧିକାରୀ ରହୁନାହାନ୍ତି । ରାତିରେ କାର୍ଯ୍ୟାଳୟ ପରିସର ଅନ୍ଧାରରେ ରହୁଛି । ଆଉ ଜଙ୍ଗଲରେ ନିଆଁ ଲାଗିବା କଥା ପଚାରେ କିଏ । ବିଗତ ଦିନରେ କାର୍ଯ୍ୟାଳୟର ଝରକା କବାଟ ମରାମତି କରିବା ନିମନ୍ତେ ଜବତ କରି ଅଣାଯାଇଥିବା ପ୍ରାୟ ୫ଗୋଟି ସାଗୁଆନ ଗଣ୍ଡିକୁ ସ୍ଥାନୀୟ ବନପାଳ ବିନା ଅନୁମତିରେ କାଟିଦେଇଥିବା ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଥିଲେ ମଧ୍ୟ ଉପରସ୍ଥ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ।




## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



ମାଥିଲି,୭ ।୫(ସମିସ): ବୁଧବାର ବିଳମ୍ବିତ ରାତିରେ ମାଲକାନାଗିରି ଜିଲ୍ଲାର ପାଙ୍ଗାମ ଠାରେ ସନ୍ତୋଷ କିର୍ସାନି (୨୨) ନାମକ ଯୁବକଙ୍କ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ସେ ଗୋବିନ୍ଦପାଲିରୁ ମାଲକାନାଗିରି ଅଭିମୁଖେ ଆସୁଥିବା ସମୟରେ ତାଙ୍କ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡିଛି । ତେବେ ସନ୍ତୋଷ ତାଙ୍କ ବନ୍ଧୁମାନଙ୍କୁ ଗୋବିନ୍ଦପାଲିରେ ଛାଡିବା ପାଇଁ ଯାଇ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ । ଘଟଣା ସ୍ଥଳରେ ମାଲକାନଗିରି ପୁଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ମାଲକାନାଗିରି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଛାତ, ଭାତ ଓ ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ଗୋରା ଝିଲିମିଲିଆ

ବୈପାରୀଗୁଡ଼ା,୭।୫(ସମିସ): ସମାଜର ତଳସ୍ତରରେ ଥିବା ଗରିବ ନିରୀହ ଭିନ୍ନକ୍ଷମଙ୍କ ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି । ଅସହାୟ ପାଇଁ ଗରିବୀ ଏକ ଅଭିଶାପ ସଦୃଶ । କାରଣ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ଆବାସ ଯୋଜନା, ଭତ୍ତା ଏବଂ ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଇଛନ୍ତି । କିନ୍ତୁ ଅନ୍ୟପଟେ ପ୍ରଶାସନିକ ବ୍ୟବସ୍ଥା ଏମିତି ଯେ ଅନେକ ଅଯୋଗ୍ୟ ହିତାଧିକାରୀ ଏହାର ସୁଯୋଗ ନେଉଛନ୍ତି । ଏଥିପ୍ରତି କାହାର ଦୃଷ୍ଟି ପଡୁନି କି ତଦନ୍ତ ପାଇଁ କେହି ଚାହୁଁନାହାନ୍ତି । ସ୍ଥାନୀୟ ପ୍ରଶାସନ ଏବଂ ଲୋକ ପ୍ରତିନିଧିଙ୍କ ବେପରୁଆ ମନୋଭାବ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏସବୁ ଯୋଜନା ପହଞ୍ଚି ପାରୁନାହିଁ । ଏଭଳି ଏକ ବାସ୍ତବ ଚିତ୍ର ବୈପାରୀଗୁଡା ବ୍ଲକ ମୁଖିଆ ତଥା ପଞ୍ଚାୟତ ସମିତି



ଅଧ୍ୟକ୍ଷଙ୍କ ନିର୍ବାଚନ ଅଞ୍ଚଳରେ ଦେଖିବାକୁ ମିଳିଛି । ପୂଜାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଗାଦୁଆଗୁଡା ଗାଁର ଅସହାୟ ଭିନ୍ନକ୍ଷମ ଗୋରା ଝିଲିମିଲିଆ(୫୦) । ସେ ଜନ୍ମରୁ ଭିନ୍ନକ୍ଷମ । ତାଙ୍କର ବାମ ହାତ ସମ୍ପୂର୍ଣ୍ଣ ଅଚଳ ଥିବା ବେଳେ ସଠିକ ଚାଲିପାରନ୍ତି ନାହିଁ । ପିଲାଦିନରୁ ସେ ବାପା ମାଆ ଛେଉଣ୍ଡ । ଦୁଇ ଓଳି ପେଟପୂରା ଖାଇବାକୁ ନାହିଁ କି ରହିବାକୁ ସୁରକ୍ଷିତ ଘର ବି ଖଣ୍ଡେ ନାହିଁ । ଏଣେ ତେଣେ ବୁଲି ବୁଲି ରହନ୍ତି । କିଏ ଖାଇବାକୁ ଦେଲେ ବ୍ଲକରେ ଅନ୍ତୋଦୟ ଗୃହ ଯୋଜନାରେ ୯୪୫ ଟି ଘର ପ୍ରଦାନ କରିଥିବା ବେଳେ ପୂଜାରୀଗୁଡା ପଞ୍ଚାୟତରେ ୩୫ଟି ଅନ୍ତୋଦୟ ଗୃହ ପ୍ରଦାନ କରାଯାଇଛି । କିନ୍ତୁ ନିକଟରେ "ଦୀପ ତଳ ଅନ୍ଧାର" ଭଳି ମନେ ହେଉଛି । କାରଣ ବୈପାରୀଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ଏହି ପୂଜାରୀଗୁଡା ପଞ୍ଚାୟତରୁ ନିର୍ବାଚିତ

## ବ୍ଲକ ଅଧ୍ୟକ୍ଷଙ୍କ ନିଜ ପଞ୍ଚାୟତରେ ସରକାରୀ ଯୋଜନା ବାଟବଣା

ଖାଲି ନଚେତ ଉପବାସରେ ଦିନ ଗଡାନ୍ତି । ସରକାରୀ ସହାୟତା କହିଲେ ଭତ୍ତା ମିଳୁଥିଲା । ତାହାବି ଏବେ କଟିଯାଇଛି । ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି, ତଦନ୍ତ କରି ଚଳିତ ମାସରୁ ଭତ୍ତା ପ୍ରଦାନ କରାଯିବ । ସେହିପରି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅନଗ୍ରସରଙ୍କୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା ଅନ୍ତୋଦୟ ଗୃହ ଯୋଜନା । କିନ୍ତୁ ଗୋରାଙ୍କ ପାଇଁ ଏହି ଯୋଜନା ସାତସପନ ପାଲଟିଛି । ନୂଆ ସରକାର ଆସିବା ପରେ ଏହି ତାଲିକା ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀ ଗୋରା ଝିଲିମିକିଆଙ୍କ ନାଁ ନାହିଁ । ଏନେଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାଇ ସମ୍ମାନଜନକ ଜୀବନଯାପନ ନିମନ୍ତେ ଭିନ୍ନକ୍ଷମ, ଗରିବ ଓ ଯୋଗ୍ୟ ପରିବାରକୁ ଅଳ୍ପ ମୂଲ୍ୟରେ ପୁଷ୍ଟିକର ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି କିନ୍ତୁ ଗୋରା ଝିଲିମିଲିଆ ଏଥିରୁ ବଞ୍ଚିତ ଅଛନ୍ତି । ସେ ପୂର୍ବରୁ ଚାଉଳ ପାଉଥିଲେ । କିନ୍ତୁ ଏବେ ତାଙ୍କ ନାଁ କାଟି ଦିଆଯାଇଛି ବୋଲି ସେ ନିଜେ ଅଭିଯୋଗ କରିଛନ୍ତି । ଅସହାୟ ଗୋରା ଝିଲିମିଲିଆଙ୍କ ହୋଇଛନ୍ତି । ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୩ କିଲୋମିଟର ଦୂରରେ ରହୁଥିବା ଏହି ହିତାଧିକାରୀ ସ୍ଥାନୀୟ ସରପଞ୍ଚ ସତ୍ୟ ନାୟକ କିମ୍ବା ପିଇଓ ପ୍ରଦୀପ ସାହୁଙ୍କ ନଜରକୁ ଆସିଲା ନାହିଁ । ଫଳରେ ଜଣେ ଅସହାୟ ଭିନ୍ନକ୍ଷମ ସରକାରୀ ସମସ୍ତ ଯୋଜନାରୁ ବଞ୍ଚିତ ରହିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗରିବ ନିରୀହ ଭିନ୍ନକ୍ଷମ ଅସହାୟ ଗୋରା ଝିଲିମିଲିଆଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

ସକାଳ
THE SAKALA

# ସମ୍ପାଦକୀୟ



ଆଖିଆଗରେ ସମ୍ପୂର୍ଣ୍ଣ ଅନ୍ଧାର ଛାଇଯିବା ପରେ ହିଁ ତାରକାମାନେ ଦେଖାଯାଆନ୍ତି।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ବଙ୍ଗ ହିଂସା

ନିଜର ଚିରାଚରିତ ହିଂସାମୁଖୀ ନିର୍ବାଚନୀ ରାଜନୈତିକ ଅପସଂସ୍କୃତିକୁ ବଜାୟ ରଖିବାରେ ପଶ୍ଚିମବଙ୍ଗ ପୁଣି ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଏହି ଖବର ଲେଖା ହେବା ସମୟ ସୁଦ୍ଧା ହିଂସାକାଣ୍ଡରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗର ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଛି। ଏହାପୂର୍ବରୁ ବିଜେପିର ବିଜୟ ଉତ୍ସବ ପାଳନ ବେଳେ ଟିଏମ୍ସି କର୍ମୀଙ୍କ ଆକ୍ରମଣରେ ଜଣେ ବିଜେପି କର୍ମୀ ଏବଂ ପାଲଟା ଆକ୍ରମଣରେ ଜଣେ ଟିଏମ୍ସି କର୍ମୀ ନିହତ ହୋଇଛନ୍ତି। ଟିଏମ୍ସିର ଏକାଧିକ କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଥିବା ବେଳେ ଆଉ କେତେକକୁ ଗେରୁଆ ରଙ୍ଗରେ ଚିତ୍ରିତ କରାଯିବା ପରେ ଅଶାନ୍ତି ବଢ଼ିଛି। କୋଲକାତା ନ୍ୟୁ ମାର୍କେଟ କମ୍ପ୍ଲେକ୍ସର କେତେକ ଦୋକାନ ଉପରେ ବୁଲ୍ଡୋଜର ଚଢ଼ାଇ ଭାଙ୍ଗି ଦିଆଯାଇଛି। ତେଣୁ ସେଠାରେ ନିର୍ବାଚନୀ ପରବର୍ତ୍ତୀ ରାଜନୈତିକ ହିଂସା ଅଧିକ ଉଗ୍ର ହେବାର ଆଶଙ୍କା କରାଯାଉଛି। ଇତିମଧ୍ୟରେ ରାଜ୍ୟ ପୁଲିସ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ହିଂସାକାଣ୍ଡ ଭିଆଇଥିବା ଓ ସମ୍ପୃକ୍ତି ଅଭିଯୋଗରେ ଗିରଫ କରିଛି। ସମ୍ଭାବ୍ୟ ହିଂସାକୁ ପ୍ରଶମିତ କରିବା ପାଇଁ ରାଜ୍ୟରେ ୫୦୦ କମ୍ପାନୀ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। କିନ୍ତୁ ହିଂସାକାରୀମାନେ ଏଥିପ୍ରତି ଖାତିର କରିନାହାନ୍ତି। ବଙ୍ଗ ପାଲଟା ଆକ୍ରମଣରେ ଅନ୍ୟୁନ ପାଞ୍ଚଜଣ ପୁଲିସ କର୍ମଚାରୀ ଓ ଦୁଇଜଣ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଯବାନ ଆହତ ହୋଇଥିବା ସୂଚନା ମିଳିଛି।

ପଶ୍ଚିମବଙ୍ଗରେ ଯେଉଁ ଦଳ ମଧ୍ୟ କ୍ଷମତାରେ ଥାଆନ୍ତୁ ନା କାହିଁକି ନିର୍ବାଚନ ବେଳେ ହିଂସାକାଣ୍ଡ ସେଠାକାର ଏକ କଳୁଷିତ ପରମ୍ପରାରେ ପରିଣତ ହୋଇସାରିଛି। ମୁକ୍ତ ଓ ଅବାଧ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ମୂଳମନ୍ତ୍ର ହୋଇଥିଲେ ହେଁ ପଶ୍ଚିମବଙ୍ଗରେ ସବୁବେଳେ ବାହୁବଳ ହିଁ ନିର୍ବାଚନରେ ପ୍ରଭାବ ବିସ୍ତାର କରି ଆସିଛି। ସେଠାରେ ୨୦୨୧ ରାଜ୍ୟ ନିର୍ବାଚନ ବେଳେ ମଧ୍ୟ ବ୍ୟାପକ ହିଂସାକାଣ୍ଡ, ଜଳାପୋଡ଼ା ଓ ଧର୍ଷଣ ଆଦିର ଚିତ୍ର ଦେଖିବାକୁ ମିଳିଥିଲା। ଏପିରିକି କେନ୍ଦ୍ର ମାନବାଧିକାର ଆୟୋଗଙ୍କ ସଭ୍ୟମାନଙ୍କ ଦ୍ୱାରା ରାଜ୍ୟରେ ତଦନ୍ତ ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ଦିଆଯାଇ ନଥିଲା। ରାଜ୍ୟ ପୁଲିସ ବାହିନୀ ଶାସକ ଦଳର ସ୍ୱାର୍ଥ ରକ୍ଷା ପାଇଁ ବ୍ୟବହାର କରାଯାଉଛି ବୋଲି ବ୍ୟାପକ ଅଭିଯୋଗ ଆସିଥିଲା। ପଶ୍ଚିମବଙ୍ଗ ଓ ବାଂଲାଦେଶ ସୀମାନ୍ତ ରାସ୍ତାରେ ଅନେକ ସଂଖ୍ୟାରେ ଅନୁପ୍ରବେଶକାରୀ ହିଂସାକାଣ୍ଡରେ ଲିପ୍ତ ରହୁଛନ୍ତି ବୋଲି ବିଭିନ୍ନ ଅଭିଜ୍ଞ ମହଲରୁ ଅଭିଯୋଗ ଆସିଥିଲା। ତତ୍କାଳୀନ ଶାସକ ତୃଣମୂଳ କଂଗ୍ରେସ ଦଳ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ଅଭିଯୋଗ ମଧ୍ୟ ହୋଇଥିଲା। ତେଣୁ ଏଭଳି ଅସାମାଜିକ ତଥା ଦେଶବିରୋଧୀ ତତ୍ତ୍ୱମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ କରାଗଲା ନାହିଁ। ୨୦୨୧ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସାରେ ୫୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ହଜାର ଏଫ୍ଆଇଆର ଦାଏର ହୋଇଥିଲା। ସେଗୁଡ଼ିକର ଭବିଷ୍ୟତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଞ୍ଚବର୍ଷ ଭିତରେ ଶୂନ୍ୟରେ ମିଳାଇଗଲା।

ପଶ୍ଚିମବଙ୍ଗରେ ଗତ ପଞ୍ଚାୟତ ନିର୍ବାଚନ ବେଳେ ମଧ୍ୟ ନିର୍ବାଚନୀ ହିଂସାରେ ୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଓ ଅର୍ଦ୍ଧସାମରିକ ବାହିନୀ ମୁତୟନ ସତ୍ତ୍ୱେ ହିଂସା ଅଣାୟତ୍ତ ହୋଇପଡ଼ିଥିଲା। ରାଜ୍ୟର ମୁଖ୍ୟତଃ ସାତଟି ଜିଲ୍ଲାରେ ବ୍ୟାପକ ପୋଡ଼ା ଜଳା ହୋଇ ବ୍ୟାଲଟ୍ ବକ୍ସ ଲୁଟ୍ ସହିତ ବିଭିନ୍ନ ସ୍ଥାନରେ ବୋମାମାଡ଼ ହୋଇଥିଲା। ଏହାପୂର୍ବରୁ ୨୦୦୩ ଓ ୨୦୧୮ ରେ ପଞ୍ଚାୟତି ନିର୍ବାଚନ ବେଳେ ଅନୁରୂପ ହିଂସାକାଣ୍ଡରେ ଯଥାକ୍ରମେ ୭୬ ଓ ୪୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ପ୍ରାୟ ୪୦ ବର୍ଷ ଧରି କଂଗ୍ରେସ, ବାମ, ଦକ୍ଷିଣ ଓ ତୃଣମୂଳ ନିର୍ବିଶେଷରେ ସମସ୍ତେ ଅର୍ଥ ଓ ବାହୁବଳ ପ୍ରୟୋଗ କରି ଯେକୌଣସି ନିର୍ବାଚନରେ ବିଜୟ ଲାଭ କରିବାର ପ୍ରଚେଷ୍ଟା କରିଆସିଛନ୍ତି। ସଦ୍ୟତମ ଘଟଣାଗୁଡ଼ିକରେ ମଧ୍ୟ ଏଭଳି ପରସ୍ପର ବିରୋଧୀ ଅଭିଯୋଗ ଆସୁଛି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଉଭୟ ବିଜୟୀ ଓ ପରାଜିତ ଦଳର କର୍ମୀମାନେ ଯେଭଳି ଉଗ୍ର ଓ ପ୍ରତିଶୋଧ ପରାୟଣ ହୋଇପଡ଼ିଛନ୍ତି ତାହା ସେମାନଙ୍କୁ ରକ୍ତମୁଖା କରିବାକୁ ଅଧିକ ସମୟ ଲାଗିବ ନାହିଁ। ବିଧାନସଭା ନିର୍ବାଚନ ଫଳାଫଳକୁ ଯେ ସାମ୍ପ୍ରଦାୟିକ ଆଧାରିତ ଧ୍ରୁବୀକରଣ ରାଜନୀତି ପ୍ରଭାବିତ କରିନାହିଁ ଏ କଥା ଜୋର ଦେଇ କହିହେବ ନାହିଁ। ବିଜୟ ଉଲ୍ଲାସ ଓ ପରାଜୟର ଗ୍ଲାନିରୁ ଏହି ସାମ୍ପ୍ରଦାୟିକ ରାଜନୀତି ଧାରଣା ଏତେ ଶୀଘ୍ର ଦୂର ହେବାର ସମ୍ଭାବନା ଦେଖାଯାଉନାହିଁ। ତେଣୁ ଆଗାମୀ ଦିନରେ ପଶ୍ଚିମବଙ୍ଗ ଏକ ବଡ଼ ଧରଣର କିମ୍ବା କ୍ରମାଗତ ସାମ୍ପ୍ରଦାୟିକ ହିଂସାକୁ ସାମ୍ନା କରିପାରେ। ବିଶେଷକରି ରାଜ୍ୟର ସୀମାନ୍ତ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଧ୍ୟୁଷିତ ଅଞ୍ଚଳ ଅଧିକ ଅଶାନ୍ତ ଓ ଉଗ୍ର ହେବାର ଆଶଙ୍କା ରହିଛି। ଏହି ଆଳରେ ଚୀନ୍ ପ୍ରୋତ୍ସାହନରେ ବାଂଲାଦେଶୀ, ମ୍ୟାଁମାର ଆଦି ବାହ୍ୟ ଉଗ୍ରବାଦ ତତ୍ତ୍ୱ ଭାରତରେ ଅଶାନ୍ତି ସୃଷ୍ଟି କରିବାର ଉଦ୍ୟମ ଅସମ୍ଭବ ନୁହେଁ। ତେଣୁ ଶପଥ ନେବାକୁ ଯାଉଥିବା ନୂଆ ସରକାର ପାଇଁ ଆଗାମୀ କିଛି ମାସ ଅନେକ ଆହ୍ୱାନଭରା ହେବ। ହିଂସା ଓ ଅସ୍ଥିରତା ନିୟନ୍ତ୍ରଣ ଅଗ୍ରାଧିକାର ପାଇଲେ ବିକାଶ ବାଧାପ୍ରାପ୍ତ ହେବା ସ୍ୱାଭାବିକ। ଏପରିକି କେତେକ ରାଜନୀତି ବିଶାରଦ ଏବେଠାରୁ ଆଶଙ୍କା କରୁଛନ୍ତି ଯେ ସେଠାରେ ମଣିପୁର ଭଳି ସ୍ଥିତି ସୃଷ୍ଟି ହୋଇ ରାଷ୍ଟ୍ରପତି ଶାସନ ଲାଗୁ ହୋଇପାରେ।

ସାମଗ୍ରିକ ଭାବେ ନିର୍ଯାସରେ କୁହାଯାଇପାରେ ଯେ ହିଂସାକାଣ୍ଡରେ ନିରୀହ ଜନଜୀବନ କେବଳ ପ୍ରଭାବିତ ହେଉନାହିଁ, ଭାରତର ଗଣତାନ୍ତ୍ରିକ ଗରିମା ମଧ୍ୟ କ୍ଷୁଣ୍ଣ ହେଉଛି। କିନ୍ତୁ ସେଠାକାର ରାଜନେତା ଓ ସେମାନଙ୍କ ସମର୍ଥକମାନଙ୍କ ପାଇଁ ହିଂସା ସତେଯେପରି ଜଣାଶୁଣା ନିର୍ବାଚନୀ ଅସ୍ତ୍ରରେ ପରିଣତ ହୋଇଛି। କେନ୍ଦ୍ରୀୟ ସୁରକ୍ଷା ବାହିନୀଙ୍କ ଉପସ୍ଥିତରେ ଏବେ ସେଠାରେ ଯେପରି ହିଂସାକାଣ୍ଡ ଘଟିଛି ଓ ଘଟୁଛି ତାହାକୁ ତର୍ଜମା କଲେ ସେଠାକାର ଅସ୍ଥିର ଓ ଅଶାନ୍ତ ଭବିଷ୍ୟତର ଚିତ୍ର କିଛିଟା ଅନୁମାନ କରାଯାଇପାରେ। ରାଜନେତାଙ୍କ ଉସୁକାଣରେ ହିଂସାକାଣ୍ଡ ଭିଆଉ ଥିବା ବିଚରା ଭୋଟରମାନେ ଜାଣି ରଖିବା ଉଚିତ ଯେ ଏହାଦ୍ୱାରା ସେମାନଙ୍କର ହିଁ କ୍ଷତି ହେଉଛି, ବିପକ୍ଷ ଦଳର ନୁହେଁ। କିନ୍ତୁ ହିଂସାମଉରେ ମତୁଆଲା ଭୋଟରମାନଙ୍କୁ ଚେତାଇବ କିଏ?

---

**ମୋ ସ୍ୱପ୍ନର ଓଡ଼ିଶା**

# ଆମ ସ୍ୱପ୍ନର ସୁବର୍ଣ୍ଣ ଦିଗନ୍ତ, ସଂସ୍କୃତି ଓ ସମୃଦ୍ଧିର ନବ ଅଭିଯାନ

ପ୍ରଶାନ୍ତ ନନ୍ଦ

*ପୂର୍ବପ୍ରକାଶିତ ଉତ୍ତାରୁ...*

**ସଂସ୍କୃତି, ପର୍ଯ୍ୟଟନ ଓ ଓଡ଼ିଆ ଅସ୍ମିତା:**


ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ଆମର ସବୁଠାରୁ ବଡ଼ ପରିଚୟ। ବିକଶିତ ଓଡ଼ିଶାର ସ୍ୱପ୍ନରେ ଆମର ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସହିତ ତା'କୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯିବ।

- **ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନ:** ଶ୍ରୀକ୍ଷେତ୍ର ପୁରୀ, କୋଣାର୍କ ଓ ଲିଙ୍ଗରାଜ ମନ୍ଦିର ପରି ପ୍ରମୁଖ ସ୍ଥାନଗୁଡ଼ିକର ସାଂସ୍କୃତିକ ଗୌରବକୁ ବଜାୟ ରଖି ସେଗୁଡ଼ିକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର ଭାବରେ ଗଢ଼ି ତୋଳାଯିବ।
- **ଓଡ଼ିଆ ଭାଷା ଓ ସାହିତ୍ୟର ସଂରକ୍ଷଣ:** ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ଓଡ଼ିଆ ଭାଷାକୁ ଅଧିକ ବ୍ୟବହାରଯୋଗ୍ୟ ଓ ସମୃଦ୍ଧ କରାଯିବ। ଓଡ଼ିଆ ସାହିତ୍ୟକୁ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଭାଷାରେ ଅନୁବାଦ କରାଯାଇ ଆମ ସଂସ୍କୃତିର ବ୍ୟାପ୍ତି କରାଯିବ।

**ଭିତ୍ତିଭୂମି ଓ ନଗରୀକରଣ:**

ରାଜ୍ୟର ବିକାଶ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମିର ଆବଶ୍ୟକତା ରହିଛି। ବିଗତ ବର୍ଷଗୁଡ଼ିକରେ ଆମେ ଓଡ଼ିଶାକୁ ପ୍ରାୟତଃ ଏକ ଗ୍ରାମୀଣ ରାଜ୍ୟ ଭାବେ ଦେଖିଛୁ। କିନ୍ତୁ ଆଗାମୀ ୨୦ବର୍ଷରେ ସୁଚିନ୍ତିତ ନଗରୀକରଣ ଆମର ଲକ୍ଷ୍ୟ ହେବ।

- **ବୃହତ୍ ଅର୍ଥନୈତିକ ଅଞ୍ଚଳ(ଇକନୋମିକ୍ କ୍ଲଷ୍ଟର):** ସରକାରଙ୍କ ଭିଜନ ଅନୁଯାୟୀ ଭୁବନେଶ୍ୱର- କଟକ- ପୁରୀ-ପାରାଦୀପ (ବିସିପିପିଆର) କୁ ଏକ ବୃହତ ଅର୍ଥନୈତିକ କରିଡ଼ରରେ ପରିଣତ କରାଯିବ। ଏହା ବ୍ୟତୀତ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର ଏବଂ ବ୍ରହ୍ମପୁର- ଛତ୍ରପୁର- ଗୋପାଳପୁରକୁ ମଧ୍ୟ ଶିଳ୍ପାଞ୍ଚଳ ହବ୍ ଭାବେ ଗଢ଼ାଯିବ।



- **ଗମନାଗମନ କ୍ଷେତ୍ରରେ ବିପ୍ଳବ:** ଆଗାମୀ ୨୦ବର୍ଷରେ ପ୍ରତ୍ୟେକ ଜିଲ୍ଲାକୁ ଏକ୍ସପ୍ରେସ୍ ୱେ ଏବଂ ବୁଲେଟ୍ ଟ୍ରେନ୍ ଭଳି ଅତ୍ୟାଧୁନିକ ରେଳ ବ୍ୟବସ୍ଥା ଦ୍ୱାରା ଯୋଡ଼ାଯିବ। ବିମାନବନ୍ଦରର ସଂଖ୍ୟା ବୃଦ୍ଧି କରାଯାଇ ପ୍ରତ୍ୟେକ ପ୍ରମୁଖ ସହରକୁ ଆକାଶ ପଥରେ ଯୋଡ଼ାଯିବ।
- **ଗ୍ରୀନ୍ ଏନର୍ଜି ବା ସବୁଜ ଶକ୍ତି:** କୋଇଲାଭିତ୍ତିକ ତାପଜ ବିଦ୍ୟୁତ ଉପରେ ନିର୍ଭରଶୀଳତା କମାଇ ସୌର ଶକ୍ତି, ପବନ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ ଶିଳ୍ପର ବିକାଶ କରାଯିବ। ପରିବେଶ ପ୍ରଦୂଷଣମୁକ୍ତ ଓଡ଼ିଶା ଆମର ଶ୍ରେଷ୍ଠ ଅଭିଳାଷ।

**ସୁଶାସନ ଓ ନାଗରିକ କେନ୍ଦ୍ରିକ ପ୍ରଶାସନ:**

ଏକ ବିକଶିତ ରାଜ୍ୟର ପରିଚୟ ତା'ର ସ୍ୱଚ୍ଛ ଓ ଜବାବଦେହୀ ଶାସନ ବ୍ୟବସ୍ଥା ଉପରେ ନିର୍ଭର କରେ। ଦୁର୍ନୀତିମୁକ୍ତ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଶାସନ ହିଁ ବିକଶିତ ଓଡ଼ିଶାର ଚାବିକାଠି।

- **ଇ-ଗଭର୍ଣ୍ଣାନ୍ସ ଓ ପାରଦର୍ଶିତା:** ସରକାରୀ ସେବା ପାଇଁ ଲୋକଙ୍କୁ ଯେପରି ଅଫିସ୍ ଦୌଡ଼ିବାକୁ ନପଡ଼େ, ସେଥିପାଇଁ ସମସ୍ତ ପ୍ରକାରର ସରକାରୀ ସେବାକୁ ଅନଲାଇନ୍ ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛ କରାଯିବ।
- **ବିପର୍ଯ୍ୟୟ ପରିଚାଳନାରେ ଶୀର୍ଷ ସ୍ଥାନ:** ଓଡ଼ିଶା ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାର ସମ୍ମୁଖୀନ ହୁଏ। ଆଗାମୀ ୨୦ ବର୍ଷରେ ଆମର ପ୍ରସ୍ତୁତି ଏପରି ହେବା ଉଚିତ୍ ଯେ ଯେକୌଣସି ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମଧ୍ୟ ସେଥିରେ ଜଣେ ବି ବ୍ୟକ୍ତିର ପ୍ରାଣହାନି ଘଟିବ ନାହିଁ। ଜିରୋ କାଜୁଆଲ୍ଟି ଆମର ଚିରନ୍ତନ ନୀତି ହେବ।

**ବିକଶିତ ଓଡ଼ିଶାର ସଫଳତା ପାଇଁ ଆହ୍ୱାନ:**

ଯେକୌଣସି ବଡ଼ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ଏତେ ସହଜ ନୁହେଁ। ବିକଶିତ ଓଡ଼ିଶାର ଏହି ଯାତ୍ରାରେ ଆମ ଆଗରେ ଅନେକ ବଡ଼ ଆହ୍ୱାନ ରହିଛି, ଯାହାକୁ ଆମକୁ ଦୃଢ଼ତାର ସହ ସମ୍ମୁଖୀନ ହେବାକୁ ପଡ଼ିବ -

- **ଆଞ୍ଚଳିକ ଅସନ୍ତୁଳନ ଦୂରୀକରଣ:** ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିକାଶକୁ ଉପକୂଳବର୍ତ୍ତୀ ଓଡ଼ିଶା ସହ ସମାନ ସ୍ତରକୁ ଆଣିବାକୁ ପଡ଼ିବ।
- **ଶିଳ୍ପାୟନ ଓ ପରିବେଶ ମଧ୍ୟରେ ସନ୍ତୁଳନ:** ଅର୍ଥନୈତିକ ଅଭିବୃଦ୍ଧି କରୁଥିବା ବେଳେ ଯେମିତି ଆମର ପ୍ରକୃତି ଓ ଜଙ୍ଗଲ ନଷ୍ଟ ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।
- **ପ୍ରତିଭା ପଳାୟନକୁ ରୋକିବା:** ଓଡ଼ିଶାର ମେଧାବୀ ଯୁବକମାନେ ଯେପରି ରାଜ୍ୟ ବାହାରକୁ ବା ବିଦେଶକୁ ଚାକିରି ପାଇଁ ଚାଲି ନ ଯାଆନ୍ତି, ସେମାନଙ୍କ ପାଇଁ ଉପଯୁକ୍ତ ସୁଯୋଗ ରାଜ୍ୟ ଭିତରେ ହିଁ ସୃଷ୍ଟି କରିବାକୁ ହେବ।

**ଓଡ଼ିଶା ଭବିଷ୍ୟତ ଓ ବିସ୍ତାରର ସ୍ୱପ୍ନ:**

ଆଗାମୀ ୨୦ବର୍ଷ ପରେ ଆମେ ଯେଉଁ ଓଡ଼ିଶାକୁ ଦେଖିବାକୁ ଚାହୁଁ, ତାହା କେବଳ ସରକାରଙ୍କ ଯୋଜନା ବା ବଜେଟ୍ ଦ୍ୱାରା ସମ୍ଭବ ନୁହେଁ। ଏହା ହେଉଛି ପ୍ରତ୍ୟେକ ସାଢ଼େ ଚାରି କୋଟି ଓଡ଼ିଆଙ୍କର ଏକ ମିଳିତ ସ୍ୱପ୍ନ। ଏଥିପାଇଁ ଆମ ସମସ୍ତଙ୍କୁ ନିଜ ନିଜ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡ଼ିବ।

ଆମେ ଏପରି ଏକ ବିକଶିତ ଓଡ଼ିଶା ଚାହୁଁ, ଯେଉଁଠାରେ ଦାରିଦ୍ର୍ୟ ରହିବ ନାହିଁ, ପ୍ରତ୍ୟେକଙ୍କ ମୁଣ୍ଡ ଉପରେ ପକ୍କା ଛାତ ଥିବ, ପିଲାମାନଙ୍କ ହାତରେ ବହି ଓ ଯୁବକମାନଙ୍କ ହାତରେ କାମ ଥିବ। ପ୍ରତ୍ୟେକ ଓଡ଼ିଆ ନିଜକୁ ଏକ ସମୃଦ୍ଧ ଏବଂ ସଶକ୍ତ ରାଜ୍ୟର ନାଗରିକ ଭାବରେ ଗର୍ବ ଅନୁଭବ କରିବେ। ଆସନ୍ତୁ ଆଜିଠାରୁ ସଂକଳ୍ପ କରିବା ଏବଂ ଏହି ସ୍ୱପ୍ନକୁ ବାସ୍ତବରେ ରୂପାନ୍ତରରିତ କରିବା ପାଇଁ ହାତକୁ ହାତ ମିଳାଇ ଆଗକୁ ବଢ଼ିବା। (କ୍ରମଶଃ...)

(ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ରାଜନୀତିଜ୍ଞ ତଥା ସ୍ତମ୍ଭକାର)

---

# ରଜନୀ-କମଲ ଡରିଲେ, ବିଜୟ ପାରିଲେ

ରଞ୍ଜନ କୁମାର ରାୟ



ଯେତେବେଳେ ଦକ୍ଷିଣ ଭାରତୀୟ ସିନେ ମେଗାଷ୍ଟାର ଥାଲାପଥି ବିଜୟ ତାମିଲନାଡୁ ନିର୍ବାଚନ ମଇଦାନକୁ ଓହ୍ଲାଇଲେ, ଅନେକ ଏହାକୁ କେବଳ ଜଣେ ଚଳଚ୍ଚିତ୍ର ତାରକାଙ୍କ ରାଜନୈତିକ ଅଭିଳାଷ ଭାବେ ଦେଖୁଥିଲେ। କିନ୍ତୁ ଏହି ଧାରଣାକୁ ବିଜୟ ଭୁଲ୍ ପ୍ରମାଣିତ କରିଛନ୍ତି। ତାମିଲନାଡୁର ରାଜନୈତିକ ଇତିହାସ ରୁପେଲି ପରଦାର ନାୟକମାନଙ୍କୁ ରାଜ୍ୟର ଶାସନ ଗାଦିରେ ଅଧିଷ୍ଠିତ କରିବାର ଅନେକ ସ୍ୱର୍ଣ୍ଣିମ ଅଧ୍ୟାୟ ଲେଖିସାରିଛି। ଏମଜିଆର ଓ ଜୟଲଳିତାଙ୍କ ଭଳି ବ୍ୟକ୍ତିତ୍ୱ ତାମିଲ୍‌ନାଡୁର ମୁଖ୍ୟମନ୍ତ୍ରୀ ଭାବେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରଭାବ ବିସ୍ତାର କରିବା ସହିତ ଜାତୀୟ ରାଜନୀତିରେ ଆଞ୍ଚଳିକ ସମୀକରଣର ଦୃଢ଼ ଭିତ୍ତି ପ୍ରତିଷ୍ଠା କରିଛନ୍ତି।। ଦୀର୍ଘ ଦଶନ୍ଧି ପରେ ବିଜୟଙ୍କ ଆବିର୍ଭାବ ଓ ଗତ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ତାମିଲନାଡୁ ରାଜନୀତିକୁ 'ଷ୍ଟାରକ୍ରେଜ୍' ଯୁଗକୁ ଫେରାଇ ନେଇଛି। ବିଜୟଙ୍କ ଏହି ବୃହତ ବିଜୟ ତାମିଲନାଡୁର ରାଜନୀତି ଗଣିତକୁ ଓଲଟପାଲଟ କରିଦେଇଛି।

ବିଜୟଙ୍କ ପୂର୍ବରୁ ରଜନୀକାନ୍ତ ଓ କମଲ ହାସନଙ୍କ ଭଳି ସିନେ ମହାନାୟକମାନେ ରାଜନୀତିରେ ପାଦ ଥାପିଥିଲେ ମଧ୍ୟ ସେମାନଙ୍କ ଯାତ୍ରା ଆରମ୍ଭରେ ହିଁ ଅଟକି ଯାଇଥିଲା। ଦୁଇ ମେଗାଷ୍ଟାର ଅଗଣିତ ପ୍ରଶଂସକଙ୍କୁ ସ୍ଥାୟୀ ଭୋଟ୍ ବ୍ୟାଙ୍କରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହାପରେ ତାମିଲନାଡୁ ରାଜନୀତିରେ 'ଷ୍ଟାରକ୍ରେଜ୍'ର ଯୁଗ ସମାପ୍ତ ହୋଇଯାଉଥିବା ଅନୁମାନ କରାଯାଉଥିଲା। କିନ୍ତୁ ଥାଲାପତି ବିଜୟଙ୍କ 'ଟିଭିକେ' ସେହି ଅନୁମାନକୁ ଭୁଲ୍ ସାବ୍ୟସ୍ତ କରି ତାମିଲ୍ ରାଜନୈତିକ ଇତିହାସରେ ନୂଆ ଅଧ୍ୟାୟ ଲେଖିବା ଆରମ୍ଭ କରିଛି। ସଂକ୍ଷେପରେ କହିଲେ ରଜନୀକାନ୍ତ ଓ କମଲ ହାସନଙ୍କ ଭଳି ମହାନାୟକମାନେ ରାଜନୀତିରେ ଯେଉଁ ସଫଳତା ପାଇବାକୁ ସଂଘର୍ଷ କରୁଥିଲେ, ବିଜୟ ସେଥିରେ ସଫଳତା ପାଇଛନ୍ତି। ତାଙ୍କର ଯୋଜନାବଦ୍ଧ ରଣନୀତି ଏବଂ ସାଧାରଣ ଜନତାଙ୍କ ସହ ସିଧାସଳଖ ସମ୍ପର୍କ ତାଙ୍କୁ ରଜନୀକାନ୍ତ ଓ କମଲ ହାସନଙ୍କ ଠାରୁ ଭିନ୍ନ ଓ ସଫଳ ପ୍ରମାଣିତ କରିଛି।

ବିଜୟଙ୍କ ଏହି ବୃହତ୍ ସଫଳତା ପଛରେ ରହିଛି ତାଙ୍କର ସ୍ପଷ୍ଟ ଆଭିମୁଖ୍ୟ। ସେ ନିଜର ଚଳଚ୍ଚିତ୍ର ଜୀବନରୁ ସନ୍ନ୍ୟାସ ନେଇ ଜଣେ ପୂର୍ଣ୍ଣକାଳୀନ ରାଜନେତା ଭାବେ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ। ଏହା ଜନସାଧାରଣଙ୍କ ମନରେ ବିଶ୍ୱାସ ଜନ୍ମାଇଲା ଯେ ରାଜନୀତି ତାଙ୍କ ପାଇଁ କୌଣସି ପାର୍ଶ୍ୱ ଅଭିନୟ ନୁହେଁ। ଅପରପକ୍ଷରେ, ରଜନୀକାନ୍ତ ଦୀର୍ଘ ଦଶନ୍ଧି ଧରି କେବଳ ଆଭାସ ଦେଇ ଶେଷରେ ପଛଘୁଞ୍ଚା ଦେଇଥିଲେ। ରାଜନୀତିକୁ ଆସିବେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱରେ ଥିଲେ। ସେହିଭଳି କମଲ ହାସନଙ୍କ ରାଜନୈତିକ ପ୍ରଭାବ କେବଳ ସହରାଞ୍ଚଳରେ ସୀମିତ ରହିଗଲା।

ବିଜୟଙ୍କ ଦ୍ୱିତୀୟ ଶକ୍ତିଶାଳୀ ପଦକ୍ଷେପ ଥିଲା ତାମିଲ୍‌ନାଡୁର ଦୁଇ ଶକ୍ତିଶାଳୀ ଓ ପୁରୁଣା ଆଞ୍ଚଳିକ ଦଳ ଡିଏମକେ ଓ ଏଆଇଏଡିଏମକେଠାରୁ ସମଦୂରତା ବଜାୟ ରଖିବା। ଅନ୍ୟପଟେ କମଲ ହାସନଙ୍କ ଦଳ କୌଣସି ଆସନ ଜିତିବାରେ ବିଫଳ ହୋଇ ଶେଷରେ ଡିଏମକେ ସହ ମେଣ୍ଟ କରିବାକୁ ବାଧ୍ୟ ହୋଇଥିଲେ। ବିଜୟ ମଧ୍ୟ ଦୁର୍ନୀତି ବିରୋଧରେ ଏକ 'ସ୍ୱଚ୍ଛ ବିକଳ୍ପ' ଭାବେ ନିଜକୁ ଉପସ୍ଥାପିତ କରିଥିଲେ। ଯେଉଁଠାରେ ରଜନୀକାନ୍ତ ଓ କମଲ ହାସନ ପୁରୁଣା ଦ୍ରାବିଡ଼ ଦଳଗୁଡ଼ିକୁ ସିଧାସଳଖ ଆକ୍ରମଣ କରିବାକୁ ସଙ୍କୋଚ କରୁଥିଲେ, ବିଜୟ ସେଠାରେ ଏକ ନୂତନ ବିଚାରଧାରାର ସୂତ୍ରପାତ କଲେ। ତାଙ୍କର ୮୫,୦୦୦ ରୁ ଅଧିକ ପ୍ରଶଂସକ କ୍ଲବ ଏକ 'ଛାୟା ରାଜନୈତିକ ସଂଗଠନ' ଭାବେ ଦୀର୍ଘ ଦଶବର୍ଷ ଧରି ସାମାଜିକ ସେବାରେ ନିୟୋଜିତ ଥିଲେ, ଯାହା ନିର୍ବାଚନ ସମୟରେ ତାଙ୍କ ପାଇଁ ଏକ ଶକ୍ତିଶାଳୀ କ୍ୟାଡର୍ ଭାବେ କାମ କଲା।

ବୟସ ଓ ଜନସାଂଖ୍ୟିକ ସମୀକରଣ ମଧ୍ୟ ବିଜୟଙ୍କ ସପକ୍ଷରେ ଗଲା। ରଜନୀକାନ୍ତ ଓ କମଲ ହାସନ ୬୫-୭୦ ବର୍ଷ ବୟସରେ ରାଜନୀତିକୁ ଆସିଥିବା ବେଳେ ୫୧ ବର୍ଷୀୟ ବିଜୟ ଯୁବପିଢ଼ିର ପ୍ରତିନିଧି ଭାବେ ଗ୍ରହଣୀୟ ହେଲେ। ତାମିଲନାଡୁର ପ୍ରାୟ ୪୧.୫% ଭୋଟର ୧୮ ରୁ ୩୯ ବର୍ଷ ବର୍ଗର, ଯେଉଁମାନେ ପାରମ୍ପରିକ ରାଜନୀତିରୁ ମୁକ୍ତି ଚାହୁଁଥିଲେ। ବିଜୟଙ୍କ ଏହି ଐତିହାସିକ ବିଜୟ କୌଣସି ଆକସ୍ମିକ ଘଟଣା ନୁହେଁ, ବରଂ ଏହା ଥିଲା ଏକ ସୁଚିନ୍ତିତ ଯୋଜନା ଓ ଦୀର୍ଘ ସାଧନାର ଫଳ। ପାରମ୍ପରିକ ରାଜନୈତିକ ଦଳଗୁଡ଼ିକ ପ୍ରତି ଜନସାଧାରଣଙ୍କ ବିତୃଷ୍ଣା ଏବଂ ବିଜୟଙ୍କର ନିଛକ ସାଧାରଣ ବ୍ୟକ୍ତିର ପରିଚୟ ତାଙ୍କୁ ୧୯୭୭ ମସିହାରେ ଏମଜିଆରଙ୍କ ପରେ ପ୍ରଥମ ଅଭିନେତା-ମୁଖ୍ୟମନ୍ତ୍ରୀ ଭାବେ ଇତିହାସ ରଚିବାକୁ ପଥ ପରିଷ୍କାର କରିଛି। ଏହା ତାମିଲନାଡୁ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ବୋଲି କୁହାଯାଇପାରେ।

ବିଜୟଙ୍କ ଏହି 'ବ୍ଲକବଷ୍ଟର' ବିଜୟ ପଛରେ ଯେଉଁ ସବୁ କାରଣ ରହିଛି, ତାହା ଏବେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ। ବିଜୟଙ୍କ ଏହି ବିଜୟ ତାମିଲନାଡୁର ପାରମ୍ପରିକ ଦ୍ୱିମୁଖୀ ଆଞ୍ଚଳିକ ରାଜନୀତିକୁ ସମାପ୍ତ କରିଛି। ଡିଏମକେ ନେତା ଏମକେ ଷ୍ଟାଲିନ୍ ମଧ୍ୟ ସ୍ୱୀକାର କରିଛନ୍ତି ଯେ ବିଜୟଙ୍କ ଏହି ନୂତନ ଅଭ୍ୟୁଦୟ ପାରମ୍ପରିକ ଭୋଟ୍ ବ୍ୟାଙ୍କକୁ ପ୍ରଭାବିତ କରିଛି।

ଭୁବନେଶ୍ୱର, ମୋ: ୭୦୦୮୯୭୩୫୪୧


---

# ଦେବତାଙ୍କ ପୂର୍ବରୁ ଅସରପାଙ୍କୁ ଅର୍ପଣ ହୁଏ ନୈବେଦ୍ୟ

ଓଜସ୍ୱିନୀ

ଖାଦ୍ୟ ନଷ୍ଟ ହେବାର ଆଶଙ୍କାରେ ରୋଷେଇ ଘରେ ଅସରପାକୁ ଦେଖିବା ମାତ୍ରେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ବ୍ୟବହାର କରିବାର ଅଭ୍ୟାସ ଆମର ପିଢ଼ି ପରେ ଚାଲି ଆସିଛି। କାରଣ ଅସରପା ଖାଇଥିବା ଖାଦ୍ୟ ଦ୍ୱାରା ବିଭିନ୍ନପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇ ଆସୁଛନ୍ତି। ଏହା ବ୍ୟତୀତ ଘରେ ଅସରପା ରହିବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ହୋଇ ବିଭିନ୍ନ ପ୍ରକାର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ବାସ୍ତୁବିଦ୍‌ମାନେ ଚେତାଇ ଦେଇଛନ୍ତି। ସ୍ୱପ୍ନଶାସ୍ତ୍ରରେ ମଧ୍ୟ ଅସରପାକୁ ଏକ ଅଶୁଭ ସଙ୍କେତ ଭାବେ ଗ୍ରହଣ କରାଯାଇଛି, ଯାହାକି ବିଭିନ୍ନ ବାଧାବିଘ୍ନର ପ୍ରତୀକ। କିନ୍ତୁ ମର୍ତ୍ତ୍ୟବୈକୁଣ୍ଠ ବଦ୍ରିନାଥ ଧାମରେ ପ୍ରଥମେ ଅସରପାକୁ ନୈବେଦ୍ୟ ଅର୍ପଣ କରିବା ପରେ ସ୍ୱୟଂ ନାରାୟଣ ଦ୍ୱିପ୍ରହର ସମୟର ରାଜଭୋଗ ଗ୍ରହଣ କରିଥା'ନ୍ତି ବୋଲି ଶୁଣାଯାଏ। ଏଭଳି ବିଚିତ୍ର ପରମ୍ପରା ଆଶ୍ଚର୍ଯ୍ୟଜନକ ଲାଗୁଥିଲେ ମଧ୍ୟ ଅଷ୍ଟମ ଶତାବ୍ଦୀରୁ ଏହା ଚାଲିଆସିଛି।

ଉତ୍ତରାଖଣ୍ଡସ୍ଥିତ ବଦ୍ରିନାଥ ଧାମର ପୂଜା ପରମ୍ପରାରେ ଅନେକ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏଠାରେ ଦୈନନ୍ଦିନ ପ୍ରତ୍ୟେକ ପ୍ରହର ଅନୁଯାୟୀ ନାରାୟଣଙ୍କର ବିଶେଷ ପୂଜାର୍ଚ୍ଚନା ହେବା ସହିତ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରାଯାଏ। ପ୍ରଭାତରେ ବଦ୍ରିନାରାୟଣଙ୍କ ନିକଟରେ ପଞ୍ଚମେୱା ଭୋଗ, ଅଭିଷେକ ପରେ ବାଳଭୋଗ ଏବଂ ପିତୃମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡ ପ୍ରସାଦ ଆଦି ଅର୍ପଣ କରାଯାଏ। ସନ୍ଧ୍ୟା ସମୟରେ ଖିରଅନ୍ନ ଭୋଗ ଲାଗିଥାଏ। କିନ୍ତୁ ଦ୍ୱିପ୍ରହରର ରାଜଭୋଗ (କେସର ଅନ୍ନ, ଡାଲି, ଲଡ୍ଡୁ, ଇତ୍ୟାଦି) ଅର୍ପଣ କରିବା ପୂର୍ବରୁ ପ୍ରଥମେ ଅସରପା, ଗାଈ, ବିଭିନ୍ନ ପ୍ରକାର ପକ୍ଷୀଙ୍କୁ ଭୋଗଲାଗି କରାଯାଏ। ଏହାପରେ ନାରାୟଣଙ୍କ ପାଖରେ ଭୋଗ ସମର୍ପଣ ହୋଇଥାଏ। ବିଶ୍ୱାସ ରହିଛି ଯେ, ପ୍ରଥମେ ସୃଷ୍ଟିର ସମସ୍ତ ଜୀବଙ୍କର କ୍ଷୁଧା ଶାନ୍ତ ହେବା ପରେ ବଦ୍ରିନାରାୟଣ ରାଜଭୋଗ ଗ୍ରହଣ କରିଥା'ନ୍ତି। ତେଣୁ ଅସରପା, ଗାଈ ଓ ପକ୍ଷୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଭୋଗ ଦ୍ୱାରା ସୃଷ୍ଟିର ସମସ୍ତ ଜୀବଜନ୍ତୁ କ୍ଷୁଧା ନିବାରଣ କରିଥା'ନ୍ତି।



**ବିଚିତ୍ର ବିଶ୍ୱାସ**

ରାଜଭୋଗ ପାକ କାର୍ଯ୍ୟ ଶେଷ ହେବା ପରେ କିଛି ଅନ୍ନକୁ ଆଣି ମନ୍ଦିର ନିକଟସ୍ଥ ତପ୍ତକୁଣ୍ଡଠାରେ ଥିବା ଗରୁଡ଼ ଶିଳାରେ ରଖାଯାଏ। ସେଠାରେ ଥିବା ଅସରପାମାନେ ତାହାକୁ ଖାଇଥା'ନ୍ତି। ଏହାକୁ ସ୍ଥାନୀୟ ଭାଷାରେ 'ଝୋଡ୍ରୁ ସାଙ୍ଗଲା' କୁହାଯାଏ। ଏହାପରେ ଗାଈ ଓ ପକ୍ଷୀମାନଙ୍କୁ ରାଜଭୋଗର ବିଭିନ୍ନ ବ୍ୟଞ୍ଜନ ଦିଆଯାଏ। ଅବଶିଷ୍ଟ ରାଜଭୋଗକୁ ବଦ୍ରି ନାରାୟଣଙ୍କୁ ଅର୍ପଣ କରାଯାଏ। ଏଭଳି ନକଲେ ବଦ୍ରି ନାରାୟଣଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି ଧରାଯାଏ।

ଏଭଳି ପରମ୍ପରା ସମ୍ପର୍କରେ ମାନ୍ୟତା ରହିଛି ଯେ, ଅଷ୍ଟମ ଶତାବ୍ଦୀରେ ଆଦିଗୁରୁ ଶଙ୍କରାଚାର୍ଯ୍ୟ ବଦ୍ରିନାଥ ଧାମର ପ୍ରତିଷ୍ଠା କରିଥିଲେ। ସେ ଭଗବାନ ଶ୍ରୀବିଷ୍ଣୁଙ୍କର ପଦ୍ମାସନ ଶିଳାକୁ ତପ୍ତକୁଣ୍ଡଠାରୁ ଉଠାଇଆଣି ଗରୁଡ଼ ଶିଳା ନିମ୍ନରେ ସ୍ଥାପନ କରିଥିଲେ। ସେଠାରେ ପ୍ରଥମରୁ ଅନେକ ଅସରପା ଥିଲେ। ସେବେଠାରୁ ମନ୍ଦିର ନିର୍ମାଣ ହୋଇ ପ୍ରତିଷ୍ଠା ହେବା ପରେ ବଦ୍ରିନାଥଙ୍କୁ ଭୋଗ ଅର୍ପଣ କରିବା ପୂର୍ବରୁ ଅସରପାଙ୍କୁ ଭୋଗ ଅର୍ପଣ କରିବାର ପରମ୍ପରା ଆରମ୍ଭ ହୋଇଥିଲା। ଏହି ପରମ୍ପରା ଯୋଗୁଁ ସ୍ଥାନୀୟ ଲୋକମାନେ ଅସରପାଙ୍କୁ ବଦ୍ରିନାଥଙ୍କ ଏକ ସ୍ୱରୂପ ଭାବେ ପୂଜା କରନ୍ତି ଏବଂ ଈଶ୍ୱରଙ୍କ ଦୂତ ଭାବେ ମାନ୍ୟତା ଦେଇଥା'ନ୍ତି। ମନ୍ଦିରର ମୁଖ୍ୟ ପୂଜାରୀଙ୍କ ମତରେ ପ୍ରତ୍ୟେକ ଜୀବଜନ୍ତୁଙ୍କ ଆତ୍ମା ଭାବରେ ନାରାୟଣ ବିଦ୍ୟମାନ ଅଛନ୍ତି ଏବଂ ସମସ୍ତେ ପୂଜାଯୋଗ୍ୟ ବୋଲି ଏହି ପରମ୍ପରା ଶିକ୍ଷା ଦେଇଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

---

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଓଜେସିରେ ସାମିଲ ହେଲେ ପ୍ରଶାନ୍ତ ଶତପଥୀ

ଭୁବନେଶ୍ୱର, ୭।୫ (ସମିସ): କଂଗ୍ରେସର ପୂର୍ବତନ ନେତା ପ୍ରଶାନ୍ତ ଶତପଥୀ ଗୁରୁବାର ଆନୁଷ୍ଠାନିକ ଭାବେ ଓଡ଼ିଶା ଜନତା କଂଗ୍ରେସରେ ଯୋଗ ଦେଇଛନ୍ତି। ଓଜେସି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେ ଦଳର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ମହମ୍ମଦ ମୋକିମ ପ୍ରଶାନ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମୋକିମ୍ କହିଥିଲେ ଯେ ଓଡ଼ିଶା ଜନତା କଂଗ୍ରେସ ହେଉଛି ଯୁବକମାନଙ୍କ ଦଳ। ଓଡ଼ିଶାକୁ ନେଇ ସ୍ୱପ୍ନ ଦେଖୁଥିବା ଯୁବକମାନଙ୍କୁ ନେଇ ଓଜେସି ଆଗକୁ ବଢ଼ିବ। ଆଗକୁ ଭିନ୍ନଭିନ୍ନ ଦଳର ଅନେକ ଯୁବନେତା ଓଜେସିରେ ସାମିଲ ହେବେ ବୋଲି ମୋକିମ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କନେଷ୍ଟବଲଙ୍କୁ ପିଟିପିଟି...

ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ଘଟିବା ସମୟରେ ସ୍ଥାନୀୟ ପୁଲିସ ଉପସ୍ଥିତ ଥିଲେ ସୁଦ୍ଧା ନିରବଦ୍ରଷ୍ଟା ସାଜିବା ଆଇନଶୃଙ୍ଖଳା ବ୍ୟବସ୍ଥାର ଅଧୋଗତିକୁ ପ୍ରଦର୍ଶନ କରିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଗୁରୁବାର ଭିଙ୍ଗାରପୁର ରାମଚନ୍ଦ୍ରପୁର ପୋଲ ବାଟ ଦେଇ ଦୁଇ ଯୁବତୀ ସ୍କୁଟିରେ ଯାଉଥିଲେ । ଏହି ସମୟରେ ସୌମ୍ୟରଞ୍ଜନ ଓ ତାଙ୍କ ସାଙ୍ଗ ଓମ୍ ଏକ ବାଇକରେ ଯୁବତୀମାନଙ୍କ ସ୍କୁଟିକୁ ଅତିକ୍ରମ କରିବା ସମୟରେ ଧକ୍କା ଦେଇଥିଲେ। ଫଳରେ ଦୁଇ ଯୁବତୀ ତଳେ ପଡ଼ି ଯାଇଥିଲେ। ଏହି ଘଟଣାକୁ ନେଇ ଯୁବତୀ ଦ୍ୱୟ ପ୍ରତିବାଦ କରିବାରୁ ସୌମ୍ୟ ଓ ତାଙ୍କ ବନ୍ଧୁ ଦୁଇ ସେମାନଙ୍କୁ ରାସ୍ତା ଉପରେ ନିସ୍ତୁକ ପିଟିଥିଲେ। ଏପରିକି ଉଦ୍ଧାର କରିବାକୁ ଆସିଥିବା ସ୍ଥାନୀୟ ଲୋକମାନଙ୍କୁ ମଧ୍ୟ ସୌମ୍ୟ ଅସଦ୍‌ବ୍ୟବହାର କରିଥିଲେ ଓ ଆହତ ହୋଇ ରାସ୍ତା କଡ଼ରେ ବସିଥିବା ଯୁବତୀଙ୍କ ଲୁଗାପଟା ଟାଣି ତାଙ୍କୁ ବିବସ୍ତ୍ର କରିବାକୁ ଉଦ୍ୟମ କରିଥିଲେ। ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ ଓ ଲୋକମାନେ ଏହାର ପ୍ରତିବାଦ କରିଥିଲେ ହେଁ ସୌମ୍ୟ ଓ ତାଙ୍କର ବନ୍ଧୁ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ଲୋକମାନେ ତାତିଥିଲେ ଓ ଦୁଇ ଯୁବକଙ୍କୁ ଘେରିଯାଇ ନିସ୍ତୁକ ପିଟିଥିଲେ। ଉଭୟଙ୍କ ହାତଗୋଡ଼ ବାନ୍ଧି ଗୋଟିଏ ବାଉଁଶରେ ଲଟକାଇ ଯିଏ ଯେତେ ପାରିଲେ ବିଧା ଗୋଇଠା ମାରି ଚାଲିଲେ। ମାଡ଼ ଖାଇବା ପରେ ଉଭୟଙ୍କ ଚେତା ପଶିଥିଲା ଓ ଲୋକଙ୍କୁ ଭୁଲ ମାଗି ସେମାନଙ୍କୁ ଛାଡ଼ିଦେବାକୁ କାକୁତି ମିନତି ହୋଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚିଥିଲେ ବି ନିରବଦ୍ରଷ୍ଟା ସାଜିଥିଲା। ପୁଲିସ ଉପସ୍ଥିତିରେ ଲୋକମାନେ ମନବୋଧ କରି ଦୁଇ ଯୁବକଙ୍କୁ ପିଟିଥିଲେ ଓ ମନବୋଧ ହେବା ପରେ ଉଭୟଙ୍କୁ ଏକ ମିନିଟ୍ରକ୍ ଭିତରକୁ ଫିଙ୍ଗି ଦେଇଥିଲେ ।

ଲୋକଙ୍କ ନିସ୍ତୁକ ମାଡ଼ରେ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ସହଯୋଗୀ ଓମ୍ ପ୍ରକାଶ ରାଉତ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ସୌମ୍ୟଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସମ୍ପର୍କରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଯେ ଏହି ମାମଲାରେ ୩ ପକ୍ଷଙ୍କ ସମ୍ପୃକ୍ତି ରହିଛି। ସ୍କୁଟିରେ ଯାଉଥିବା ୨ଯୁବତୀଙ୍କୁ ଦୁଇ ଜଣ ଯୁବକ ଓଭରଟେକ୍ କରିବା ସମୟେରେ ଧକ୍କା ଦେଇଥିଲେ। ଯୁବତୀମାନଙ୍କୁ ଉଭୟ ଯୁବକ ଦୁର୍ବ୍ୟବହାର କରିଥିଲେ। ଝିଅମାନଙ୍କୁ ଉଦ୍ଧାର କରିବାକୁ ଆସିଥିବା ଗାଁ ଲୋକମାନଙ୍କ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକଙ୍କ ବିରୋଧରେ ଥାନାରେ ଦୁଷ୍କର୍ମ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ଥିଲା ବୋଲି ସେ କହିଛନ୍ତି।

ସୌମ୍ୟଙ୍କ ପରିବାର ଲୋକେ ବାଲିଅନ୍ତା ଥାନାରେ ଏକ ହତ୍ୟା ଅଭିଯୋଗ କରିଛନ୍ତି। ସେହିପରି ସୌମ୍ୟ ଓ ତାଙ୍କ ବନ୍ଧୁଙ୍କ ବିରୋଧରେ ଜଣେ ଯୁବତୀ ଥାନାରେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିଥିବା ସୂଚନା ମିଳିଛି । ପୁଲିସ ଲୋକଙ୍କ ମାଡ଼ରେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଥିବା ଓମ୍, ଦୁଷ୍କର୍ମ ଉଦ୍ୟମ ଶିକାର ହୋଇଥିବା ଯୁବତୀ ଏବଂ ସ୍ଥାନୀୟ ଲୋକଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି ଓ ୪ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଅଟକ ଥିବା ୪ବ୍ୟକ୍ତିଙ୍କୁ ଡାକ୍ତରୀ ମାଇନା ପାଇଁ ହସ୍ପିଟାଲ ନେଲା ବେଳେ ସେମାନଙ୍କ ସହ ପୁଲିସର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। କିଛି ଲୋକ ପୁଲିସକୁ ଆକ୍ରମଣ କରିଥିଲେ। ପୁଲିସ ମଧ୍ୟ ୪ଅଭିଯୁକ୍ତଙ୍କୁ ରକ୍ଷା କରିବାକୁ ଯାଇ ପେଲାଠେଲା କରିଥିଲା; ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ମୃତ ଯୁବକଙ୍କ ମା କବିତା କବିତା ସ୍ୱାଇଁ କହିଛନ୍ତି ଯେ ବାଟରେ ଆସୁଥିଲା ବେଳେ ତାଙ୍କ ପୁଅକୁ ଲୋକମାନେ ପିଟି ପିଟି ମାରି ଦେଇଛନ୍ତି। ତାଙ୍କ ପୁଅର ମୁହଁ ରକ୍ତ ଜୁଡୁବୁଡୁ ହୋଇଯାଇଥିଲା; ନାକ ଫାଟି ଯାଇଥିଲା। ସ୍ଥାନୀୟ ବାସିନ୍ଦା ବିରଞ୍ଚି ନାରାୟଣ ଜେନା କହିଛନ୍ତି ଯେ ମୃତ ଯୁବକ ଓ ତାଙ୍କ ବନ୍ଧୁ ଦୁଇ ଯୁବତୀଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ସେମାନେ ତଳେ ପଡ଼ି ଯାଇଥିଲେ। ଆହତ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ରାସ୍ତା କଡ଼ରେ ବସାଇଥିବା ବେଳେ ଯୁବକମାନେ ସେମାନଙ୍କୁ ଅସଦ୍‌ବ୍ୟବହାର କରିଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ଲୋକମାନେ ରୁଣ୍ଡ ହୋଇ ଯାଇଥିଲେ ଓ ଏହାକୁ ବିରୋଧ କରିଥିଲେ। ମାତ୍ର ଦୁଇ ଯୁବକ ଏହାକୁ ଭ୍ରୂକ୍ଷେପ ନ କରି ଓଲଟି ସେମାନଙ୍କୁ ଗାଳିଗୁଲଜ କରିଥିଲେ। କ୍ରୋଧାନ୍ୱିତ ହୋଇ ରାସ୍ତାରେ ଯାଉଥିବା ଲୋକମାନେ ଯୁବକ ଦ୍ୱୟଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ବୋଲି ବିରଞ୍ଚି କହିଛନ୍ତି ।

ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସହିତ କଥା ହୋଇ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ପୁଲିସ ପ୍ରଶାସନ ଓ ପୁଲିସ ବାହିନୀ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୁଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଘଟଣାର ସମସ୍ତ ଦିଗ ପ୍ରତି ସଚେତନ ରହି ପ୍ରକୃତ ସତ୍ୟ ଖୋଜି ବାହାର କରିବା ପାଇଁ ଏହି ଘଟଣାରେ ଯେଉଁ ମହିଳାମାନଙ୍କ ସହିତ ଦୁର୍ବ୍ୟବହାର ହୋଇଥିବାର ଅଭିଯୋଗ ହୋଇଛି, ସେମାନଙ୍କ ସହିତ ଆଲୋଚନା କରିବାକୁ ଶ୍ରୀମତୀ ମହାନ୍ତି ଶୁକ୍ରବାର ବାଲିଅନ୍ତା ଯିବେ ବୋଲି ଜଣାଯାଇଛି।

## ସରକାର ଅସହାୟ...

ପ୍ରଶାସନ, ସରକାର ଏତେ ଅସହାୟ କାହିଁକି? ଭୁବନେଶ୍ୱର ଉପକଣ୍ଠରେ ଯଦି ସରକାର ଏପରି ଘଟଣାକୁ ରୋକିବାରେ ଅସମର୍ଥ, ତେବେ ସାରା ରାଜ୍ୟର ଅବସ୍ଥା କ'ଣ ତାହା ସ୍ପଷ୍ଟ ଅନୁମେୟ। ନିକଟରେ ହିଞ୍ଜିଳି, କଣାସ ଓ ଢେଙ୍କାନାଳରେ ଘଟିଥିବା ବର୍ବର କାଣ୍ଡରେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସାଧାରଣ ଜନତାଙ୍କ ସୁରକ୍ଷା ସରକାର କାହିଁକି ବିପନ୍ନ କରୁଛନ୍ତି? ବଡ଼ ବଡ଼ ଭାଷଣରେ, ମିଛ ବାହାସ୍ଫୋଟରେ ସରକାର ଚାଲେନି ବୋଲି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ନବୀନ। ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## ୧୧ ସୁଦ୍ଧା...

ଦୃଶ୍ୟମାନ ହେଉଛି। ଯଦି ଆକଳନ ସଠିକ୍ ରହେ, ତେବେ ଓଡ଼ିଶାରେ କୌଣସି ବଡ଼ ବାତ୍ୟା ଅପେକ୍ଷା କାଳବୈଶାଖୀ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ସେହିପରି ସମୁଦ୍ର ଅଶାନ୍ତ ରହିବା ସହ ଗୁଳୁଗୁଳି ବୃଦ୍ଧି ପାଇବାର ସମ୍ଭାବନା ଅଧିକ । ପ୍ରଥମ ସିଷ୍ଟମକୁ ନେଇ ଜିଏଫଏସ ମଡେଲ ଏବେ ମଧ୍ୟ ନିଜ ଦାବି ଉପରେ ଦୃଢ଼ ରହିଛି। ଏହି ମଡେଲ ଅନୁସାରେ ସିଷ୍ଟମଟି ଖୁବ୍ ଶୀଘ୍ର ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଭାରତୀୟ ଉପକୂଳ ଆଡ଼କୁ ମୁହାଁଇପାରେ। ମେ ୧୪ ରୁ ୧୫ ତାରିଖ ମଧ୍ୟରେ ଏହା ଏକ ଶକ୍ତିଶାଳୀ ବାତ୍ୟାର ରୂପ ନେଇପାରେ ବୋଲି ଜିଏସଏଫ ସୂଚନା ଦେଉଛି। ସମୁଦ୍ର ପୃଷ୍ଠର ତାପମାତ୍ରା ବର୍ତ୍ତମାନ ୩୦-୩୧ ଡିଗ୍ରୀ ରହିଛି, ଯାହା ବାତ୍ୟା ସୃଷ୍ଟି ପାଇଁ ଅତ୍ୟନ୍ତ ଅନୁକୂଳ। ସେହିପରି ଭର୍ଟିକାଲ ୱାଇଣ୍ଡ ଶିୟର (ଭିଡବ୍ଲ୍ୟୁଏସ)ରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହେଉଛି, ଯାହା ସିଷ୍ଟମକୁ ସଂଗଠିତ କରିବାରେ ସାହାଯ୍ୟ କରିବ। ଏହା ସହିତ ଏମଜେଓ ବର୍ତ୍ତମାନ ଫେଜ-୩ରେ ଅଧିକ ସକ୍ରିୟ ହେଉଥିବାରୁ ଏହା ବଙ୍ଗୋପସାଗରରେ ବାୟୁମଣ୍ଡଳୀୟ ଅସ୍ଥିରତା ଓ ମେଘମାଳା ସୃଷ୍ଟି ପାଇଁ ଉପଯୁକ୍ତ ପରିବେଶ ପ୍ରଦାନ କରୁଛି। ଡ. ପଶୁପାଳକ କହିଛନ୍ତି ଯେ କ୍ଲିମାଟୋଲୋଜି ଦୃଷ୍ଟିରୁ ମେ ମାସ ମଧ୍ୟଭାଗ ବାତ୍ୟା ସୃଷ୍ଟି ପାଇଁ ଅନୁକୂଳ। ସମୁଦ୍ରର ତାପମାତ୍ରା ବୃଦ୍ଧି ପାଇଥିଲେ ମଧ୍ୟ, ବାତ୍ୟା ଗଠନ ସମ୍ପୂର୍ଣ୍ଣ ଭାବେ ଭର୍ଟିକାଲ ୱାଇଣ୍ଡ ଶିୟରର ହ୍ରାସ ଏବଂ ବାୟୁମଣ୍ଡଳର ଉପରିଭାଗର ସ୍ଥିତି ଉପରେ ନିର୍ଭର କରିବ। ଅପରପକ୍ଷେ ମେ ମାସ ତୃତୀୟ ସପ୍ତାହ ଅର୍ଥାତ୍ ୨୦ରୁ ୨୨ ତାରିଖ ମଧ୍ୟରେ ବଙ୍ଗୋପସାଗରର ଉତ୍ତର କିମ୍ବା ଉତ୍ତର-ପୂର୍ବ ଭାଗରେ ଆଉ ଏକ ପରିବର୍ତ୍ତନର ସଙ୍କେତ ମିଳୁଛି। ଏହି ସିଷ୍ଟମ୍ ମୁଖ୍ୟତଃ ମୌସୁମୀ ବାୟୁର ଆଗମନ ସହ ଜଡ଼ିତ ଏବଂ ଏହା ପ୍ରଭାବରେ ପୂର୍ବ ଭାରତ ତଥା ଓଡ଼ିଶାର ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବୃଦ୍ଧି ପାଇବା ସହ ମୌସୁମୀ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ତେବେ ଆସନ୍ତା ୧୦ ତାରିଖ ସୁଦ୍ଧା ପରିସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ ବୋଲି ଡ. ପଶୁପାଳକ କହିଛନ୍ତି।

## ପ.ବଙ୍ଗ ବିଧାନସଭା...

ଅନୁଯାୟୀ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରିବା ସହିତ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରନ୍ତି। ରାଜ୍ୟପାଳ ଏହି ସୁପାରିସ ଗ୍ରହଣ କରିବା ସହିତ ନୂଆ ସରକାର ଦାୟିତ୍ୱ ନେବା ପର୍ଯ୍ୟନ୍ତ କାମଚଳା ସରକାରର ଦାୟିତ୍ୱ ତୁଲାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦିଅନ୍ତି। କିନ୍ତୁ ନିର୍ବାଚରେ ପରାଜୟ ସତ୍ତ୍ୱେ ଏହି ପରମ୍ପରା ଅନୁସରଣ କରିବାକୁ ମନା କରିଦେଇଥିଲେ ୭୧ ବର୍ଷୀୟା ମମତା ବାନାର୍ଜୀ। ସେ ଅଭିଯୋଗ କରିଥିଲେ ଯେ ତାଙ୍କର ନୈତିକ ବିଜୟ ହୋଇଛି। ସେ ହାରି ନାହାନ୍ତି, ବରଂ ବିଜେପି ଏବଂ ନିର୍ବାଚନ କମିସନ ମିଶି ତାଙ୍କ ଠାରୁ ଶହେ ଆସନ ଲୁଟି ନେଇଛନ୍ତି। ତେଣୁ ସେ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ରାଜନୈତିକ ବିବାଦ ହୋଇଥିଲା। ତେବେ ଏଥିପାଇଁ କୌଣସି ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇନଥିଲା ବୋଲି ଆଇନ ବିଶାରଦ କହିଛନ୍ତି। ସେମାନେ ମତ ଦେଇଥିଲେ ଯେ ବିଧାନସଭା କାର୍ଯ୍ୟକାଳ ଶେଷ ହେବା କ୍ଷଣି ମନ୍ତ୍ରିମଣ୍ଡଳ ମଧ୍ୟ ଏହାର ଅସ୍ତିତ୍ୱ ହରାଇବ।

## ତାମିଲନାଡୁ ରାଜ୍ୟପାଳ...

ସରକାର ଗଠନ ପାଇଁ ସୁଯୋଗ ମିଳିବା ଉଚିତ୍ ଏବଂ ଗୃହରେ ବହୁମତ ପ୍ରମାଣ କରିବାକୁ ସମୟ ଦିଆଯାଉ। ଷ୍ଟାଲିନଙ୍କ ଡିଏମକେ ମଧ୍ୟ ରାଜ୍ୟପାଳଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛି। ସେହିପରି ସିପିଆଇ ପକ୍ଷରୁ କୁହାଯାଇଛି ଯେ ଶପଥ ଗ୍ରହଣ ପୂର୍ବରୁ ବହୁମତ ପ୍ରମାଣ କରିବାକୁ କୁହାଯିବା ଅନୁଚିତ। ରାଜ୍ୟପାଳଙ୍କ ଜିଦକୁ ବିରୋଧ କରି ଟିଭିକେର ଅନେକ ସମର୍ଥକ ଆଜି ଲୋକଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଜୟ ଆଜି ରାଜଭବନ ଯାଇ ସରକାର ଗଠନ ପାଇଁ ଦାବି ଜଣାଇବା ସହିତ କହିଥିଲେ ଯେ ସର୍ବାଧିକ ଆସନ ପାଇଥିବାରୁ ତାଙ୍କୁ ସରକାର ଗଠନ ପାଇଁ ସୁଯୋଗ ମିଳୁ ଏବଂ ସେ ବିଧାନସଭାରେ ଆବଶ୍ୟକ ସଂଖ୍ୟକ ବିଧାୟକଙ୍କ ସମର୍ଥନର ପ୍ରମାଣ ଦେବେ। କିନ୍ତୁ ବିଜୟଙ୍କ ଯୁକ୍ତିକୁ ରାଜ୍ୟପାଳ ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର କହିଛନ୍ତି ଯେ ସମ୍ବିଧାନର ପବିତ୍ରତା ରକ୍ଷା ପାଇଁ ଅନ୍ତତଃ ୧୧୮ ଜଣ ବିଧାୟକଙ୍କ ସ୍ୱାକ୍ଷରିତ ସମର୍ଥନପତ୍ର ବିନା ଶପଥ ଗ୍ରହଣ ଉତ୍ସବ ସମ୍ଭବ ନୁହେଁ। ରାଜ୍ୟପାଳଙ୍କ ଏତାଦୃଶ ଆଚରଣକୁ ଅନେକ ଆଇନ ବିଶାରଦ ସମ୍ବିଧାନ ବିରୋଧୀ ବୋଲି କହିଛନ୍ତି।

ଗତ ତିନି ଦଶନ୍ଧିର ଦ୍ରାବିଡ଼ ରାଜନୀତିର ଡିଏମ୍‌କେ-ଏଆଇଏଡିଏମ୍‌କେର ଆଧିପତ୍ୟକୁ ଧୂଳିସାତ କରି ବିଜୟଙ୍କ ଟିଭିକେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ହେଁ, ଯାଦୁକରୀ ସଂଖ୍ୟା ପାଖରେ ଏବେ ବି ଅଟକିଛି। ବୁଧବାର ଦିନ ୧୧୨ ଜଣ ବିଧାୟକଙ୍କ ସମର୍ଥନ ନେଇ ରାଜ୍ୟପାଳଙ୍କୁ ଭେଟିଥିବା ବିଜୟ, ଆଜି ମଧ୍ୟ ସମାନ ସ୍ଥିତିରେ ଥିଲେ। କଂଗ୍ରେସର ୫ ଜଣ ବିଧାୟକଙ୍କ ସମର୍ଥନକୁ ମିଶାଇଲେ ମଧ୍ୟ ସଂଖ୍ୟାଟି ୧୧୨ରେ ସୀମିତ ରହୁଛି, ଯାହା ବହୁମତ ପାଇଁ ଆବଶ୍ୟକ ୧୧୮ ଠାରୁ ୬ଟି କମ୍। ବିଜୟ ଦୁଇଟି ଆସନରୁ ବିଜୟୀ ହୋଇଥିବାରୁ ଗୋଟିଏ ଆସନ ଛାଡ଼ିବା ପରେ ଟିଭିକେର ବିଧାୟକ ସଂଖ୍ୟା ୧୦୭କୁ ହ୍ରାସ ପାଇବ।

ରାଜ୍ୟପାଳଙ୍କ ଏଭଳି ବିବାଦୀୟ ଭୂମିକା ମଧ୍ୟରେ ବିଜୟଙ୍କୁ ସମର୍ଥନ ଦେବାନେଇ ସିପିଆଇ, ସିପିଏମ୍, ମୁସଲିମ ଲିଗ୍ ଏବଂ ଭିସିକେ ମଧ୍ୟରେ ବିଚାରବିମର୍ଶ ଚାଲିଛି। ରାଜ୍ୟ ବିଧାନସଭା ନିର୍ବାଚନରେ ସେମାନେ ଡିଏମ୍‌କେ ସହିତ ମେଣ୍ଟ କରିଥିଲେ ମଧ୍ୟ କଂଗ୍ରେସ ଭଳି ସେମାନେ ମଧ୍ୟ ଟିଭିକେକୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି। ଆସନ୍ତାକାଲି ସେମାନେ ଏସଂପର୍କରେ ଚୂଡାନ୍ତ ନିଷ୍ପତ୍ତି ଜଣାଇବେ ବୋଲି ସୂଚନା ଦେଇଛଉନ୍ତି। ଏହି ୪ଟି ଦଳର ୮ ବିଧାୟକ ଅଛନ୍ତି। ସେମାନଙ୍କର ସମର୍ଥନ ମିଳିଲେ, ଟିଭିକେ ସମର୍ଥନ ସଂଖ୍ୟା ୧୨୦କୁ ବୃଦ୍ଧି ପାଇବ। ଇତିମଧ୍ୟରେ ଡିଏମକେ କହିଛି ଏହି ଦଳମାନେ ଚାହିଁଲେ ଟିଭିକେକୁ ସରକାର ଗଠନରେ ସମର୍ଥନ କରିପାରିବେ। ଏଥିରେ ଏହାର କୌଣସି ଆପତ୍ତି ନାହିଁ। ସାଂପ୍ରଦାୟିକ ଦଳକୁ କ୍ଷମତାରୁ ଦର୍‌ଇରେ ରଖିବା ଲାଗି ଏହା ଜରୁରୀ ବୋଲି ଡିଏମକେ କହିଛି। ଡିଏମକେର ଏଭଳି ସଙ୍କେତ ପରେ ରାଜ୍ୟରେ ସରକାର ଗଠନ ଅନିଶ୍ଚିତତା ଶେଷ ହୋଇଯିବ ବୋଲି କୁହାଯାଉଛି।

ଇତିମଧ୍ୟରେ ତାମିଲନାଡୁ ରାଜନୀତିକୁ ଦୋହଲାଇଦେଲା ଭଳି ଖବର ମଧ୍ୟ ଆସିଛି। ଆନ୍ନାଡିଏମକେର କିଛି ବିଧାୟକ ଟିଭିକେ ମୁଖ୍ୟ ବିଜୟଙ୍କୁ ସରକାର ଗଠନରେ ସମର୍ଥନ କରିବାକୁ ଜିଦ୍ ଧରିଛନ୍ତି। କିନ୍ତୁ ଦଳର ମୁଖ୍ୟ ପଲାନିସ୍ୱାମୀ ରାଜି ହେଉନଥିବାରୁ ସେମାନେ ବିଦ୍ରୋହ କରିବାକୁ ଯୋଜନା କରିଛନ୍ତି। ଏହି ସୂଚନା ପାଇବା ମାତ୍ରେ ଆନ୍ନାଡିଏମକେର ୨୦ରୁ ଅଧିକ ବିଧାୟକଙ୍କୁ ପୁଡୁଚେରୀର ଏକ ହୋଟେଲରେ ରଖାଯାଇଛି। ବିଦ୍ରୋହକୁ ଅଟକାଇବା ଲାଗି ଦଳୀୟ ନେତୃତ୍ୱ ଏଭଳି ପଦକ୍ଷେପ ନେଇଥିଲେ ମଧ୍ୟ ଦୁଇ ତୃତୀୟାଂଶ ବିଧାୟକ ଦଳରୁ ଅଲଗା ହୋଇ ସ୍ୱତନ୍ତ୍ର ଗୋଷ୍ଠୀ କରିବାକୁ ଦସ୍ତଖତ ଅଭିଯାନ ଆରମ୍ଭ କରିଥିବାର ଖବର ମିଳିଛି। ରାଜ୍ୟ ବିଧାନସଭାକୁ ଆନ୍ନାଡିଏମକେର ୪୭ ବିଧାୟକ ନିର୍ବାଚିତ ହୋଇଛନ୍ତି। ଟିଭିକେ ନେତାମାନେ ମଧ୍ୟ ଏମାନଙ୍କ ସହିତ ସଂପର୍କରେ ଅଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀକୁ ଉପମୁଖ୍ୟମନ୍ତ୍ରୀ ପଦର ପ୍ରସ୍ତାବ ଦିଆଯାଇଛି।


### AFFIDAVIT

By virtue of an affidavit sworn before Executive Magistrate, G.UDAYAGIRI, DIST: KANDHAMAL, State: ODISHA, dated: 04/05/2026, I, Apuna Pradhan, resident of Village: Nedinaju, Batingia, P.O.: Malikapadi, P.S.: G.Udayagiri, Dist: Kandhamal, PIN: 762100, State: Odisha declare that I have changed my name from Sanapati Pradhan to Apuna Pradhan. Henceforth, I shall be known Apuna Pradhan for all purposes.

Apuna Pradhan

### GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION, SUNDARGARH-II

25001/100/2627

**CANCELLATION OF TENDER**

Due to some unavoidable circumstances tender for the building works invited vide This Office Bid Identification No. Online - EERKL-01/2026-27 by the Executive Engineer is hereby cancelled.

OIPR-25001/25193/1/26-27/0005

Executive Engineer
R.W. Division-II, Sundargarh

### OFFICE OF THE MUNICIPAL COUNCIL, NAYAGARH

No. 1242 / Dt. 05/05/2026

13001/396/2627

**1st CORRIGENDUM NOTICE**

Due to unavoidable circumstance the Tender Call Notice 907 dated 17.04.2026, Tender Reference No. MULNGR-12/2026. may be read as follows.

1. The tender title / work name may be read as "Preparation of Plan, Estimate, Design & Construction of 1st floor Building at District Library Nayagarh in Pre-Engineered Structure (PEB) of Nayagarh Municipality.
2. Item Rate basis to be entered by the Bidder in Financial Bid / BOQ
3. Date and Time of availability of document in the portal From Dt. 22.04.2026 at 10.00 AM to 05.05.2026 upto 5.00 PM and Extension upto 12.05.2026
4. Last date of Submission of filled-up bid documents in this Office On or before 1.30 P.M. on Dt. 15.05.2026 by Registered Post / Speed Post / Courier only
5. Date and Time of opening Bid Dt. 16.05.2026 at 11.00 AM at Municipality Office.
6. Revised DTCN Available in e-Procurement portal https://tendersodisha.gov.in
7. Class of Bidder- Engineering Consultants/ PEB agency / Architect having experience in similar nature of work
8. All other terms and conditions remain unaltered.

OIPR-13001/13134/1/26-27/0014

Executive Officer,
Nayagarh Municipality

### GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

25001/93/2627

**TENDER CALL NOTICE**

**BID IDENTIFICATION NO. ONLINE-EERKL-03 of 2026-27**

1. Name of the Work :- Building Works
2. Total No. of works :- 17 (Seventeen) Nos.
3. Estimated cost :- Rs. 2.84 to 5.76 Lakhs
4. Class of contractor :- "D" & "C" Class
5. Period of completion :- 02 (Two) Months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online - EERKL-03 of 2026-27 | 11.05.2026 from 10.00 AM | 20.05.2026 upto 05.00 PM | 19.05.2026 upto 05.00 PM | 21.05.2026 at 11.00 AM |

Further details can be seen from the website **www.tendersorissa.gov.in** & for more information please visit the office.

OIPR-25001/25193/1/26-27/0004

Executive Engineer
RW Division-II, Sundargarh

### GOVERNMENT OF ODISHA, "e"-PROCUREMENT NOTICE
### OFFICE OF THE SUPERINTENDING ENGINEER,
### PURI (R&B) DIVISION, PURI

34001/174/2627

**WORKS DEPARTMENT**

**Short Tender Call Notice**

E-mail: eerbpuri@yahoo.co.in

Bid Identification No. SE (R&B) Puri-05/2026-27

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Double cover / Single Cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Civil works.
2. No of Work : 3 Nos
3. Tender Cost : Rs. 10,000/- Rs. 6000.00 (On-Line)
4. Class of bidders : C & B Class
5. Available of Bid document in the Website : From 10.00 AM of Dt.11.05.2026 to Dt.20.05.2026 up to 5.00 PM
6. Last Date of receipt of tender : Dt.20.05.2026 up to 05.00 PM
7. Date of opening of Bid : Dt.21.05.2026 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR-34001/34064/1/26-27/0004

Superintending Engineer,
Puri (R&B) Division, Puri

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/395/2627

ପତ୍ର ସଂଖ୍ୟା ୯୦୧୩/ ଭୁ.ଉ.କ., ଭୁବନେଶ୍ୱର
KNM-267/93

**ସୂଚନା**

ତା. ୩୦.୦୪.୨୦୨୬ରିଖ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା- ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ MIG ପ୍ଲଟ୍ ନଂ.- K-7-425 କୁ ଶ୍ରୀ ବିଭୂପ୍ରସାଦ ମିଶ୍ର, ପିତା- ସ୍ୱର୍ଗତ ଲିଙ୍ଗରାଜ ମିଶ୍ର, ଗ୍ରାମ/ପୋଷ୍ଟ - ରାଇଚକ୍ରଧରପୁର, ଥାନା- ସତ୍ୟବାଦି, ଜିଲ୍ଲା- ପୁରୀ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ବିଭୂପ୍ରସାଦ ମିଶ୍ର ଗତ ତା.୨୮.୧୦.୨୦୨୧ରିଖ ରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No.13643/2021 dated 28.10.2021)

Legal heir certificate Misc. Case No. E-LHC/2021/210812 dated 24.11.2021 ଅନୁଯାୟୀ ବିଭୂପ୍ରସାଦ ମିଶ୍ରଙ୍କର ଉତ୍ତରାଧିକାରୀ (୧) ବିଦ୍ୟୁତପ୍ରଭା ମିଶ୍ର (ସ୍ତ୍ରୀ), (୨) ଏଲୋରା ମିଶ୍ର (ବିବାହିତା କନ୍ୟା) ଓ (୩) ଉଦୟନ ମିଶ୍ର (ପୁତ୍ର) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

OIPR-13001/13033/1/26-27/0028

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

### TPCODL
TP CENTRAL ODISHA
DISTRIBUTION LIMITED
[A Joint Venture of Tata Power and Government of Odisha]

Registered Office / Corporate Office : Power House Square, Unit – 8, Bhubaneswar - 751012

**PUBLIC NOTICE FOR EMPANELMENT OF VENDORS**
**(Under PM-Suryaghar: Muft Bijli Yojana)**

TP Central Odisha Distribution Ltd. (TPCODL) invites applications from eligible Agencies/Firms/Companies for empanelment as vendors under the PM-Suryaghar: Muft Bijli Yojana, a flagship Government of India initiative aimed at promoting rooftop solar installations for residential consumers and enabling affordable, clean energy access.

- Detailed empanelment guidelines, application forms ,document checklist etc. are available at **www.tpcentralodisha.com**
- Applications and other required documents should be put in a sealed envelope and to be dropped in the designated drop-box available at

**Renewable Energy Cell,TPCODL, Power House Square, Bhubaneswar.**

**For Details Contact - 1912**

### AFFIDAVIT

By virtue of an affidavit sworn before the Executive Magistrate, Sukinda, Jajpur, Vide no - 695, dated 04.04.2026, I, Tuni Behera, Village: Boulapal, PO: Damodarpur, PS: Sukinda, Dist: Jajpur, Odisha, do hereby declare that my minor daughter's name has been changed from Santos I Behera (old name) to Santoshi Behera (new name) for Aadhaar correction. Henceforth, she shall be known as **Santoshi Behera** for all purposes.

Tuni Behera

### AFFIDAVIT

I, Abhipsa Aparna Mishra, D/o- Jayanta Kumar Mishra, resident of Qr.No-IVR- 141, Unit - 6, Bhubaneswar, Pin -751001,Dist - Khordha, Odisha, declare by this affidavit No - 15832, dated - 06.05.2026, that now onwards I shall be known as **AVIPSA APARNA MISHRA** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Kendrapara, SL.No. 1531, dated 16/03/2026, I **KAMINI SAHOO**, resident of village At-Balagandi, PO: Kendrapara, P.S: Kendrapara Town, Dist: Kendrapara, PIN: 754211, Odisha declare that I have changed my name from **SHALINI MALHOTRA (Old Name)** to **KAMINI SAHOO (New Name)**. Henceforth, I shall be known as **KAMINI SAHOO** for all purposes.

Sd- **KAMINI SAHOO**

### CHANGE OF NAME

By virtue of an affidavit (CF No. 02, date: 06/05/2026) sworn before The Executive Magistrate, Padampur. I, **Chamara Singh Bariha** (new name), S/o Phiringe Singh Bariha, permanent & current resident of AT: Barihapukhapani, PO: Katabahal, PS: Gaisilat, Dist: Bargarh, PIN: 768036, State: Odisha declare that I have changed my name from **Gajapati Dansana** to **Chamara Singh Bariha.** Henceforth, I shall be known as **Chamara Singh Bariha** (new name) for all purposes.

**(Chamara Singh Bariha)**

### AFFIDAVIT

I, Muzaffer Hussain, aged about 37 years, S/o- Tansen Abdul, resident of At- Alind Colony, Po/Ps- Hirakud, Dist- Sambalpur, Pin- 768016, Odisha do hereby declare by this affidavit No.933, dtd- 06/05/2026, that now onwards I shall be known as **MUZAFFAR HUSSAIN** for all future purposes.

### AFFIDAVIT

By virtue of an affidavit sworn before The Notary Public, Titilagarh on dated: 05/05/2026. I, **Rabi Bag** (applicant name), S/o Baman Bag, Address: AT: Manikmunda, PO: Modipada, Sambalpur, PS: Town Thana, Dist: Sambalpur, PIN: 768002, State: Odisha declare that I have changed my minor son's name from **Niklesh Bag** (old name) to **Nikhilesh Bag.** Henceforth, he shall be known as **Nikhilesh Bag** (new name) for all purposes.

**(RABI BAG)**

### CHANGE OF NAME (MINOR)

By virtue of an affidavit (CF No-1, Date: 07/05/2026) sworn before The Executive Magistrate, Padampur. I, **Benudhar Sabat** (applicant name), S/o Chudamani Sabat, permanent & current resident of AT: Patrapali, PO: Chantipali, PS: Melchhamunda, Dist: Bargarh, PIN: 768035, State: Odisha declare that I have changed my minor son's name from **Tekeswar Sabat** to **Tikeshwar Sabat.** Henceforth, he shall be known as **Tikeshwar Sabat** (new name) for all purposes.

**(Benudhar Sabat)**

### CHANGE OF NAME (MINOR)

By virtue of an affidavit (CF No. 01, date: 04/05/2026) sworn before The Executive Magistrate, Padampur. I, **Manohar Hansa** (applicant name), S/o Lidi Hansa, permanent & current resident of AT: Deuli, PO: Mahulpali, PS: Padampur, Dist: Bargarh, PIN: 768036, State: Odisha declare that I have changed my minor daughter's name from **Shibani Hansa** to **Priya Hansa.** Henceforth, she shall be known as **Priya Hansa** (new name) for all purposes.

**(Manohar Hansa)**

# ମୁତ୍ୟାଲୁ ମା'ଙ୍କ ନବଦିନ ଘଟଯାତ୍ରା ଉଦ୍‌ଯାପିତ



**ଲକ୍ଷ୍ମୀପୁର,୭।୫(ସମିସ):**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ପ୍ରତ୍ୟେକ୍ଷ ଦେବୀ ମୋତ୍ୟାଲୁ ମା'ଙ୍କ ନବଦିନ ଘଟ ଯାତ୍ରା ବୁଧବାର ଶେଷ ହୋଇଛି। ଏହି ଯାତ୍ରା ବହୁ ପୁରାତନ ଅଟେ। ମା'ଙ୍କ ଏହି ଯାତ୍ରା ଆରମ୍ଭ ହେଲେ ଲକ୍ଷ୍ମୀପୁରର ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇଯାଏ। ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଜାଗ୍ରତ ହୋଇଥାଏ। ଭକ୍ତ ମାନେ ମା ଙ୍କ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ଅନାଇ ରହିଥାନ୍ତି। ମାନସିକଧାରୀମାନେ ଭୋଗରାଗ ଅର୍ପଣ କରିଥାନ୍ତି ଏବଂ ସୁଖଶାନ୍ତି ପାଇଁ କାମନା କରିଥାନ୍ତି। ମା'ଙ୍କ ଯାତ୍ରା ସମୟରେ ଅନ୍ୟ ଅଞ୍ଚଳର ଲୋକମାନେ ମଧ୍ୟ ନିଜ ସମ୍ପର୍କୀୟ ଘରକୁ କୁଣିଆ ହୋଇ ଆସି ଦର୍ଶନ କରି ଆଶୀର୍ବାଦ ନେଇଥାନ୍ତି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମନୋରଞ୍ଜନ ପାଇଁ ମା' ଆସିବା ଦିନ ଠାରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରନ୍ତି। ପ୍ରଚଳିତ ନିୟମ ଅନୁଯାୟୀ ଥାନା, ଆରଆଇ, ଫରେଷ୍ଟ କାର୍ଯ୍ୟାଳୟ ପକ୍ଷରୁ ବଡ଼ ଧରଣର ନିଆଁ ମା' ପାଇଁ ଆୟୋଜନ କରାଯାଇ ଥାଏ। ମା' ନିଆଁ ଉପରେ ଚାଲିଥାନ୍ତି। ଏହି ଦୃଶ୍ୟ ଦେଖିବା ପାଇଁ ବହୁ ଲୋକଙ୍କର ସମାଗମ ହୋଇଥାଏ। ଆଶ୍ଚର୍ଯ୍ୟର ଦୃଶ୍ୟ ଖାଲି ପାଦରେ ନିଆଁ ଉପରେ ଚାଲିଥାନ୍ତି। ଶେଷ ଦିନ ମା' ଅସ୍ଥାୟୀ ମନ୍ଦିରରୁ ନିଜ ମନ୍ଦିରକୁ ଫେରିବା ବେଳେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୁଲିସ କର୍ମୀ ନିୟୋଜିତ ହୋଇଥିଲେ। ଯାତ୍ରା କମିଟିର ସଭାପତି କୁଳନିଧି ବିଡ଼ିକ, ଉପ ସଭାପତି ସୀମାଞ୍ଚଳ ବୈପାରୀ, ସମ୍ପାଦକ ରଞ୍ଜନ ସୂଚେନ, କୋଷାଧକ୍ଷ ବିଭୁତି ଖରା, ସହ ସମ୍ପାଦକ ମନୋଜ ସାହୁ, ଉମାଶଙ୍କର କର୍କରା, ସଦସ୍ୟ ରମେଶ ଦୋରା, ଦେବେନ୍ଦ୍ର ଖୋସ୍ଲା, ହରି ବାଘ, ପିଣ୍ଟୁ ଗରଡ଼ା, ଅମରେଶ ଶତପଥୀ, ତାରିଣୀ ଶତପଥୀ, ବଳିଆ ବିଶୋଇ ଭଳି ଓ ଅନ୍ୟମାନଙ୍କ ସହଯୋଗରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁରୁଖୁରୁରେ ଉଦ୍‌ଯାପିତ ହୋଇଥିଲା।

### ବର୍ତିଲେନି ମାଁ ବିଡ୍ରି ଠାକୁରାଣୀ

# ମନ୍ଦିରରୁ କଳାକନା ବୁଲାଇଲେ ଚୋର



ଉମରକୋଟ,୭।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନ ଧୋଡ୍ରା ସ୍ଥିତ ମାଁ ବିଡ୍ରି ଠାକୁରାଣୀ ମନ୍ଦିର ଠାରେ ବିଳମ୍ବିତ ରାତିରେ ଚୋରି ହୋଇଥିବା ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ତିନୋଟି ସ୍ଥାନରୁ ମାଁ ବିଡ୍ରିଙ୍କ ମୁକୁଟ, ପୂଜା ସାମଗ୍ରୀ ଏବଂ ସୁନା ରୁପା ଗହଣା ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ମନ୍ଦିର ପରିସରରେ ଥିବା ଦାନହୁଣ୍ଡିକୁ ଭାଙ୍ଗି ସେଥିରେ ଥିବା ନଗଦ ଟଙ୍କା ମଧ୍ୟ ଦୁର୍ବୃତ୍ତମାନେ ଚୋରି କରି ଚମ୍ପଟ ମାରିଛନ୍ତି। ଲିଖିତ ଅଭିଯୋଗ ଅନୁଯାୟୀ ୬ ତାରିଖ ବୁଧବାର ରାତ୍ର ୧୧ ଘଣ୍ଟା ସମୟପରେ ମନ୍ଦିରର ୪ ପ୍ରକୋଷ୍ଠ ସହ ଦୁଇଟି ଗନ୍ତାଘର କବାଟ ଭାଙ୍ଗି ଠାକୁରାଣୀଙ୍କ ସମସ୍ତ ଜିନିଷ ଚୋରି ହୋଇଛି। ସକାଳୁ ମନ୍ଦିରର ସେବକ ମନ୍ଦିର ସଫାସୁତୁରା କରିବାକୁ ଆସିଥିବା ବେଳେ ଦେଖିବାକୁ ପାଇଲେ ମନ୍ଦିରର ସମସ୍ତ ଜିନିଷ ଚୋରି ହୋଇଛି । ସଙ୍ଗେ ସଙ୍ଗେ ସେବକ ଜଣକ ମନ୍ଦିରର ପୂଜାରୀକୁ ଜଣାଇବା ସହ ମନ୍ଦିର କମିଟିକୁ ସୂଚନା ଦେଇଥିଲେ। ମନ୍ଦିର କମିଟି ସଦସ୍ୟଙ୍କ ସୂଚନା ଅନୁଯାୟୀ ଚୋରି ହୋଇଥିବା ଜିନିଷର ମୂଲ୍ୟ ୫ଲକ୍ଷରୁ ଅଧିକ ହେବ। ଖବର ପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଆଧ୍ୟାତ୍ମିକ ସ୍ଥଳରୁ ଚୋରିକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଇଛି। ଘଟଣା ସ୍ଥଳକୁ ମଧ୍ୟ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ ଆସି ତଦନ୍ତ କରିଛି। ଏହା ଏକ ବଡ ଧରଣର ଚୋରି ହୋଇଥିବା ବେଳେ ପୁଲିସ ମଧ୍ୟ ଜୋରଦାର ତଦନ୍ତ ଆରମ୍ଭ କରିଛି। ଚୋରି ହୋଇଥିବା ଜିନିଷ ୧୫ ଗୋଟି ରୂପା ମୁକୁଟ ପ୍ରାୟ ଦୁଇକେଜି ଓଜନର, ମାଁ ଙ୍କ ଛତ୍ରି ୪ ଗୋଟି, ପ୍ରାୟ ଏକ କେଜି ଓଜନର ପିତଳ ବଡ ଥାଳି ୩ଟି , ପିତଳର ବଡ଼ ଘଣ୍ଟି ୨ଟି , ପିତଳର ଥାଳି ୪ଟି, ମାଁଙ୍କ ଦକ୍ଷିଣା ପ୍ରାୟ ୫ହଜାର ଟଙ୍କା, ମାଇକ ସେଟ୍ ମେସିନ, ମାଁ ଙ୍କର ଫାର୍ସା ଓ ଟାଙ୍ଗିଆ ଦୁଇଟି ଚୋରି ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉମରକୋଟ ପୁଲିସ ଏହାର ତଦନ୍ତ ଚଳାଇଛି।

### କେସିସି ବ୍ୟାଙ୍କ ଅର୍ଥ ଆତ୍ମସାତ୍ ମାମଲା

# ପ୍ରେମୀଯୁଗଳ ଗିରଫ, ୨୫ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ







ମାଲକାନଗିରି/ଜୟପୁର, ୭।୫(ସମିସ): ମାଲକାନଗିରି କେସିସି ବ୍ୟାଙ୍କରେ ସରକାରୀ ଅର୍ଥ ଆତ୍ମସାତ ଘଟଣାରେ ଓଡ଼ିଶା ଭିଜିଲାନ୍ସକୁ ବଡ଼ ସଫଳତା ମିଳିଛି। ଏହି ମାମଲାରେ ବ୍ୟାଙ୍କ ଶାଖା ପ୍ରବନ୍ଧକ ସୁଧାଂଶୁ ଖରାଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଆଜି ତାଙ୍କର ସହଯୋଗୀ ସୁଶ୍ରୀ ନିବେଦିତା ତରାଇ ଓ ତାଙ୍କ ଲିଭ୍-ଇନ୍ ସହଚର ନୃସିଂହ ପ୍ରସାଦ ଖମାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରାୟ ୧ କୋଟି ୮ ଲକ୍ଷ ଟଙ୍କାରୁ ୬୩ ଲକ୍ଷ ଟଙ୍କା ସୁଧାଂଶୁ ଖରା ଉଭୟଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ। ଫେସବୁକ୍ ମାଧ୍ୟମରେ ପରିଚୟ ପରେ ସମସ୍ତେ ମିଶି ଏହି ବ୍ୟାଙ୍କ ଟଙ୍କା ହଡ଼ପ କରିବାର ଯୋଜନା କରିଥିବା ଭିଜିଲାନ୍ସ କହିଛି। ତଦନ୍ତ ସମୟରେ ଅଭିଯୁକ୍ତ ଦୁଇଜଣଙ୍କ ୨୫ଟି ବ୍ୟାଙ୍କ ଖାତା ଓ ୧୨ଟି ଷ୍ଟକ୍ ଟ୍ରେଡିଂ ଖାତା ଯାଞ୍ଚ କରାଯାଉଛି। ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଚଢ଼ଉ ବେଳେ ୩୩ଟି ମୋବାଇଲ୍, ଡ୍ରୋନ୍, ଦାମି କ୍ୟାମେରା, ଗହଣା ସହ ବହୁ ସାମଗ୍ରୀ ଜବତ କରାଯାଇଛି। ଏହି ପ୍ରେମୀ ଯୋଡି ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ଠକେଇ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବାବେଳେ ଭିଜିଲାନ୍ସର ତଦନ୍ତ ଜାରି ରଖିଛି।

## ଲୋକଙ୍କ ପାଖରେ ପହଞ୍ଚିବ ଯୋଜନା:ଏଡିଏମ୍

ନବରଙ୍ଗପୁର,୭।୫ (ସମିସ) : ନବରଙ୍ଗପୁର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଗୁରୁବାର ପ୍ରମୋଦ କୁମାର ପୃଷ୍ଟି ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ପୃଷ୍ଟି ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଧିକାରୀଙ୍କ ସହଯୋଗ କାମନା କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନାକୁ ଜନସାଧାରଣ ପାଖକୁ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ କର୍ମଚାରୀ ଶ୍ରୀ ପୃଷ୍ଟିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସମସ୍ତ ଡେପୁଟି କଲେକ୍ଟର, ସମସ୍ତ ସହକାରୀ କଲେକ୍ଟର, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ସେକ୍‌ସନ ଅଫିସର ତଥା ଓଡିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ, କୈଳାଶ ଚନ୍ଦ୍ର ଦାସ, ସୀତାରାମ ବେହେରା, ହିମାଂଶୁ ଶେଖର ପଟ୍ଟନାୟକ, ରାମଚନ୍ଦ୍ର ରଘୁ ମଣ୍ଡଳ, ସତ୍ୟନାରାୟଣ ସାହୁ, ଜଗନ୍ନାଥ ମହାପାତ୍ର, ମୀରା ପଣ୍ଡା, ସୁରେଶ ପଟ୍ଟନାୟକ, ତୃପ୍ତି ପଟ୍ଟନାୟକ, ଅଜୟ ନାୟକ, ଶୌରଭ ଦାସ, ଗଗନ ବିଶୋଇ , ପ୍ରିୟଙ୍କା ପାତ୍ର, ପି ପଦ୍ମା, ପ୍ରଣତି ମାଝୀ, କବିତା ବ୍ରହ୍ମା, ସଂଯୁକ୍ତା ସାହୁ ଓ ଅଭିନାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷଙ୍କ ଅମ୍ବାଦଳା ଗସ୍ତ



ଅମ୍ବାଦଳା, ୭।୫(ସମିସ) : ରାୟଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର ଅମ୍ବାଦଳା ଅଞ୍ଚଳରେ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗସ୍ତ ସମୟରେ ସେ ସ୍ଥାନୀୟ ବିଜେପି କର୍ମୀମାନଙ୍କ ସହ ଆଲୋଚନା କରି ସଂଗଠନକୁ ଆହୁରି ମଜବୁତ କରିବା ଓ ଲୋକଙ୍କ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଏହାପରେ ସେ ସମ୍ପ୍ରତି କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ପରିଦର୍ଶନ କରି ଭାଙ୍ଗିଯାଇଥିବା ଘରଗୁଡିକୁ ବୁଲି ଦେଖିଥିଲେ। ପୀଡିତ ପରିବାରଙ୍କ ସହ କଥା ହୋଇ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରୟାସ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ଗସ୍ତ ଅବସରରେ ସେ ଚଳିତ ମାଟ୍ରିକ ପରୀକ୍ଷାରେ ମୁନିଗୁଡା ବ୍ଲକ ଟପ୍ପର ହୋଇଥିବା ଛାତ୍ରୀ ସିକୃତିଙ୍କ ଘରକୁ ଯାଇ ତାଙ୍କୁ ଭେଟି ସିକୃତିଙ୍କ ଶିକ୍ଷାଗତ ସଫଳତାର ପ୍ରଶଂସା କରିବା ସହ ତାଙ୍କ ପରିବାର ସହ ଆଲୋଚନା କରି ଭବିଷ୍ୟତରେ ଆହୁରି ଉଚ୍ଚ ସଫଳତା ଅର୍ଜନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ବିଦ୍ୟାଧର ଶବରଙ୍କ ସହ ରାୟଗଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ଭିକାରୀ ନାହାକ ଓ ଅନ୍ୟ ବିଜେପି କର୍ମୀ ମାନେ ଉପସ୍ଥିତ ରହିଥିଲେ।

### ● ନାରୀ ଅଧିନିୟମକୁ ବିରୋଧର ପ୍ରତିବାଦ

# ଅମ୍ବାଦଳାରେ ମହିଳା ଆକ୍ରୋଶ ଶୋଭାଯାତ୍ରା



ଅମ୍ବାଦଳା, ୭।୫(ସମିସ): ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାରକୁ ସୁଦୃଢ କରିବା ପାଇଁ ଆଣାଯାଇଥିବା ନାରୀ ଅଧିନିୟମକୁ କେତେକ ରାଜନୈତିକ ଦଳ ଓ ସଂଗଠନ ବିରୋଧ କରିଥିବା ପ୍ରତିବାଦରେ ଅମ୍ବାଦଳା ଅଞ୍ଚଳର ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ଏକ ବିଶାଳ ଆକ୍ରୋଶ ଯାତ୍ରା ଓ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲିରେ ବହୁ ସଂଖ୍ୟକ ମହିଳା କର୍ମୀ, ଯୁବ କର୍ମୀ ଓ ଦଳୀୟ ନେତାମାନେ ଯୋଗଦେଇ ମହିଳାଙ୍କ ଅଧିକାର ସୁରକ୍ଷା ପକ୍ଷରେ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରା ଅମ୍ବାଦଳା ମୁଖ୍ୟ ବଜାର ଅଞ୍ଚଳ ପରିକ୍ରମା କରି ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି କରିଥିଲା। ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ମହିଳା କର୍ମୀମାନେ ନାରୀ ସୁରକ୍ଷା ଓ ସମ୍ମାନ ପକ୍ଷରେ ସ୍ୱର ଉଠାଇଥିଲେ। ପରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ମହିଳାଙ୍କ ନ୍ୟାୟ ଓ ସୁରକ୍ଷା ପାଇଁ ଆଣାଯାଇଥିବା ଆଇନକୁ ବିରୋଧ କରିବା ଦୁର୍ଭାଗ୍ୟଜନକ। ସମାଜରେ ମହିଳାଙ୍କ ସମ୍ମାନ ଓ ସୁରକ୍ଷାକୁ ଅଧିକ ସୁଦୃଢ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଭିକାରୀ ନାହାକ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ସହ ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତା, ମହିଳା ନେତୃବୃନ୍ଦ ଓ ସ୍ଥାନୀୟ ବିଜେପି ନେତାମାନେ ଉପସ୍ଥିତ ରହିଥିଲେ।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ସ୍ୱାବଲମ୍ବୀ କାରିଗର, ପମ୍ପ ଚାଳକ

ରାମନାଗୁଡ଼ା,୭।୫(ସମିସ): ରାୟଗଡ ଜିଲ୍ଲା ଦିନିକିଆ ଗସ୍ତରେ ଆସିଥିବା ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଭେଟି ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ସଂଘ ରାୟଗଡ ଜିଲ୍ଲା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସ୍ୱାବଲମ୍ବୀ କାରିଗର ମାନେ ଓଡିଶା ସରକାରଙ୍କର ପାନୀୟ ଜଳ ଯୋଗାଣ ବିଭାଗରେ ୨୫ ବର୍ଷ ଧରି ନିୟମିତ ଭାବେ କାର୍ଯ୍ୟ କରୁଛନ୍ତି । କିନ୍ତୁ ବର୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ପକ୍ଷରୁ ଆଖି ଦୃଶିଆ କୌଣସି ଦାବି ପୂରଣ କରାଯାଇ ନଥିବା ବେଳେ ସରକାରଙ୍କ ଦ୍ୱାରା କୁଶଳୀ କାରିଗର ପ୍ରମାଣ ପତ୍ର ଏମାନଙ୍କୁ ପ୍ରଦାନ କରାଯାଇଛି। ସେହିପରି ଏହି ସ୍ୱାବଲମ୍ବୀ କାରିଗର ମାନଙ୍କ ଭତ୍ତା ଆକାରରେ ୩ ହଜାର ଦୁଇ ଶହ ପଚାଶ ଟଙ୍କା ମାସିକ ହାରରେ ପ୍ରଦାନ କରାଯାଉଛି। ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସେମାନଙ୍କ ପରିବାରକୁ ନେଇ ଚଳିବା କଷ୍ଟସାଧ ବୋଲି ସ୍ୱାବଲମ୍ବୀ କାରିଗର ମାନେ କହିଛନ୍ତି। ସେହିପରି ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ସଂଘ ପକ୍ଷରୁ କୁଶଳୀ କାରିଗର ହାରରେ ମାସିକ ଦରମା ପ୍ରଦାନ କରିବା, ସରକାରୀ ଚାକିରିର ମାନ୍ୟତା ପ୍ରଦାନ କରିବା, କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବା ସହ ପରିବାରର ଜଣଙ୍କୁ ଚାକିରିରେ ନିଯୁକ୍ତି ପ୍ରଦାନ କରିବା ବେଳେ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କ ଦରମା ପଞ୍ଚାୟତରେ ନକରି ବ୍ଲକ ଅଫିସ କିମ୍ବା ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟରେ ସେମାନଙ୍କ ଦରମା କରିବାକୁ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବଂଶୀଧର କଣ୍ଡାଗରୀ, ସୀମାଞ୍ଚଳ ମିଶ୍ର, କୈଳାଶ ବଡ଼ ପନ୍ଦରା, ସୁଧାକର ବେହେରା, ଶ୍ରୀନିବାସ ପାତିକା, ସୂର୍ଯ୍ୟ ନାରାୟଣ ଗରଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।



## ମା' ମାର୍କମା କଲେଜରେ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ



ବିଷମକଟକ,୭।୫(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମାଁ ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ରେ କଳା ଓ ବାଣିଜ୍ୟ ସ୍ରୋତର ସମସ୍ତ ବିଭାଗର ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାବିଭାଗ ଦ୍ୱାରା ଜାରି କରାଯାଇଥିବା ନୂତନ ଶିକ୍ଷା ନିତି ୨୦୨୦ ଅନୁଯାୟୀ ୪ର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀ ମାନେ ୩୫ଦିନ ଏହି କାର୍ଯ୍ୟକ୍ରମ ସହିତ ଜଡିତ ରହିବେ। ଏହି କାର୍ଯ୍ୟକ୍ରମ ମେ ୭ ତାରିଖରୁ ଆରମ୍ଭ ହୋଇ ଜୁନ୍ ୧୦ ତାରିଖରେ ସମାପ୍ତ ହେବ। ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ଏହି କାର୍ଯକ୍ରମର ମାର୍ଗଦର୍ଶିକା ଅନୁଯାୟୀ ଛାତ୍ରଛାତ୍ରୀ ମାନେ ଶିକ୍ଷା ସନ୍ଧାନ ବିଷମ କଟକ, ସିଡବ୍ଲୁଏସ୍. ରାୟଗଡା ଓ ବିଷମ କଟକ ଅଗ୍ନିଶମ ବିଭାଗ ସହ ଅନୁବନ୍ଧିତ ହୋଇ ୩୫ଦିନ ଧରି ପ୍ରଶିକ୍ଷଣ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମକୁ ସୂଚାର ରୂପେ ସଂପାଦନା କରିବା ନିମନ୍ତେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଶ୍ୱିନି କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ମହାବିଦ୍ୟାଳୟ ପରିସରରେ ଶିକ୍ଷା ସନ୍ଧାନର କୋର୍ଡିନେଟର ଗୌରୀଶଙ୍କର ପ୍ରଧାନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଶ୍ୱିନୀ କୁମାର ପଣ୍ଡା, ଅଧ୍ୟାପକ ନିରଞ୍ଜନ ପାଢି, ଦେବାଶିଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟା ପାୱାର କାର୍ଯ୍ୟାଳୟ ଘେରିଲେ ନାକାମାମୁଡି ପଞ୍ଚାୟତବାସୀ



ମାଲକାନଗିରି/କୋରୁକୋଣ୍ଡା,୭।୫ (ସମିସ): ବାରମ୍ବାର ବିଦ୍ୟୁତ କାଟ କରୁଥିଲା ଟାଟା ପାୱାର। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ବି କର୍ଣ୍ଣପାତ କରିଲାନି ବିଭାଗ। ଶେଷରେ ଆଜି ବାଧହୋଇ ବିଦ୍ୟୁତ କାର୍ଯ୍ୟାଳୟ ଘେରିଲେ ୪୦୦ରୁ ଅଧିକ ଗ୍ରାମବାସୀ। ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତରେ। ପଞ୍ଚାୟତ ଅନ୍ତର୍ଗତ ୧୭ଟି ଗ୍ରାମ ଯଥା କାରକାଗୁଡା, ନାକାମାମୁଡି, ଡାଇକ-୨, ଡାଇକ-୩, ଖଡିକାଝୁଡ଼ି, ନିଳାପାରି ଗ୍ରାମ ଗୁଡିକରେ ଆଜିକୁ ଦୀର୍ଘ ୬ ଦିନ ହେବ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଦ୍ୟୁତ ବନ୍ଦ ରହିବା ଦ୍ୱାରା ପିଲାମାନେ ପାଠପଢାରୁ ବଞ୍ଚିତ ରହୁଥିବା ବେଳେ ଅତିଶୟ ଗ୍ରୀଷ୍ମକୁ ସମ୍ଭାଳି ନ ପାରି ଲୋକେ ଗଛତଳେ ଆଶ୍ରୟ ନେଉଥିବା କହିଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗକୁ ଅବଗତ କରିବା ପରେ ମଧ୍ୟ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଲା ନାହିଁ। ତେଣୁ ଆଜି ପ୍ରଥମେ ଉକ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବା ଟାଟା ପାୱାରର କର୍ମଚାରୀ ଏବଂ ସେମାନଙ୍କ ଗାଡିକୁ ଘେରାଉ କରି ବିଭିନ୍ନ ପ୍ରଶ୍ନ କରିଥିଲେ ଗ୍ରାମବାସୀ। କୌଣସି ସୁଫଳ ମିଳି ନଥିବାରୁ ଶେଷରେ ଆଜି ବାଲିମେଳା ସ୍ଥିତ ଟାଟା ପାୱାର କାର୍ଯ୍ୟାଳୟକୁ ଆସି କାର୍ଯ୍ୟାଳୟ ଘେରାଉ କରିଛନ୍ତି। ୪୦୦ରୁ ଅଧିକ ଲୋକଙ୍କ କାର୍ଯ୍ୟାଳୟ ଘେରାଉ ଦେଖି ଏସଡିଓ ବିଶ୍ୱ କେସନ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସାହୁ ଗ୍ରାମବାସୀଙ୍କ ଫୋନ ଉଠାଉ ନଥିବାରୁ ବିରକ୍ତି ପ୍ରକାଶ କରି ତାଙ୍କର ବଦଳି ଦାବି କରିଥିଲେ। ଅନ୍ୟ ଦାବି ଗୁଡିକ ମଧ୍ୟରେ ପୂର୍ବ ବର୍ଦ୍ଧିତ ବିଲ ପରିମାଣ ରଦ୍ଦ କରିବା, ବାଲିମେଳାରୁ ଖାରିଗୁଡା ଗ୍ରାମ ଦେଇ ନାକାମାମୁଡି ପଞ୍ଚାୟତକୁ ସିଧାସଳଖ ବିଦ୍ୟୁତ ସଂଯୋଗୀକରଣ ଏବଂ ପ୍ରତି ମାସରେ ବିଲ ଠିକ୍ ସମୟରେ ପଞ୍ଚାୟତବାସୀ ବିଲ ପୈଠ କରିବେ ବୋଲି ଦୃଢୋକ୍ତି ଦେଇଥିଲେ। ଶେଷରେ ବିଦ୍ୟୁତ ବିଭାଗ ପକ୍ଷରୁ ପଞ୍ଚାୟତବାସୀଙ୍କୁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣାରୁ ଓହରିଥିଲେ। ଆଜିର ଏହି ଘେରାଉରେ ପଞ୍ଚାୟତର ରଘୁ ବୈରାଗୀ, ମଦନ ଖୋସଲା, ଘେନୁ ଖିଲ, ଡମ୍ବରୁ ଗୋଲାରୀ, ସମରା ଗୁଡ଼ିଆ, ଧନପତି ପାଙ୍ଗି, ମାଳତୀ ପାଙ୍ଗି, ମହାଦେବ ସୀସା ଓ ବେଣୁ ହନ୍ତାଳଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ




ରାୟଗଡ,୭।୫(ସମିସ): ରାୟଗଡ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ ଉତ୍କଳ ଲ କଲେଜ ପରିସରରେ ପାଳନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଭାଷାର ସୁରକ୍ଷା ଏବଂ ପ୍ରଚାର-ପ୍ରସାରରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ଡ. ରାଜେଶ କୁମାର ପାଢ଼ୀ, ଶିବ ପ୍ରସାଦ ମିଶ୍ର, କୋଷାଧକ୍ଷ ନୀଳମଣି ପଟ୍ଟଯୋଶୀ ଏବଂ ବିଶିଷ୍ଟ ଅତିଥି ଜଗଦୀଶ ଚନ୍ଦ୍ର ଦୋରା ଉପସ୍ଥିତ ରହି ସାହିତ୍ୟ ଚର୍ଚ୍ଚାକୁ ଆଗକୁ ନେବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାୟଗଡ଼ ସହ ଆଖପାଖ ଅଞ୍ଚଳରୁ ଶତାଧିକ କବି, ସାହତ୍ୟିକ ଓ ଲେଖକମାନେ ଯୋଗଦେଇ କବିତା ପାଠ ଓ ସାହିତ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପ୍ଲଟ୍ ବ୍ୟବସାୟୀ ହତ୍ୟା ମାମଲାରେ ପତ୍ନୀଙ୍କ ବଡ଼ ବୟାନ

# ନିବେଦିତାଙ୍କ ମାଆ ଓ ମାମୁ ହିଁ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ

ବ୍ରହ୍ମପୁର,୭।୫(ସମିସ): ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାକୁ ନେଇ ପୁଲିସର ତଦନ୍ତ ଜାରି ରହିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବା ବେଳେ ଏଥିରେ ନିବେଦିତା ଓ ତୁଷାରଙ୍କ ମା ଓ ମାମୁଁଙ୍କ ସମ୍ପୃକ୍ତିକୁ ନେଇ ମଧ ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ ମୃତ ସୁଧୀରଙ୍କ ବିଧବା ପତ୍ନୀ ରଶ୍ମିତା ପ୍ରଥମ ଥର ପାଇଁ ଗଣମାଧମ ଆଗରେ ମୁହଁ ଖୋଲି ସବୁକିଛି ସ୍ପଷ୍ଟ ବୟାନ ଦେଇଛନ୍ତି। ସେ ସିଧାସଳଖ ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ଭାବେ ସୁଧୀରଙ୍କ ବଡ ଭାଇ ସ୍ୱର୍ଗତ ମନୋଜ ପାତ୍ରଙ୍କ ପତ୍ନୀ ବସୁନ୍ଧରା ଓ ତାଙ୍କ ଭାଇ ତଥା ନିବେଦିତାଙ୍କ ମାମୁଁଙ୍କ ହାତ ଥିବା ଅଭିଯୋଗ କରିଛନ୍ତି। ରଶ୍ମିତାଙ୍କ ଏଭଳି ସିଧାସଳଖ ଅଭିଯୋଗ ପରେ ସୁଧୀର ହତ୍ୟାକାଣ୍ଡ ଘଟଣାକୁ ନେଇ ଚାଲିଥିବା ବିଭିନ୍ନ ଆଲୋଚନାରେ ଏକ ରକମର ପୂର୍ଣ୍ଣଚ୍ଛେଦ ପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସୁଧିରଙ୍କ ଭାଇ ମନୋଜ ଅଢ଼େଇ କୋଟି ଟଙ୍କା ସେୟାର ମାର୍କେଟରେ ନିବେଶ କରିଥିଲେ। ତାହା ବୁଡିଯିବା ପରେ ସେ ମାନସିକ ଚିନ୍ତାରେ ବୁଡି ରହିଥିଲେ। ମାନସିକ ଚିନ୍ତା ହିଁ ମନୋଜଙ୍କ ହୃଦଘାତର କାରଣ। କିନ୍ତୁ ମନୋଜଙ୍କ ମୃତ୍ୟୁ ପଛରେ ସୁଧିରଙ୍କ ହାତ ଥିବା ସନ୍ଦେହ କରିଛନ୍ତି ନିବେଦିତାଙ୍କ ମା ତଥା ମନୋଜଙ୍କ ବିଧବା ପତ୍ନୀ ବସୁନ୍ଧରା। ସେପଟେ ବିଗତ ୧୭ବର୍ଷ ପୂର୍ବେ ସୁଧିର ରଶ୍ମିତାଙ୍କୁ ବିବାହ କରିଥିବା ବେଳେ ସ୍ୱଳ୍ପ କାଳ ମଧ୍ୟରେ ସୁଧିରଙ୍କ ବ୍ୟବସାୟରେ ବ୍ୟାପକ ଲାଭ ହୋଇଥିଲା। ସୁଧୀରଙ୍କ ସଫଳତାକୁ ସହ୍ୟ କରିପାରିନଥିଲେ ବସୁନ୍ଧରା। ଗୋଟିଏ ପଟେ ମନୋଜଙ୍କ ଠାରୁ ସୁଧିରଙ୍କ ଅଧିକ ସମ୍ପତ୍ତି ଓ ଅନ୍ୟପଟେ ମନୋଜଙ୍କ ମୃତ୍ୟୁକୁ ନେଇ ସୁଧିରଙ୍କୁ ଦାୟୀ କରିଥିଲେ ବସୁନ୍ଧରା। ଉଭୟ ପ୍ରସଙ୍ଗକୁ ନେଇ ବସୁନ୍ଧାର ଏକପ୍ରକାର

**ସେୟାର ମାର୍କେଟରେ କ୍ଷତି ସହିଥିଲେ ମନୋଜ, ସୁଧୀରଙ୍କ ସଫଳତାରେ ଇର୍ଷାନ୍ୱିତ ହୋଇ ରଚିଥିଲେ ବ୍ଲୁ-ପ୍ରିଣ୍ଟ**

ଇର୍ଷାନ୍ୱିତ ହୋଇପଡ଼ିଥିଲେ। ଯାହାଫଳରେ ମନୋଜଙ୍କ ମରଶରୀର ଘରକୁ ଆସିବା ଦିନରୁ ହିଁ ରଶ୍ମିତାଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି 'ତୋତେ ଶାନ୍ତିରେ ରଖାଇ ଦେବି ନାହିଁ' ବୋଲି କୁଆଡେ ବସୁନ୍ଧରା କହିଥିଲେ। ତେଣୁ ସୁଧିରଙ୍କ ଅପହରଣ ଓ ହତ୍ୟା ଘଟଣାରେ ବସୁନ୍ଧରାଙ୍କ ହାତ ଥିବା ଅଭିଯୋଗ କରିଛନ୍ତି ରଶ୍ମିତା।

ସୁଧିରଙ୍କ ହତ୍ୟା ଘଟଣାରେ ଝିଆରୀ ନିବେଦିତା ଓ ପୁତୁରା ତୁଷାରଙ୍କ ହାତ ଥିବାବେଳେ ବସୁନ୍ଧରା ଓ ତାଙ୍କ ଭାଇ ପ୍ରକୃତ ଷଡ଼ଯନ୍ତ୍ରକାରୀ ବୋଲି ସିଧାସଳଖ ଅଭିଯୋଗ କରିଛନ୍ତି ରଶ୍ମିତା। ନିବେଦିତା ଓ ତୁଷାରଙ୍କୁ ସୁଧିର ନିଜ ଝିଅ ଏବଂ ପୁଅ ଭଳି ଭଲ ପାଉଥିଲେ। କିନ୍ତୁ ବସୁନ୍ଧରା ସେମାନଙ୍କ ମନରେ ସୁଧିରଙ୍କ ପ୍ରତି ବିଦ୍ୱେଷ ଭାବନା ଜାତ କରିଥିଲେ। ନିଜ ସ୍ୱାମୀଙ୍କୁ ହରାଇଥିବା ବସୁନ୍ଧରା ଏକ ପ୍ରକାରର ପ୍ରତିଶୋଧ ପରାୟଣ ହୋଇ ନିବେଦିତା ଓ ତୁଷାରଙ୍କ ଜରିଆରେ ଦିଅର ସୁଧିରଙ୍କୁ ହତ୍ୟା କରିଛନ୍ତି। ତେଣୁ ସୁଧୀରଙ୍କ ହତ୍ୟା ମାମଲାରେ ତୁରନ୍ତ ନିବେଦିତାଙ୍କ ମା ବସୁନ୍ଧରା ଓ ମାମୁଁଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି ରଶ୍ମିତା। କେବଳ ଏତିକି ନୁହେଁ ସେମାନେ ଉନ୍ମୁକ୍ତ ହୋଇ ବୁଲିଲେ ସୁଧୀରଙ୍କ ପୁଅ ଓ ଝିଅଙ୍କ ସହିତ ତାଙ୍କର ଜୀବନ ବିପଦରେ ଥିବା ଆଶଙ୍କା କହିଛନ୍ତି ରଶ୍ମିତା। ଉଭୟ ମନୋଜ ଓ ସୁଧିର ରାମଲକ୍ଷ୍ମଣ ଭଳି ଏକାଠି ଚଳି ଆସୁଥିବା ବେଳେ ବସୁନ୍ଧରା ଓ ତାଙ୍କ ଭାଇ ସୁନାର ସଂସାରକୁ ନଷ୍ଟ କରିଦେଲେ। ତେଣୁ ପୋଲିସ ଉଭୟ ବସୁନ୍ଧରା ଓ ତାଙ୍କ ଭାଇକୁ ଗିରଫ କରିବାକୁ ଦାବି କରିଛନ୍ତି ମୃତ ସୁଧିରଙ୍କ ମା' ସୁକାନ୍ତି ପାତ୍ର। ତେବେ କକା ହତ୍ୟାରେ ସୁକାନ୍ତି ନାତୁଣି ନିବେଦିତା ଓ ନାତି ତୁଷାରଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି ସେ।

### ■ ବର୍ଷାଦିନ ପୂର୍ବରୁ ବିଇଏମସିର ଆଗୁଆ ପ୍ରସ୍ତୁତି

# ୱାର୍ଡୱାରୀ ସମୀକ୍ଷା ବୈଠକର ପ୍ରଥମ ଦିନରେ ୭ଟି ୱାର୍ଡ ସାମିଲ



ବ୍ରହ୍ମପୁର,୭।୫(ସମିସ): ଆଗାମୀ ବର୍ଷା ଦିନକୁ ଦୃଷ୍ଟିରେ ରଖି ବିଇଏମସି ପକ୍ଷରୁ ଆରମ୍ଭ ହୋଇଯାଇଛି ୱାର୍ଡୱାରୀ ସମୀକ୍ଷା ବୈଠକ। ପ୍ରଥମ ଦିନର ସମୀକ୍ଷା ବୈଠକ ପୂର୍ବତନ କର୍ପୋରେଟରଙ୍କ ଦେହାନ୍ତ ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ବେଳେ ଗୁରୁବାର ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସହରର ୫,୬,୧୧,୧୨,୧୪, ୨୩ ଓ ୨୭ ଭଳି ୭ଟି ୱାର୍ଡର ବିଭିନ୍ନ ସମସ୍ୟା, ଉନ୍ନୟନ ମୂଳକ କାର୍ଯ୍ୟ ଓ ତାହାର ସ୍ଥିତି ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇଛି। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଲା, ସମସ୍ତ ୭ଟି ୱାର୍ଡର କର୍ପୋରରେଟର ଯଥା ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଶ୍ୱେତାରେଖା ତ୍ରିପାଠୀ ଓ ଗୀତାରାଣୀ ପଣ୍ଡାଙ୍କ ସମେତ ଇଂଜିନିୟରିଂ ବିଭାଗର ସମସ୍ତ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ। ୬ନମ୍ବର ୱାର୍ଡରେ ପୋଖରୀ ଓ ଶ୍ମଶାନ ଉନ୍ନତିକରଣ ଉପରେ ଗୁରୁତ୍ୱ, ୧୨ନମ୍ବରରେ ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ଅସନ୍ତୋଷ, ୧୪ନମ୍ବର ୱାର୍ଡରେ ନୀଳକଣ୍ଠେଶ୍ୱର ଶ୍ମଶାନକୁ ଗୁରୁତ୍ୱ ଦେବାକୁ କର୍ପୋରେଟରଙ୍କ ଅନୁରୋଧ। ପର୍ଯ୍ୟାୟ କ୍ରମେ ନିଗମର ସମସ୍ତ ୪୨ଟି ୱାର୍ଡର ସ୍ଥିତି ସମୀକ୍ଷା ସହିତ ରାଜୀବ ଆବାସ ଯୋଜନା ଓ ପରିମଳ ସମ୍ପର୍କିତ ବିଷୟ ଉପରେ ଆଲୋଚନା କରାଯିବ। ବିଭିନ୍ନ କାରଣରୁ ଅଧିରେ ଅଟକିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୯ତାରିଖ ଶୁକ୍ରବାର ଦିନ ୭, ୮, ୧୩, ୨୯, ୩୭, ୪୧ ଏବଂ ରାଜୀବ ଆବାସ ଯୋଜନା ସମ୍ପର୍କିତ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି।

# ୧୧ରୁ ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ଖେଳାଳି ଚୟନ

ବ୍ରହ୍ମପୁର,୭।୫(ସମିସ): ଆଗାମୀ ଦିନରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ୧୯ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏଥି ପାଇଁ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲାର ୧୯ ବର୍ଷରୁ କମ୍ ବର୍ଗରେ (ପୁରୁଷ) କ୍ରିକେଟ ଖେଳାଳି ଚୟନ କରାଯିବ। ଚଳିତ ମାସ ୧୧ ଓ ୧୨ତାରିଖରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତ ଦିନ ସମସ୍ତ ପଞ୍ଜିକୃତ ଖେଳାଳିମାନେ ଷ୍ଟାଡିୟମରେ ଉପସ୍ଥିତ ହୋଇ ଆବଶ୍ୟକ ପ୍ରମାଣପତ୍ର ସହିତ ଅସ୍ଥାୟୀ କମିଟି ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ ଓ ତପନ ପଟ୍ଟନାୟକଙ୍କ ନିକଟରେ ରିପୋର୍ଟ କରିବାକୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

# ଡେପୁଟି ମେୟରଙ୍କ ୱାର୍ଡ ବୁଲିଲେ ବିଇଏମସି କମିସନର

ବ୍ରହ୍ମପୁର,୭।୫(ସମିସ): ଦୈନିକ ବିଭିନ୍ନ ୱାର୍ଡ ଗସ୍ତ କ୍ରମରେ ବିଇଏମସି କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ ଗୁରୁବାର ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ୱାର୍ଡ ପରିଦର୍ଶନ କରିଛନ୍ତି। ଗସ୍ତ କାଳରେ ସେ ୱାର୍ଡର ଅଙ୍ଗନୱାଡି ପରିଦର୍ଶନ କରି



ସେଠାରେ ପିଲାଙ୍କୁ ମିଳୁଥିବା ଶୁଖିଲା ତଥା ପୁଷ୍ଟିକର ଖାଦ୍ୟ ସମ୍ପର୍କିତ ଯାଞ୍ଚ କରିଥିଲେ। ଆମ୍ବପୁଆରେ ମୋଟ ୩ଟି ଅଙ୍ଗନୱାଡି ମଧ୍ୟରୁ ୨ଟି ଭଡାରେ ଚାଲିଥିବା ବେଳେ ଗୋଟିଏ ନିଜସ୍ୱ କୋଠାରେ ଚାଲିଛି। ନିର୍ମାଣାଧିନ ନୂତନ କୋଠା ପରିଦର୍ଶନ କରି ଯୁଦ୍ଧକାଳୀନ ଭିତିରେ ତୁରନ୍ତ କାମ ସାରି ଜୁନ ପହିଲାରେ କେନ୍ଦ୍ରର ଶୁଭାରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତବିଭାଗ ଓ ବିଇଏମସି ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ବୀମା ନଗରରେ ଡ୍ରେନ ସମସ୍ୟା ଜଟିଳ ହୋଇଥିବା ଜାଣିବାକୁ ପାଇଥିଲେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ସେ ପୂର୍ତ୍ତବିଭାଗକୁ ଚିଠି ଜାରି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ରାସ୍ତାକଡରେ ଡମ୍ପିଂ ହେଉଥିବା ଅଳିଆକୁ ସ୍ଥାନାନ୍ତର କରିବା ଓ ପୃଥକୀକରଣ କରିବା ପାଇଁ ଏକ ପ୍ଲାଣ୍ଟର ଆବଶ୍ୟକତା ଥିବା ସେ ହୃଦବୋଧ କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କମିସନରଙ୍କ ଗସ୍ତ ସମୟରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ଇଂଜିନିୟରିଂ ବିଭାଗର ନିର୍ବାହୀଯନ୍ତ୍ରୀ ଜୟନ୍ତ ପରିଡା, ସହକାରୀ ନିର୍ବାହୀଯନ୍ତ୍ରୀ ଜୟ ଜଗଦିଶ ପାଢୀ, କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ପୁହାଣ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଅବହେଳା ଯୋଗୁଁ ବିଇଏମ୍‌ସିର ଅସ୍ଥାୟୀ କର୍ମଚାରୀ ବହିଷ୍କୃତ

ବ୍ରହ୍ମପୁର,୭।୫(ସମିସ): କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳା ଆଚରଣ ଯୋଗୁଁ ବିଇଏମସିର ଜନୈକ ଅସ୍ଥାୟୀ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ସହକାରୀ କମିସନର ରୋନିତ କୁମାରଙ୍କ ନିକଟରେ ନିୟୋଜିତ ଅସ୍ଥାୟୀ କର୍ମଚାରୀ ରାଜୁ ବେହେରାଙ୍କୁ ଉପରୋକ୍ତ ଅଭିଯୋଗ ଆଧାରରେ ନିଗମ କମିସନର କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ପୂର୍ବରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଗମର ନିର୍ବାହୀଯନ୍ତ୍ରୀ ସୁଶାନ୍ତ ଡୁଙ୍ଗଡୁଙ୍ଗଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି। ଦାୟିତ୍ୱରେ ଅବହେଳାକୁ ଆଦୌ ପ୍ରଶୟ ନଦେବାକୁ ଯାଇ ନିଗମ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି। ଏଭଳି କାର୍ଯ୍ୟାନୁଷ୍ଠାନ ପରେ ନିଗମରେ କର୍ମଚାରୀଙ୍କ ମଧ୍ୟରେ ଏକ ରକମର କୋକୁଆ ଭୟ ସୃଷ୍ଟି ହୋଇଛି।

### ଶିଶୁ ସାମ୍ନାରେ ମା'କୁ ବୀଭତ୍ସ ହତ୍ୟା ଘଟଣାକୁ ନିନ୍ଦା; ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନବାଚୀ

# ମା' ଛେଉଣ୍ଡ ଶିଶୁର ଭବିଷ୍ୟତ ପାଇଁ ୧ଲକ୍ଷ ଟଙ୍କା ଦେଲେ ନବୀନ

ବ୍ରହ୍ମପୁର/ହିଞ୍ଜିଳି ୭।୫ (ସମିସ): ପୁଣି ମାନବିକତା ଦେଖାଇଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ହିଞ୍ଜିଳି ଥାନା ଅନ୍ତର୍ଗତ କେ. ଖରିଡା ଗାଁରେ ପ୍ରେମିକ ଘର ଦାଣ୍ଡରେ ନ୍ୟାୟ ଦାବିରେ କୁନି ଝିଅ ସହିତ ଧାରଣାରତ ପ୍ରେମିକାକୁ କରାଯାଇଥିଲା ବିଭତ୍ସ ହତ୍ୟା। ଘଟଣାରେ ନବୀନ ପଟ୍ଟନାୟକ କେବଳ ଆଇନଶୃଙ୍ଖଳାକୁ ନେଇ

**ଉତ୍କଳ ବାଳାଶ୍ରମରେ କ୍ଷତିଗ୍ରସ୍ତ ନାବାଳିକାକୁ ଭେଟିଲେ ଜିଲ୍ଲାର ବିଜେଡି ନେତୃବୃନ୍ଦ**

ସ୍ୱର ଉଠାଇ ନାହାନ୍ତି ବରଂ ମାଁ ଛେଉଣ୍ଡ ତଥା ନିଷ୍ପାପ ଶିଶୁ ପାଇଁ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଦଳୀୟ ସୁପ୍ରିମୋଙ୍କ ଦ୍ୱାରା ଘୋଷିତ ତଥା ପ୍ରଦତ୍ତ ଆର୍ଥିକ ସହାୟତା ରାଶିକୁ ନେଇ ଗଞ୍ଜାମ ବିଜେଡିର ନେତୃମଣ୍ଡଳୀ ଉତ୍କଳ ବାଳାଶ୍ରମକୁ ଯାଇ ଅନ୍ତେବାସିନୀ ଶିଶୁକୁ ଭେଟିଛନ୍ତି। ବଳାଶ୍ରମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା ପରେ ଉକ୍ତ ଅର୍ଥକୁ ବ୍ୟାଙ୍କରେ ସ୍ଥାୟୀ ଜମା ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବରିଷ୍ଠ ନେତା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ବିଧାୟକ ସୁବାଷ ବେହେରା, ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ତଥା ରାଜ୍ୟ ବିଜେଡି ସମ୍ପାଦକ ଆର. ମୁରଲି ମୋହନ, ମୁକୁନ୍ଦ ଗୌଡ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବନେତା ଅଜୟ ମହାରଣା, କର୍ପୋରେଟର ସୋନାଲି ଗନ୍ତାୟତ, ମମତା ବିଶୋୟୀ, ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷ୍ମଣା ଗୀତାଞ୍ଜଳୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବିଜେଡି ସଭାପତି ଅଜିତ ଦାଶ, କର୍ପୋରେଟର ଦୁର୍ଗା ପ୍ରସାଦ ଲାୟକ, ସୂର୍ଯ୍ୟନାରାୟଣ ସୁବୁଦ୍ଧି ଓ ସୁରତ କୁମାର ପଣ୍ଡା ପ୍ରମୁଖ ଉତ୍କଳ ବାଳାଶ୍ରମ ଗସ୍ତ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



ପ୍ରକାଶ ଯୋଗ୍ୟ ଯେ' ପୂଜା ସ୍ୱାଇଁ ନାମ୍ନୀ ଜଣେ ମହିଳା ୩ବର୍ଷର ଝିଅକୁ ଧରି ନିଜ ଅଧିକାର ପାଇବା ପାଇଁ ପ୍ରେମିକ ଚିଣ୍ଟୁ ଗୌଡଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ସମାଜରେ ଲୋକଲଜ୍ଜା ସହ୍ୟ କରିନପାରି ପ୍ରେମିକର ଭାଇ ରାଗ ଜର୍ଜରିତ ହୋଇ ଧାରଣାରତ ପ୍ରେମିକାକୁ ଟାଙ୍ଗିଆରେ ହତ୍ୟା କରିଥିଲା। ଘଟଣା ସ୍ଥଳରେ ନିଷ୍ପାପ ଛୁଆଟି ମାଆର ମରଶରୀର ନିକଟରେ ବସି ମା'...ମା'...ଡାକି କାନ୍ଦୁଥିବାର ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଉଭୟ ଚିଣ୍ଟୁ ଓ ପୂଜାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ ହେବାପରେ ସେମାନେ ଫେରାର ହୋଇ ଦିର୍ଘ ୬ମାସ ଧରି ପୁରୀରେ ରହିଥିଲେ। ଚିଣ୍ଟୁ ନିଜ ମାଙ୍କୁ ଦେଖାକରିବାକୁ କହି ଗର୍ଭବତୀ ପୂଜାଙ୍କୁ ନେଇ ଗାଁକୁ ଫେରୁଥିବା ବେଳେ ବ୍ରହ୍ମପୁର ଷ୍ଟେସନରେ ପୂଜାଙ୍କୁ ବସାଇ ଶୌଚାଳୟ ଯିବା ବାହାନାରେ ଖସି ପଳାଇ ଯାଇଥିଲେ। ରେଳଷ୍ଟେସନରେ ପୂଜା ରାତିସାରା ଖୋଜାଖୋଜି କରିଥିଲେ ହେଁ ଚିଣ୍ଟୁ ଆଉ ଫେରି ନଥିଲେ। ଏନେଇ ପୂଜା ହିଞ୍ଜିଳି ଥାନାରେ ଏତଲା ଦେବାପରେ ସ୍ୱାମୀ-ସ୍ତ୍ରୀ ଏକାଠି ରୁହନ୍ତୁ ନେଇ ପୋଲିସ କହିଥିଲା। ପରେ ପୂଜା ୩ବର୍ଷର ଝିଅକୁ ଧରି ପ୍ରେମିକର ଘର ସମ୍ମୁଖରେ ଧାରଣା ଦେଇଥିଲେ। ଦିଅରର ଟାଙ୍ଗିଆ ଆକ୍ରମଣର ଶିକାର ପୂଜା ଛଟପଟ ହୋଇ ଚଟାଣରେ ହିଁ ଆଖି ବୁଜିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

# ରେଳଧାରଣାରୁ ଆଇଟିଆଇ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୭।୫(ସମିସ): ବ୍ରହ୍ମପୁର ଜିଆରପି ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟ ଲେବକ୍ରସିଂ ନିକଟର ରେଳଧାରଣା କଡରୁ ଜଣେ ଆଇଟିଆଇ ଛାତ୍ରୀଙ୍କ ମୃତଦେହ ଜବତ ହୋଇଛ। ମୃତକ ଜଣଙ୍କ ହେଲେ ଶେରଗଡ ଥାନା ଅନ୍ତର୍ଗତ ମାଛକୋଟର ଅର୍ଚ୍ଚିତା ଗୌଡ(୧୭)। ସେ ବ୍ରହ୍ମପୁରରେ ରହି ଆଇଟିଆଇରେ ପଢୁଥିଲେ। ଆଇଟିଆଇର ହଷ୍ଟେଲରେ ରହୁଥିଲେ। ଗତ ୨ ଦିନ ହେବ ଛତ୍ରପୁର ନିକଟରେ ଥିବା ଜଣେ ସହପାଠୀଙ୍କ ଘରକୁ ଯାଇ ରହିଥିଲେ। ହେଲେ ଆଜି ସକାଳ ୧୦ଟା ବେଳେ ଆମ୍ବପୁଆ ଲେବେଲ କ୍ରସିଂ ନିକଟରୁ ତାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଥିଲା। ଅମୃତ ଭାରତ ଏକ୍ସପ୍ରେସ ଧକ୍କାରେ ଏହି ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ତେବେ ସେ ରେଳ ଧାରଣାକୁ କାହିଁକି ଯାଇଥିଲେ ତାହା ତଦନ୍ତ ପରେ ଜଣାପଡିବ। ଆଜି ସକାଳ ସାଢେ ୯ଟା ବେଳେ ଏହି ରେଳଧାରଣାରେ ଜଣେ ଯୁବତୀଙ୍କ ମୃତଦେହ ପଡିଥିବା ଖବର ମିଳିବା ପରେ ଜିଆରପି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ଅର୍ଚ୍ଚିତାଙ୍କ ଶବ ନିକଟରୁ ତାଙ୍କ ବିଭିନ୍ନ ସାର୍ଟିଫିକେଟ ଜବତ କରିଥିଲା। ସେହିକ୍ରମରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ମାଜିଷ୍ଟ୍ରେଟ ଉପସ୍ଥିତିରେ ଶବର ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ୩୨/୨୬ ରୁଜୁ ହୋଇଛି।

### ନିଯୁକ୍ତିରେ ଅନିୟମିତତା

# ବିଦାୟୀ କୁଳପତିଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ

ବ୍ରହ୍ମପୁର,୭।୫(ସମିସ): ଅବସରକାଳୀନ ବିଦାୟର ୨୪ଘଣ୍ଟା ନପୁରୁଣୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଗିତାଞ୍ଜଳି ଦାଶଙ୍କ ବିରୁଦ୍ଧରେ ଆସିଛି ସଙ୍ଗୀନ ଅଭିଯୋଗ। ପ୍ରଫେସର ଦାଶଙ୍କ ସହିତ ଜନୈକ ସହକାରୀ ପ୍ରାଧ୍ୟାପକଙ୍କ ସମ୍ପୃକ୍ତି ନେଇ ମଧ ହୋଇଛି ସିଧାସଳଖ ଅଭିଯୋଗ। ଏଭଳି ଅଭିଯୋଗ ଆଣିଛନ୍ତି ବିଶ୍ୱବିଦ୍ୟାଳୟ ଅଧିନରେ ଥିବା 'ସ୍କୁଲ ଅଫ ଏଜୁକେସନ'ର ପୂର୍ବତନ ଶିକ୍ଷକ କର୍ମଚାରୀ ବିଭୁକଲ୍ୟାଣ ସାମନ୍ତ। ସ୍କୁଲ ଅଫ ଏଜୁକେସନରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତିରେ ଉଭୟ କୁଳପତି ପ୍ରଫେସର ଦାଶ ଓ ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରାଧ୍ୟାପକ ଡଃ ଲକ୍ଷ୍ମୀଧର ରାଉତ ବ୍ୟାପକ ଅନିୟମିତତା, ଦୁର୍ନିତି ଓ ପାତରଅନ୍ତର କରିଥିବା ଅଭିଯୋଗ ଆଣିଛନ୍ତି। ଏଭଳି ଅଭିଯୋଗ କରି ନିଯୁକ୍ତିରୁ ବଞ୍ଚିତ ତଥା ନିରାଶ ହୋଇଥିବା ଆଶାୟୀ ପ୍ରାର୍ଥୀ ତଥା ପୂର୍ବତନ କର୍ମଚାରୀ ଘଟଣାର ତଦନ୍ତ କରିବାକୁ କୁଳାଧିପତି, ମୁଖ୍ୟମନ୍ତ୍ରୀ,




କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିର ଏକକିତା ନକଲ ସମସ୍ତ ଗଣମାଧ୍ୟମ ସଂସ୍ଥାକୁ ମଧ୍ୟ ପ୍ରେରଣ କରିଛନ୍ତି। ସୂଚନା ଯୋଗ୍ୟ ଯେ' ଅଭିଯୋଗକାରୀ ବିଭୂକଲ୍ୟାଣ ସାମନ୍ତ ନିଜେ ସ୍କୁଲ ଅଫ ଏଜୁକେସନର ଜଣେ ପୂର୍ବତନ ସହକାରୀ ପ୍ରାଧ୍ୟାପକ। ସେ ବିଭାଗରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତିରେ ହୋଇଥିବା ଅନିୟମିତାକୁ ନେଇ ସିଧାସଳଖ ପ୍ରଶ୍ନ ଉଠାଇଛନ୍ତି। ନିଜର ଆବଶ୍ୟକ ଯୋଗ୍ୟତା ନଥିବା ସତ୍ତ୍ୱେ ଚୟନ କମିଟି ଦ୍ୱାରା ଚୟନ ହୋଇଥିଲେ। ୩ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ଚୟନ କରାଯିବା ପରେ ତାଙ୍କୁ ଏଥିପାଇଁ କମିଟିରେ ଥିବା ଜନୈକ ସହକାରୀ ପ୍ରାଧ୍ୟାପକ ନିୟମିତ କରିବା ପାଇଁ ୪ଲକ୍ଷ ଟଙ୍କା କୁଳପତିଙ୍କ ନାମରେ ଲାଞ୍ଚ ଦାବି କରିଥିବା ଅଭିଯୋଗ କରିଛନ୍ତି। ତେବେ ଦାବି ଅର୍ଥ ନଦେବାରୁ କୁଳପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଇସ୍ତଫା ଦେବାକୁ କୁଆଡେ ବାଧ କରାଯାଇଥିଲା। ଯହାକୁ ନେଇ ସେ ମାନସିକ ସ୍ତରରେ ନିର୍ଯାତନାର ଶୀକାର ହୋଇଥିଲେ।

ଏହା ପରେ ସେ ପୁଣି ପ୍ରଶ୍ନ କରିଛନ୍ତି ଯଦି ବିଭୁକଲ୍ୟାଣଙ୍କ ଯଦି ଯୋଗ୍ୟତା ନଥିଲା ତେବେ ଉକ୍ତ ବିଭାଗରେ ପ୍ରଦ୍ୟୁମ୍ନ କୁମାର ରାଉତ ଏବଂ ଉଷାରାଣୀ ଦାଶ କିଭଳି ଯୋଗ୍ୟ ବିବେଚିତ ହୋଇପାରିଲେ। ଯାହାଙ୍କର ଯୋଗ୍ୟତା ଯଥାକ୍ରମେ (ଏମଏ ବିଇଡି) ଏବଂ କେବଳ (ଏମଏ) ରହିଛି।

**● ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି**

**● ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର 'ସ୍କୁଲ ଅଫ୍ ଏଜୁକେସନ'ର ଦ୍ୱାରସ୍ଥ ହେଲେ ନିଯୁକ୍ତିରୁ ବଞ୍ଚିତ ଆଶାୟୀ**

ଅଭିଯୋଗ ପ୍ରକାରେ ଉଷାରାଣୀ ଦାଶ ପୂର୍ବତନ କୁଳପତିଙ୍କର ଏବଂ ପ୍ରଦ୍ୟୁମ୍ନ ରାଉତ ହେଉଛନ୍ତି ସହକାରୀ ପ୍ରାଧ୍ୟାପକ ଲକ୍ଷ୍ମୀଧର ରାଉତଙ୍କ ନିକଟତମ ସମ୍ପର୍କୀୟ। 'ସ୍କୁଲ ଅଫ ଏଜୁକେସନ'ରେ ସହକାରୀ ପ୍ରାଧ୍ୟାପକ ପଦବୀ ପାଇଁ ଜଣେ ପ୍ରାର୍ଥୀଙ୍କର ଯୋଗ୍ୟତା ଅନ୍ୟୁନ ବିଇଡି, ସ୍ନାତକୋତ୍ତର ଡିଗ୍ରୀ, ନେଟ ବା ପିଏଚଡି ସହିତ ଏମଇଡି ରହିବା ଜରୁରୀ। ତେବେ କେଉଁଭଳି ପରିସ୍ଥିତିରେ ଉଭୟ ପ୍ରାର୍ଥୀଙ୍କ ଯୋଗ୍ୟତାକୁ ନଜର ଆନ୍ଦାଜ କରାଯାଇ ସେମାନଙ୍କୁ ଚୟନ କରାଯାଇ ନିଯୁକ୍ତି ଦିଆଗଲା ତାହାର ଉଚ୍ଚସ୍ତରୀୟ ତଥା ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

ଏଥି ସହିତ ସ୍କୁଲ ଅଫ ଏଜୁକେସନରେ ନିୟମିତ ପାଠପଢା ହେଉନାହିଁ କି ସେଠାରେ କାର୍ଯ୍ୟରତ ଅଥବା ନିୟୋଜିତ ଅନେକ କର୍ମଚାରୀଙ୍କ ଯୋଗ୍ୟତା ଓ ଅଭିଜ୍ଞତା ନଥିବା ସେ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ବରଂ ପୂର୍ବତନ କୁଳପତିଙ୍କ କାର୍ଯ୍ୟକାଳ ସମୟରେ ଜଣେ ଉଚ୍ଚଶିକ୍ଷିତ ହୋଇ ଡିଜିଟାଲ ଆରେଷ୍ଟ ହୋଇ ୧୪ଲକ୍ଷ ଟଙ୍କା ହରାଇଥିବା ଭଳି ଘଟଣାରେ ପ୍ରଫେସର ଦାଶ ଚର୍ଚ୍ଚାକୁ ଆସିଥିଲେ। ଏଥି ସହିତ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ବା କଣ୍ଟ୍ରୋଲର ଅଫ ଏକ୍‌ଜାମଙ୍କ କ୍ଷମତାକୁ ଗୌଣ କରି ଜଣେ ଡେପୁଟି ନିୟନ୍ତ୍ରକଙ୍କୁ ନିଯୁକ୍ତି ଦେଇ ତାଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ଆସିଥିଲା। ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ କାର୍ଯ୍ୟକାଳ ସମୟରେ କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲେ ହେଁ ତାଙ୍କର ବିଦାୟ ପରେ ଆସିଥିବା ବିଭିନ୍ନ ଅଭିଯୋଗର ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସେପଟେ ତାଙ୍କ କାର୍ଯ୍ୟକାଳ ସମୟରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ଅଧିକାରୀକୁ କ୍ଷୁର୍ଣ୍ଣ କରାଯାଇଥିବା ଅଭିଯୋଗ କରି ଛାତ୍ର ସଙ୍ଗଠନ ପକ୍ଷରୁ ଆତସବାଜୀ କରି ଖୁସି ମନାଇଥିବା ପରିଲକ୍ଷିତ ହୋଇଥିଲା।

## ନିଟ୍ ପରୀକ୍ଷା ଖରାପ ଆଶଙ୍କାରେ ଜୀବନ ହାରିଲେ ପରୀକ୍ଷାର୍ଥୀ

ଭଦ୍ରକ, ୭।୫ (ସମିସ): ନିଟ୍ ପରୀକ୍ଷାଫଳ ଖରାପ ଆସିବା ଆଶଙ୍କାରେ ଜୀବନ ହାରିଲେ ପରୀକ୍ଷାର୍ଥୀ। ଭଦ୍ରକ ଟାଉନ୍ ଥାନା ଅଧୀନ ଟ୍ରେଜେରୀ ଅଫିସ୍ ନିକଟସ୍ଥ କଲୋନୀରେ ଏପରି ଏକ ଅଘଟଣ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ତିହିଡ଼ି ଥାନା ନୁନ୍ଦର ଗାଁର ଜ୍ୟୋତିପ୍ରକାଶ ବାରିକ। ପୁଲିସ ଜ୍ୟୋତିଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନାନୁଯାୟୀ, ଜ୍ୟୋତି ଭୁବନେଶ୍ୱରରେ ରହି ନିଟ୍ ପାଇଁ ପ୍ରସ୍ତୁତ ହେଉଥିଲେ। ପ୍ରଥମ ନିଟ୍ ପରୀକ୍ଷାରେ ସେ ବିଫଳ ହେବା ପରେ ସେ ବାପା-ମା'ଙ୍କ ସହ ଭଦ୍ରକ ସହରରେ ରହି ପାଠ ପଢୁଥିଲେ। ବାପା ଗିରିଧାରୀ ବାରିକଙ୍କ ଭଦ୍ରକ ସହରରେ ଏକ ଚା' ଦୋକାନ ରହିଥିବା ବେଳେ ଟ୍ରେଜେରୀ ଅଫିସ୍ ନିକଟସ୍ଥ କଲୋନୀରେ ସେମାନେ ଏକ ଭଡ଼ାଘରେ ରହୁଥିଲେ। ତେବେ ଜ୍ୟୋତି ଦ୍ୱିତୀୟଥର ନିଟ୍ ପରୀକ୍ଷା ଦେଇଥିବା ବେଳେ ସେ ପରୀକ୍ଷାରେ ଦେଇଥିବା ଉତ୍ତରକୁ ସମୀକ୍ଷା କରିଥିଲେ। ପରୀକ୍ଷା ଫଳ ଏଥର ମଧ୍ୟ ଖରାପ ହେବ ବୋଲି ତାଙ୍କର ଆଶଙ୍କା ହୋଇଥିଲା। ଏହି ଚିନ୍ତା ତାଙ୍କୁ ଭିତରୁ ଭିତରୁ ଖାଇ ଯାଉଥିଲା। ଅନେକ ସମୟରେ ସେ ବିଷାଦଗ୍ରସ୍ତ ରହୁଥିଲେ। ଏପରିକି, ଭବିଷ୍ୟତରେ ସେ କିଛି କରିପାରିବେ ନାହିଁ ବୋଲି ପରିବାରଲୋକଙ୍କୁ ବାରମ୍ବାର କହୁଥିଲେ। ଆଜି ତାଙ୍କ ବାପା ଦୋକାନକୁ ଏବଂ ମା' କାମକୁ ଯାଇଥିବା ବେଳେ ଏକୁଟିଆ ସୁଯୋଗ ନେଇ ସେ ବେଡରେ ରଶି ଦେଇ ସିଲି ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗିରିଧାରୀ ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## କୋର୍ଟ ପରିସରରୁ ଚମ୍ପଟ ମାରିଲା ଅଭିଯୁକ୍ତ



ଭଦ୍ରକ, ୭।୫ (ସମିସ): କୋର୍ଟ ପରିସରରୁ ପୁଲିସ ହାତରୁ ଖସି ଚମ୍ପଟ ମାରିଲା ଅଭିଯୁକ୍ତ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବା ବାଂଶଡ଼ା ଥାନାରୁ ଜଣେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପାଇଁ ଚାନ୍ଦବାଲି କୋର୍ଟକୁ ନିଆଯାଇଥିଲା। ମାତ୍ର କୋର୍ଟରେ ହାଜର ପୂର୍ବରୁ ସେ ପୁଲିସ ହେପାଜତରୁ ଚମ୍ପଟ ମାରିଥିଲା। ଅଭିଯୁକ୍ତଜଣଙ୍କ ହେଉଛି, ବାଂଶଡ଼ା ଥାନା ଅଧୀନ କୁଆମରା ଗାଁର ଦେବବ୍ରତ ଦାସ। ସେ ଆଇପିସି ୩୭୯ରେ ଗିରଫ ହୋଇଥିଲା। ପୁଲିସର ଖାମଖିଆଲି ଯୋଗୁଁ ସେ କୋର୍ଟ ପରିସରରେ ପୁଲିସ ହାତରୁ ଉକ୍ତ ଅଭିଯୁକ୍ତ ଖସି ଫେରାର୍ ହୋଇଯାଇଥିବା କୁହାଯାଉଛି। ପୁଲିସ ଖୋଜାଖୋଜି ଜାରି ରଖିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସନ୍ଧାନ ପାଇନଥିବା ସୂଚନା ମିଳିଛି।

## ଜଳସେଚନ କାର୍ଯ୍ୟାଳୟରେ କ୍ୟାସିୟରଙ୍କ ମୃତ୍ୟୁ



ଭଦ୍ରକ, ୭।୫ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଜଳସେଚନ ବିଭାଗ ଅଫିସ୍‌ରେ କାର୍ଯ୍ୟରତ କ୍ୟାସିୟରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ଜଗତସିଂହପୁର ଜିଲ୍ଲା ମାଛଗାଁର କମଳାକାନ୍ତ ସ୍ୱାଇଁ। ସେ ପାଖାପାଖି ବର୍ଷେ ହେବ ଚାନ୍ଦବାଲି ଜଳସେଚନ ବିଭାଗ ଅଫିସରେ କାର୍ଯ୍ୟ କରୁଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଦେବାଶିଷ ମହାନ୍ତିଙ୍କ କହିବାନୁଯାୟୀ, ଗତରାତିରେ କମଳାକାନ୍ତ ଅଫିସ୍‌ରେ ଥିଲେ। ଭଡ଼ାଘରକୁ ନ ଫେରିବାରୁ ସେ ତାଙ୍କ ପାଇଁ ଖାଇବା ନେଇ ଅଫିସକୁ ଯାଇଥିଲେ। କମଳାକାନ୍ତ ଖାଇସାରିବା ପରେ ଅଫିସ୍ ରୁମ୍‌ରେ ଶୋଇଥିଲେ। କିନ୍ତୁ ଆଜି ସକାଳୁ ଆଉ ଉଠି ନଥିଲେ। ଖବର ପାଇ ଜଳସେଚନ ବିଭାଗର ଏସ୍‌ଡି ସୂରଜ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସ୍ଥାନୀୟ ଲୋକ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। କେଉଁ କାରଣରୁ କମଳାକାନ୍ତ ଗତରାତିରେ ଅଫିସରେ ରହିଥିଲେ? କାମଚାପ ନା ଆଉ କିଛି କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସେଥିରୁ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିବ ବୋଲି ପୁଲିସ ଆଶାବାଦୀ ରହିଛି।

# ୨୫ ବର୍ଷରେ ୪୯ ଜଣ ଏସିଡ୍ ଆକ୍ରମଣର ଶିକାର

## ଭୀଷଣ ଦୁରବସ୍ଥାରେ ଜୀବନ ବିତାଉଛନ୍ତି ପୀଡ଼ିତା

ଭୁବନେଶ୍ୱର,୭।୫(ସମିସ): ଓଡ଼ିଶାରେ ଏସିଡ୍ ଆକ୍ରମଣରେ ଶିକାର ହୋଇଥିବା ପୀଡ଼ିତାମାନେ କେବଳ ସ୍ୱାସ୍ଥ୍ୟଗତ ନୁହେଁ, ବରଂ ସାମାଜିକ ଓ ଆର୍ଥିକ ଅସହାୟତାରେ ଦିନ କାଟୁଛନ୍ତି। ଯଦିଓ ସରକାରଙ୍କ ତରଫରୁ କେତେକ ଯୋଜନାରେ ସେମାନେ ସହାୟତା ପାଉଛନ୍ତି; ତଥାପି ଏହା ଆବଶ୍ୟକତା ଅନୁସାରେ ଯଥେଷ୍ଟ ନୁହେଁ। ତେଣୁ ରାଜ୍ୟ ସରକାର ରାଜ୍ୟରେ ଥିବା ଏସିଡ୍ ପୀଡ଼ିତାଙ୍କ ସର୍ବାଙ୍ଗୀନ ସୁରକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରନ୍ତୁ ବୋଲି ଗୁରୁବାର ଜୟଦେବ ଭବନରେ ଆୟୋଜିତ ଏସିଡ୍ ପୀଡ଼ିତାମାନଙ୍କ ସାମ୍ବାଦିକ ସମ୍ମିଳନୀରେ ଦାବି ହୋଇଛି।

ଇନଷ୍ଟିଚ୍ୟୁଟ୍ ଫର ସୋସିଆଲ ଡେଭଲପମେଣ୍ଟ (ଆଇଏସଡି) ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ କହିଛନ୍ତି, ଗତ ୨୫ ବର୍ଷ ମଧ୍ୟରେ ପ୍ରାୟ ୪୯ ଜଣ ବ୍ୟକ୍ତି ବିଭିନ୍ନ ସମୟରେ ଏସିଡ୍ ଆକ୍ରମଣର ଶିକାର ହୋଇଛନ୍ତି। ଏଥିମଧ୍ୟରୁ ଅଧିକାଂଶ ମହିଳା ତଥା କମ୍ ବୟସର କୁମାରୀମାନେ ରହିଛନ୍ତି। ଜୋରଜବରଦସ୍ତି ବିବାହ କିମ୍ବା ପ୍ରେମ ନିବେଦନ ଏପରି ଘଟଣାର ପ୍ରମୁଖ କାରଣ। ଏପରି ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିପକ୍ଷରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। କ୍ଷତିପୂରଣ ଯୋଜନାରେ ଏସିଡ୍ ପୀଡ଼ିତାଙ୍କ ପାଇଁ ୭ରୁ ୮ ଲକ୍ଷ ଟଙ୍କାର ସହାୟତା ବ୍ୟବସ୍ଥା କରାଯାଇଛି; ମାତ୍ର କାର୍ଯ୍ୟକ୍ଷେତ୍ରରେ ଅଧିକାଂଶ ଘଟଣା ଏହି ଯୋଜନା ହେବା ପୂର୍ବରୁ ଘଟିତ ହୋଇଥିବାରୁ ସେମାନେ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ଅନେକ ପୀଡ଼ିତା ଯୋଜନା ହେବା ପରେ ମଧ୍ୟ ସହାୟତା ପାଇ ନାହାନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ପୀଡ଼ିତମାନଙ୍କୁ ଭିନ୍ନକ୍ଷମ ଭତ୍ତା ଯୋଗାଇଦେବା ନିମନ୍ତେ ମଧୁବାବୁ ପେନ୍‌ସନ୍ ଯୋଜନାରେ ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ସରକାର ସମସ୍ତ ଜିଲ୍ଲାପାଳମାନଙ୍କୁ ଏସିଡ୍



ପୀଡ଼ିତାମାନଙ୍କୁ ଚିହ୍ନଟ କରି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉପସ୍ଥିତ ଥିବା ୯ ଜଣ ଏସିଡ୍ ପୀଡ଼ିତାଙ୍କ ଦିର୍ଘମିଆଦି ଥଇଥାନ ପାଇଁ ଯୋଜନା କରା ନ ଯାଏ, ତେବେ ଏମାନେ ଘୋର ଅନିଶ୍ଚିତତା ତଥା ଜଟିଳ ଜୀବନ ଅତିବାହିତ କରିବେ ବୋଲି ଶୁଭଶ୍ରୀ କହିଥିଲେ।

ଏହି ଅବସରରେ ଆଇଏସଡି ପକ୍ଷରୁ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ୮ ଜଣଙ୍କ ଜୀବନକାହାଣୀକୁ

**ଏସିଡ୍ ପୀଡ଼ିତାଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ପାଇଁ ଦାବି**

ନେଇ ଏକ ପୁସ୍ତକ 'ରିସାଇଲେନ୍ସ ଇନ୍ ଫ୍ରେମ୍ସ' ଉନ୍ମୋଚିତ ହୋଇଥିଲା। ଏଥିରେ ଉପସ୍ଥିତ ଥିବା ଏସିଡ୍ ପୀଡ଼ିତାମାନେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଚିକିତ୍ସା ଖର୍ଚ୍ଚ ଏବଂ ଦୀର୍ଘମିଆଦି ଥଇଥାନ କରିବା ଉପରେ ଦାବି ଉପସ୍ଥାପନ କରିଥିଲେ।

**ଜଗା ଦର୍ଶନ ହେଲା ଶେଷ ଦର୍ଶନ**

## ରଥଖଳା ନିକଟରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

ପୁରୀ, ୭।୫(ସମିସ): ଜଗା ଦର୍ଶନ ହେଲା ଶେଷ ଦର୍ଶନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିବା ବେଳେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ,କଟକ ସିଡିଏ ଅଞ୍ଚଳର ବିଚିତ୍ରାନନ୍ଦ ବେହେରା(୭୦)। ପରିବାର ସହ ସେ ଆଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଅପରାହ୍ଣରେ ସେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଥିଲେ। ରଥଖଳା ନିକଟରେ ପହଞ୍ଚିବା ପରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ସେ ହଠାତ୍ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ମାତ୍ର, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗା ଦର୍ଶନ ପରେ ହିଁ ତାଙ୍କର ଶେଷ ଦର୍ଶନ ହୋଇଯିବ ଏହା ସମ୍ପର୍କୀୟମାନେ କେବେ ଭାବି ନ ଥିଲେ। କିନ୍ତୁ ଶ୍ରୀକ୍ଷେତ୍ରରେ ହିଁ ତାଙ୍କର ଜୀବନ ଦୀପ ଲିଭିଗଲା। ଅନ୍ୟପକ୍ଷରେ ବିଚିତ୍ରାନନ୍ଦଙ୍କ ମୃତ୍ୟୁକୁ ନେଇ ଲୋକେ କହୁଛନ୍ତି 'ମହାପ୍ରଭୁ ତାଙ୍କୁ ନିଜ ପାଖକୁ ଡାକି ନେଇଗଲେ। ଶ୍ରୀକ୍ଷେତ୍ରରେ ଦେହତ୍ୟାଗ ପୁଣ୍ୟ ଅର୍ଜନ କରାଏ। ସିଂହଦ୍ୱାର ଥାନା ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କିନ୍ତୁ ପରିବାରଲୋକେ ବ୍ୟବଚ୍ଛେଦ କରିବାକୁ ରାଜି ହୋଇନଥିଲେ। ସେମାନେ ପୁଲିସକୁ ଲିଖିତ ଭାବେ ଜଣାଇବା ପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା କହିଛନ୍ତି ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ।

## ଓଡ଼ିଶାରେ ସଡ଼କ ଭିତ୍ତିଭୂମି ଉନ୍ନୟନ ପାଇଁ ୭୬୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର

ଭୁବନେଶ୍ୱର,୭।୫(ସମିସ): ଓଡ଼ିଶାର ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆଜି କେନ୍ଦ୍ର ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୭୬୯ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି (ସିଆରଆଇଏଫ୍) ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡ଼ା ଜିଲ୍ଲାର ଦଳଗାଁ-ତିଲିଆ ଏବଂ ଚାରପାଲି ଉଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ୍ ନିର୍ମାଣ, ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଜ୍ ଛକରୁ ଏମ୍‌କେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ୍ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର, ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ ଜିଲ୍ଲା ସେମିଳିଗୁଡ଼ା-ହାଣ୍ଡିପୁଟ ରାସ୍ତା ଉନ୍ନତୀକରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ ଜିଲ୍ଲା ଲମତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତୀକରଣ ଅନ୍ତର୍ଭୁକ୍ତ ରହିଛି। ସେହିପରି ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡ଼ବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତୀକରଣ,

**■ ସିଆର୍‌ଆଇଏଫ୍ ଅଧୀନରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ହେବ କାର୍ଯ୍ୟକାରୀ**
**■ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢ଼ୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର୍ ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତୀକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତୀକରଣ କାର୍ଯ୍ୟ ମଧ୍ୟ କରାଯିବ।

ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଓ ଧନ୍ୟବାଦ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ବିଶେଷକରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ପ୍ରକାଶ କରି ଓଡ଼ିଶାରେ ଭିତ୍ତିଭୂମି ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ସହଯୋଗ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପାନ୍ତ ଜିଲ୍ଲାରୁ ନେଇ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

**ଇକୋ-ସେନ୍‌ସିଟିଭ୍ ଜୋନ୍‌ରେ ବେଆଇନ ନିର୍ମାଣ**

## ସରକାରଙ୍କୁ ଆଉ ଦୁଇ ମାସର ମହଲତ

ବାରିପଦା,୭।୫(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟା ଘଟଣାରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ଉତ୍ତର ଦାଖଲ ପାଇଁ ଓଡ଼ିଶା ସରକାରଙ୍କୁ ଆଉ ଦୁଇ ମାସର ମହଲତ ଦେଇଛନ୍ତି। ଯୁବକ ପରିବେଶ ସୁରକ୍ଷା ଟ୍ରଷ୍ଟ ଦ୍ୱାରା ଦାଖଲ ଏକ ପରିବେଶ ମାମଲାରେ କୋଲକାତାସ୍ଥିତ ଏନ୍‌ଜିଟି ପୂର୍ବାଞ୍ଚଳ ବେଞ୍ଚ ଓଡ଼ିଶା ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷମାନଙ୍କୁ ଉତ୍ତର ଦାଖଲ କରିବା ପାଇଁ ଆଉ ଦୁଇ ମାସ ସମୟ ଦେଇଛନ୍ତି। ମାମଲାର ବିଚାର କରି ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ୍ ମେମ୍ବର) ଏବଂ ଡ ଏ ସେନ୍ଥିଲ୍ ଭେଲ୍ (ଏକ୍ସପର୍ଟ ମେମ୍ବର)ଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ, ଗତ ଫେବ୍ରୁଆରି ୨୪ରେ ସମସ୍ତ ପ୍ରତିପକ୍ଷଙ୍କୁ ଏକ ମାସ ମଧ୍ୟରେ ଉତ୍ତର ଦାଖଲ କରିବାକୁ ସୁଯୋଗ ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର ଅଧିକ ସମୟ ଲୋଡ଼ିଥିଲେ। ଏହାକୁ ବିଚାରକୁ ନେଇ ଖଣ୍ଡପୀଠ ଅତିରିକ୍ତ ଦୁଇ ମାସର ମହଲତ ଦେଇଛନ୍ତି। ତେବେ, ଅନ୍ୟ ୩ ପ୍ରତିପକ୍ଷଙ୍କ ପକ୍ଷରୁ କେହି ହାଜର ହୋଇନଥିଲେ। ତେଣୁ, ସେମାନଙ୍କୁ ପୁନଃ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୪ତାରିଖକୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ପକ୍ଷରୁ ଓକିଲ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ପକ୍ଷରୁ ସଞ୍ଜୟ କୁମାର ସିଂହ ଓ ଉତ୍କର୍ଷ ଚନ୍ଦ୍ର ଉପସ୍ଥିତ ଥିଲେ।

## ବଜ୍ରପାତ ନେଲା ଶାଶୂ-ବୋହୂଙ୍କ ଜୀବନ

ଭଞ୍ଜନଗର, ୭।୫(ସମିସ): ବଜ୍ରପାତ ନେଲା ଶାଶୂ-ବୋହୂଙ୍କ ଜୀବନ। ଭଞ୍ଜନଗର ତହସିଲ ଅନ୍ତର୍ଗତ ମୁଦୁଲିପଲ୍ଲୀ ଗାଁରେ ଗୁରୁବାର ଏପରି ଏକ ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ଶୈଳ ବିଷୋୟୀ(୬୫) ଓ ତାଙ୍କ ବୋହୂ ସନ୍ତୋଷିନୀ ବିଷୋୟୀ (୩୫)। ଉଭୟ ଆଜି ଜମିକୁ ଚାଷ କାର୍ଯ୍ୟ ଦେଖିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବର୍ଷା-ପବନ ମାଡ଼ି ଆସିବାରୁ ଦୁହେଁ ତରତର ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ବର୍ଷା ହେବାରୁ ସେମାନେ ପାଖରେ ଥିବା ଏକ ବାଉଁଶବୁଦା ମୂଳେ ଆଶ୍ରୟ ନେଇଥିଲେ। କିନ୍ତୁ, ସେଠାରେ ଏକ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ପବନରେ ବାଉଁବୁଦା ମଧ୍ୟ ସେମାନଙ୍କ ଉପରେ ପଡ଼ିଯିବାରୁ ଦୁହେଁ ଚାପି ହୋଇଯାଇଥିଲେ। ନିକଟସ୍ଥ ଚାଷ ଜମିରେ କାମ କରୁଥିବା ଅନ୍ୟମାନେ ଦେଖିବା ପରେ ତୁରନ୍ତ ଗାଁକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଓ ଦମକଳବାହିନୀ ପହଞ୍ଚି ବାଉଁଶ ବୁଦାମୂଳରୁ ଉଭୟଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଅନୁଗୋଳ ସହରରେ ପୁଣି ସେକ୍ସ ରାକେଟ

**ଘର ମାଲିକ ଗିରଫ; ୨ ଦେହଜୀବୀ ଉଦ୍ଧାର**

ଅନୁଗୋଳ, ୭।୫(ସମିସ): ଅନୁଗୋଳ ସହରରେ ପୁଣି ଏକ ସେକ୍ସ ରାକେଟ ଠାବ କରିଛି ପୁଲିସ। ସହରର ସୌଭାଗ୍ୟନଗରରେ ଥିବା ଏକ ଘରେ ପୁଲିସ ଚଢ଼ଉ କରି ଘର ମାଲିକ ପ୍ରଦୀପ କୁମାର ରାଉତରାୟଙ୍କୁ ଗିରଫ କରିବା ସହ ତାଙ୍କ ଘରୁ ୨ଜଣ ଦେହଜୀବୀଙ୍କୁ ଉଦ୍ଧାର କରିଛି। ତେବେ ୨ଜଣ ଗ୍ରାହକ ଫେରାର୍ ହୋଇଯାଇଛନ୍ତି।

**୨ ଗ୍ରାହକ ଫେରାର୍**

ପ୍ରଦୀପ ଘରେ ଏକୁଟିଆ ରୁହନ୍ତି। ତାଙ୍କ ସ୍ତ୍ରୀ ଓ ପରିବାରଲୋକେ ବାହାରେ ରହୁଛନ୍ତି। ସେ ଦୀର୍ଘବର୍ଷ ହେଲା ନିଜ ଘରକୁ ରୂପଜୀବୀମାନଙ୍କୁ ଡକାଇ ସେକ୍ସ ରାକେଟ ଚଳାଇଥିଲେ। ବୁଧବାର ମଧ୍ୟ ଘରକୁ ୨ ରୂପଜୀବୀ ଓ ୨ ଗ୍ରାହକଙ୍କୁ ଡକାଇ ଏହି ଅନୈତିକ କାର୍ଯ୍ୟ ଚଳାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଅନୁଗୋଳ ଥାନା ଆଇଆଇସି ପ୍ରକାଶ ମାଝୀ ସଦଳବଳ ସେଠାରେ ଚଢ଼ଉ କରିଥିଲେ। ପୁଲିସ୍ ଚଢ଼ଉ ବେଳେ ଦୁଇ ଗ୍ରାହକ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପୁଲିସ ସେଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ତେବେ ଘର ମାଲିକ ରାଉତରାୟ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ରୂପଜୀବୀମାନଙ୍କୁ ନିଜ ଘରକୁ ଆଣି ଏହି ରାକେଟ ଚଳାଉଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ମାସକ ମଧ୍ୟରେ ଟାଉନ୍ ଥାନା ପୁଲିସ୍ ଦ୍ୱିତୀୟଥର ପାଇଁ ସେକ୍ସ ରାକେଟ୍ ଠାବ କରିଛି। ଗତ ମାସ ୯ ତାରିଖରେ ପୁଲିସ୍ ସହର ଉପକଣ୍ଠ ତୁରଙ୍ଗଠାରେ ଏକ ଲଜ୍‌ରେ ଚାଲିଥିବା ସେକ୍ସ ରାକେଟ୍‌ର ପର୍ଦ୍ଦାଫାସ କରିଥିଲା। ଏହି ଘଟଣାରେ ପୁଲିସ୍ ଲଜ୍ ମାଲିକ, ମ୍ୟାନେଜର୍ ସମେତ ୨ଗ୍ରାହକଙ୍କୁ ଗିରଫ କରିବା ସହିତ ୪ ଦେହଜୀବୀଙ୍କୁ ଉଦ୍ଧାର କରିଥିଲା।

**ଜମିବାଡ଼ିକୁ ନେଇ ଗଣ୍ଡଗୋଳ**

## ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା

ଦାରିଙ୍ଗବାଡି, ୭।୫(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜମିବାଡ଼ିକୁ କେନ୍ଦ୍ର କରି ଘଟିଛି ଏକ ହୃଦୟବିଦାରକ ଘଟଣା। ରୁକାନବାଡି ଗ୍ରାମର ଇଲିସାୟ ପତ୍ରା (୩୪)ଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ତପନ ପତ୍ରା(୩୩) ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା। ଗୁରୁବାର ଏହା ଉଗ୍ରରୂପ ନେଇଥିଲା। ଗୁରୁବାର ସକାଳେ ନିଜ ଗ୍ରାମରୁ ପରପଙ୍କା ଗ୍ରାମ ଅଞ୍ଚଳରେ ଥିବା ନିଜ ଚାଷ ଜମିକୁ ଇଲିସାୟ ତାଙ୍କ ବାପା ଯିଖରୀୟଙ୍କ ସହିତ ଯାଇଥିଲେ। ସେଠାରେ ଚାଷ କାମ କରୁଥିବା ବେଳେ ତପନ ପତ୍ରା ପହଞ୍ଚିଥିଲେ। ଚାଷ ଜମିକୁ ନେଇ କଥା କଟାକଟି ମଧ୍ୟରେ ଧାରୁଆ ଟାଙ୍ଗିଆରେ ଇଲିସାୟ ଏବଂ ତାଙ୍କ ବାପା ଯିଖରୀୟଙ୍କୁ ତପନ ଆକ୍ରମଣ କରିଥିଲା। ଆକ୍ରମଣରେ ଉଭୟ ବାପା-ପୁଅ ଗୁରୁତର ହୋଇଥିଲେ। ଉଭୟଙ୍କୁ ଦାରିଙ୍ଗବାଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ଇଲିସାୟଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଏହି ଘଟଣା ପରେ ଅଭିଯୁକ୍ତ ତପନ ଦାରିଙ୍ଗବାଡି ଥାନାରେ ଆତ୍ମସମର୍ପଣ କରିଥିବା ନେଇ ସୂଚନା ଦେଇଛନ୍ତି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ନମ୍ବର ୧୧୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

**■ ନାବାଳକଙ୍କୁ ଥାନାରେ ଅଟକ ରଖାଯିବା ପ୍ରସଙ୍ଗ**

## ବ୍ୟକ୍ତିଗତ ହାଜର ହୋଇ ପକ୍ଷ ରଖିବାକୁ ଭଦ୍ରକ ଏସପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୫(ସମିସ): ଏକ ଆପରାଧିକ ମାମଲାରେ ଜଣେ ନାବାଳକଙ୍କୁ ତଦନ୍ତ ପାଇଁ ଭଦ୍ରକର ଏକ ଥାନାକୁ ଡକାଯାଇ ଘଣ୍ଟାଘଣ୍ଟା ଧରି ଅଟକ ରଖାଯିବା ପ୍ରସଙ୍ଗକୁ ନେଇ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି। ପରବର୍ତ୍ତୀ ତାରିଖରେ ଭଦ୍ରକ ଏସ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାବାଳକଙ୍କୁ ଅଟକ ରଖାଯାଇଥିବା ସଂପୃକ୍ତ ଥାନା ବା ଅନ୍ୟ କୌଣସି ଥାନାରେ ଶିଶୁ ଅନୁକୂଳ ସ୍ଥାନ(ଚାଇଲ୍ଡ ଫ୍ରେଣ୍ଡଲି କର୍ଣ୍ଣର) ରହିଛି କି ନାହିଁ, ସେନେଇ ଏସ୍‌ପି ହାଜର ହୋଇ ସ୍ପଷ୍ଟୀକରଣ ରଖିବେ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମେ' ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ଶୁଣାଣି ବେଳେ ଏକ ଅପରାଧିକ ମାମଲାରେ ଜଣେ ନାବାଳକଙ୍କୁ ତଦନ୍ତ ପାଇଁ ଥାନାକୁ ଡକାଯାଇ ପଚରାଉଚରା କରାଯାଇଥିବା ଦର୍ଶାଯାଇଥିଲା। ଅନ୍ୟପକ୍ଷରେ, ସଂପୃକ୍ତ ଥାନାରେ ଶିଶୁଅନୁକୂଳ ବ୍ୟବସ୍ଥା ନଥିବା ଅଭିଯୋଗ କରାଯାଇଥିଲା। ଜଣେ ନାବାଳକଙ୍କୁ ଅନ୍ୟମାନଙ୍କ ଭଳି ବ୍ୟବହାର ପ୍ରଦର୍ଶନ କରାଯାଇପାରିବ ନାହିଁ। କିଶୋର ନ୍ୟାୟ ଆଇନର ଏହା ଉଲ୍ଲଂଘନ ବୋଲି ଦର୍ଶାଯାଇଥିଲା। ଏହି ମାମଲାରେ ନାବାଳକଙ୍କୁ ଥାନାକୁ ତଦନ୍ତ ପାଇଁ ଡକାଯାଇଥିବା ବେଳେ ସେଠାରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ସଂପୃକ୍ତ ଥାନାରେ ଶିଶୁ ଅନୁକୂଳ ସ୍ଥାନ ବା ୟୁନିଟ୍ ଭଳି ଭିତ୍ତିଭୂମି ନଥିବା ବେଳେ ନାବାଳକଙ୍କୁ ଥାନାକୁ ତଦନ୍ତ ପାଇଁ ଡକାଯିବା ଏକ ଗୁରୁତ୍ୱର ପ୍ରସଙ୍ଗ ବୋଲି ହାଇକୋର୍ଟ କହିବା ସହ ଭଦ୍ରକ ଏସ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ରାଉତ ମାମଲା ପରିଚାଳନା କରୁଛନ୍ତି।

**ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅସୁରକ୍ଷିତ**

## ମନ୍ତ୍ରୀଙ୍କୁ ବିଦା କରନ୍ତୁ ମୁଖ୍ୟମନ୍ତ୍ରୀ: କଂଗ୍ରେସ

ଭୁବନେଶ୍ୱର,୭।୫(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଖୋଦ୍ ଅଧ୍ୟାପକମାନେ ଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛନ୍ତି। ଅଭିଯୋଗ ସତ୍ତ୍ୱେ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ; ବରଂ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ତତ୍ପରତା ଦେଖାଉଥିବାରୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯଦି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାନ୍ତି, ତେବେ ତାଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବିଦା କରନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ତଥା ଛାତ୍ରନେତା ବିଭୂତି ଭୂଷଣ ମହାପାତ୍ର ଦାବି କହିଛନ୍ତି। ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ସରକାରଙ୍କ ନରମ ଆଭିମୁଖ୍ୟ ପୋଷଣ କରୁଥିବାରୁ କଡ଼ା ସମାଲୋଚନା କରିଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ସରକାର ନିଦାବିଷ୍ଣୁ ସାଜିଛନ୍ତି। କୌଣସି ଉପାନ୍ତ ଅଞ୍ଚଳ ନୁହେଁ; ବରଂ ରାଜଧାନୀର ଛାତି ଉପରେ ଥିବା ପ୍ରତିଷ୍ଠିତ ବିଜେବି କଲେଜରେ ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଜଣେ ଓଡ଼ିଆ ଅଧ୍ୟାପକଙ୍କୁ ସରକାର ଘଣ୍ଟ ଘୋଡ଼ାଇବାକୁ କରୁଛନ୍ତି। ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଗତ ସେପ୍ଟେମ୍ବର ମାସରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ଆସିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆରଡିଇ) ତଦନ୍ତ କରିଥିଲେ। ଅଧ୍ୟାପକ ଜଣକ ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍' କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା, ଦ୍ୱିଅର୍ଥ ବୋଧକ ଶବ୍ଦ କହିବା, ଛାତ୍ରୀଙ୍କ ଅଙ୍ଗଭଙ୍ଗୀକୁ ଇଙ୍ଗିତ କରୁଥିବା ଅଭିଯୋଗର ସତ୍ୟତା ରହିଥିବା ତଦନ୍ତକାରୀ ଅଧିକାରୀ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେବଳ ଏତିକି ନୁହେଁ; ଛାତି ଥରାଇ ଦେବା ଭଳି ଛାତ୍ରୀମାନଙ୍କ ଲିଖିତ ମନ୍ତବ୍ୟକୁ ସଂଲଗ୍ନ କରିଛନ୍ତି। ଛାତ୍ରୀଙ୍କ ପ୍ରତି ଅଧ୍ୟାପକଙ୍କ ବ୍ୟବହାର ସଠିକ୍ ନୁହେଁ ଏବଂ




ସେ ନିୟମିତ ଏପରି କାର୍ଯ୍ୟ କରନ୍ତି ବୋଲି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହାସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ବଦଳରେ ଅଧ୍ୟାପକଙ୍କୁ ପ୍ରମୋସନ ସ୍ୱରୂପ ଉଚ୍ଚଶିକ୍ଷା ବିଭାଗରେ ଥଇଥାନ କରାଯାଇଛି।

ଅପରପକ୍ଷରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଘଣ୍ଟ ଘୋଡାଇବା ପାଇଁ ବିଭାଗ ଅଣ୍ଟା ଭିଡ଼ିଛି। ଆର୍‌ଡିଇଙ୍କ ତଦନ୍ତ ପରେ ପୁଣି ଥରେ କଲେଜର ଆଇସିସି କମିଟିକୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ଡିଇଙ୍କ ଚାଞ୍ଚଲ୍ୟକର ରିପୋର୍ଟ ସତ୍ତ୍ୱେ କାହିଁକି ପୁନଃ ଆଇସିସି କମିଟିକୁ ପଠାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଆର୍‌ଡିଇ ବଡ଼ ନା ଆଇସିସି ବଡ଼ ବୋଲି ପ୍ରଶ୍ନ କରି ବା ସହ ଉଚ୍ଚଶିକ୍ଷା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି। ଅନୁରୂପ ଭାବେ ସେହି ବିଜେବି କଲେଜର ଜଣେ କମ୍ପ୍ୟୁଟର ସାଇନ୍ସ ଅଧ୍ୟାପକ, ରମାଦେବୀ +୨ ମହିଳା କଲେଜର ଜଣେ ପୂର୍ବତନ ଅର୍ଥନୀତି ଅଧ୍ୟାପକ, ଫକୀର ମୋହନ କଲେଜର ଜଣେ ଓଡ଼ିଆ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ରହିଥିଲେ

**■ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ଉଚ୍ଚଶିକ୍ଷା ବିଭାଗ**
**■ ପଦୋନ୍ନତି ପାଇ ଅଧ୍ୟାପକ ଉତ୍ସାହିତ**

ମଧ୍ୟ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସେହିପରି ସମାନ ମନ୍ତ୍ରୀଙ୍କ ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ଅଧୀନରେ ଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଅଧ୍ୟାପକଙ୍କ ନିର୍ଯାତନାର ଅତିଷ୍ଠ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଅଭିଯୁକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ବିରୋଧରେ ଉଚ୍ଚଶିକ୍ଷା ମନ୍ତ୍ରୀ ଯଦି କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାନ୍ତି, ତେବେ ସେହିପରି ଅପାରଗ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ମୁଖପାତ୍ର ଶ୍ରୀମତୀ ଜୟସ୍ମିତା ମହାନ୍ତି ଉପସ୍ଥିତ ରହି ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ପରିବାର ସଦସ୍ୟଙ୍କ ସହିତ ଦିନଟି ହସଖୁସିରେ ଅତିବାହିତ ହେବ। ମାନ ସମ୍ମାନ ବୃଦ୍ଧି ପାଇବ।

**ବୃଷ:** ସାମାଜିକ କାର୍ଯ୍ୟକ୍ରମରେ ଭାଗନେବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଖର୍ଚ୍ଚ ବଢ଼ିପାରେ। ଯୋଜନା ମୁତାବକ କାମ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ନୂତନ ଯାନବାହନ କ୍ରୟ ଯୋଗ ରହିଛି।

**କର୍କଟ:** ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିଦ୍ୟାର୍ଥୀ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ।

**ସିଂହ:** ଯୋଗ ଓ ପ୍ରାଣାୟମରୁ ଦିନଟି ଆରମ୍ଭ କରିବେ। ଅଚାନକ ଧନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଯୋଜନା ମୁତାବକ କାମ କରିବେ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଅଚାନକ ଖୁସି ଖବର ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୯୦୧- ଅଷ୍ଟ୍ରେଲିଆରେ ଲେବର ପାର୍ଟିର ସ୍ଥାପନା।
- ୧୯୨୧- ସ୍ୱିଡେନ୍‌ରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୬୨- ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୯୭- ଚୀନ୍‌ର ସଦର୍ଣ୍ଣ ଏୟାରଲାଇନ୍ସର ଫ୍ଲାଇଟ୍ ୩୪୫୬ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୫ ଜଣଙ୍କ ପ୍ରାଣହାନି।
- ୧୯୯୯- ବାଂଲାଦେଶର ମେଘନା ନଦୀରେ ନୌକା ବୁଡ଼ିଯିବାରୁ ୩୦୦ ଲୋକଙ୍କ ମୃତ୍ୟୁ।

# ବିଶ୍ୱ ରେଡ୍‌କ୍ରସ୍ ଦିବସ



ବିଶ୍ୱ ରେଡ୍‌କ୍ରସ୍ ଦିବସ ପ୍ରତିବର୍ଷ ମେ' ୮ ତାରିଖରେ ପାଳନ କରାଯାଏ। ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ଓ ରେଡ୍‌କ୍ରସ୍ ଆନ୍ଦୋଳନର ନୀତି ଓ ଆଦର୍ଶକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହ ସମସ୍ତଙ୍କ ପାଇଁ ମାନବିକ କାର୍ଯ୍ୟକୁ ପ୍ରାଥମିକତା ଦେବା ଲାଗି ଏହି ଦିବସର ପରିକଳ୍ପନା କରାଯାଇଛି। ସମାଜ ପ୍ରତି ରେଡ୍‌କ୍ରସ୍‌ର ଅବଦାନକୁ ସ୍ମରଣୀୟ କରିବା ଲାଗି ଏହାର ଅନ୍ତର୍ଜାତୀୟ କମିଟିର ପ୍ରତିଷ୍ଠାତା ଜିନ୍ ହେନେରି ଡୁନାଣ୍ଟଙ୍କ ଜନ୍ମ ଦିନ ମେ' ୮ ତାରିଖରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱରେ ମାନବ କଲ୍ୟାଣ ପାଇଁ କୌଣସି ଭେଦଭାବ ନ କରି ସମସ୍ତଙ୍କୁ ସେବା ଯୋଗାଇ ଦେବା ପାଇଁ ରେଡ୍‌କ୍ରସ୍ ସୋସାଇଟି ଗଠନ କରାଯାଇଥିଲା। ଏହି ସଂଗଠନର ମୂଳ ଉଦ୍ଦେଶ୍ୟ ହେଉଛି କୌଣସି ଯୁଦ୍ଧ, ମହାମାରୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କୁ ଏକ ନୂଆ ଜୀବନ ଦେବା। ରେଡ୍‌କ୍ରସ୍‌ର ଅନ୍ତର୍ଜାତୀୟ କମିଟି ୧୮୬୩ ରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମୁଖ୍ୟାଳୟ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଅବସ୍ଥିତ। ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଓ ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ 'ରେଡ୍‌କ୍ରସ୍ ଟ୍ରୁସ୍' ଅଭିଯାନ ଆରମ୍ଭ କରାଯାଇଥିଲା। ସରକାରୀ ସ୍ତରରେ ରେଡ୍‌କ୍ରସ୍ ଦିବସର ନାମ ବହୁବାର ପରିବର୍ତ୍ତନ କରାଯିବା ପରେ ୧୯୮୪ରେ 'ୱାର୍ଲଡ୍ ରେଡ୍‌କ୍ରସ୍ ଆଣ୍ଡ ରେଡ୍‌କ୍ରିସେଣ୍ଟ ଡେ' ରଖାଯାଇଥିଲା, ଯାହା ଏବେ ଏହି ନାମରେ ପାଳନ କରାଯାଉଛି। ହେନେରି ଡୁନାଣ୍ଟ ପିଲାଟି ଦିନରୁ ସମାଜସେବାରେ ନିଜକୁ ନିୟୋଜିତ ରଖିଥିଲେ। ସେ ମୃତ୍ୟୁ ପର୍ଯ୍ୟନ୍ତ ସମାଜସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ଓ ଯୁଦ୍ଧରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ସହ ବିଭିନ୍ନ ପ୍ରକାର ଦୁର୍ଘଟଣାରେ ପୀଡ଼ିତ ଲୋକଙ୍କୁ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ସେ ରେଡ୍‌କ୍ରସ୍ ଗଠନ କରିଥିଲେ। ୧୯୦୧ରେ ପ୍ରଥମେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଇଥିଲା। ଭାରତରେ ୧୯୨୦ ମସିହାରେ ଦିଲ୍ଲୀଠାରେ ପ୍ରଥମ ଥର ପାଇଁ ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟି ଗଠନ କରାଯାଇଥିଲା। ସେବେଠାରୁ ଦେଶର ସମସ୍ତ ବିପର୍ଯ୍ୟୟରେ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ସେବା ଯୋଗାଇ ଆସୁଛନ୍ତି। ସ୍ୱେଚ୍ଛାସେବୀମାନଙ୍କର ତ୍ୟାଗ, ନିଷ୍ଠା ଓ ନିରବଚ୍ଛିନ୍ନ ସେବା ଯୋଗୁଁ ଆଜି ବିଶ୍ୱର ପ୍ରାୟ ସବୁ ଦେଶରେ ରେଡ୍‌କ୍ରସ୍ ଜନସେବାରେ କାର୍ଯ୍ୟରତ।

# 'କିଙ୍ଗ୍' ଦୀପିକା-ଶାହାରୁଖ୍‌ଙ୍କ ଭିଡିଓ ଲିକ୍

ଶାହାରୁଖ୍ ଖାନ୍ ଓ ଦୀପିକା ପାଦ୍ୟୁକୋନ୍‌ଙ୍କ ଯୋଡ଼ି ବଲିଉଡ୍‌ର ଏକ ଆଇକନିକ୍ ଯୋଡ଼ି ଭାବେ ଜଣାଯାଏ। 'ଓମ୍ ଶାନ୍ତି ଓମ୍', 'ଚେନ୍ନାଇ ଏକ୍ସପ୍ରେସ୍', 'ହ୍ୟାପି ନ୍ୟୁ ଇୟର୍' ଫିଲ୍ମ ପରେ ଏହି ଯୋଡ଼ି ଏବେ 'କିଙ୍ଗ୍'ରେ ଦେଖାଯିବେ। ଝିଅ ଦୁଆ ଜନ୍ମ ହେବା ପରେ ଏହା ଦୀପିକାଙ୍କ ପ୍ରଥମ ଫିଲ୍ମ ହେବ। ଏହି ଫିଲ୍ମ ଘୋଷଣା ହେବା ଠାରୁ ଏହା ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରୁଛି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ବି ନଜର ଆସିବେ। 'କିଙ୍ଗ୍'ର ସୁଟିଂ ଏବେ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ରେ ଚାଲିଛି। ଇତିମଧ୍ୟରେ ଫିଲ୍ମର ସେଟ୍‌ରୁ ଏକ ଭିଡିଓ ଲିକ୍ ହୋଇଛି। ଏହାପୂର୍ବରୁ ଏହି ସେଟ୍‌ରୁ କିଛି ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ଏହି ଫଟୋଗୁଡ଼ିକ ସେୟାର୍ ନ କରିବା ପାଇଁ ଅନୁରୋଧ କରିଥିଲେ। ଲିକ୍ ହୋଇଥିବା ଭିଡିଓରେ ଶାହାରୁଖ୍ ଓ ଦୀପିକା ସମୁଦ୍ର କୂଳରେ ସୂର୍ଯ୍ୟାସ୍ତ ସମୟରେ ଏକ ରୋମାଣ୍ଟିକ୍ ସିନ୍‌ର ସୁଟ୍ କରୁଛନ୍ତି। ଦୀପିକା ଏକ ଧଳା ରଙ୍ଗର ଗାଉନ୍ ପିନ୍ଧିଥିବାବେଳେ ଶାହାରୁଖ୍ ଏକ ଚେକ୍ ସାର୍ଟ ସହ ଟ୍ରାଉଜର୍ ପିନ୍ଧିଛନ୍ତି। ସିଦ୍ଧାର୍ଥ କୌଣସି ଗୀତର ସୁଟ୍ କରୁଥିବା ଦର୍ଶକେ ଅନୁମାନ କରୁଛନ୍ତି। 'କିଙ୍ଗ୍'ରେ ଦୀପିକା ସୁହାନାଙ୍କ ମା' ଭୂମିକାରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ହେଲେ ଏନେଇ ଫିଲ୍ମ ନିର୍ମାତା ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। 'କିଙ୍ଗ୍'ରେ ଦୀପିକା, ଶାହାରୁଖ୍‌ଙ୍କ ବ୍ୟତୀତ ଅଭିଷେକ ବଚ୍ଚନ, ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଅରଶଦ ୱର୍ସି, ଅନୀଲ କପୁର, ଅଭୟ ବର୍ମା ପ୍ରମୁଖ ନଜର ଆସିବେ। ଅଭିଷେକ ବଚ୍ଚନ ଏଥିରେ ଖଳନାୟକ ଭାବେ ଦେଖାଯିବେ।



# ବିଶ୍ୱ ଥାଲାସେମିଆ ଦିବସ



ଥାଲାସେମିଆ ରୋଗ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୮ ତାରିଖରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହେଉଛି। ଥାଲାସେମିଆ ଏକ ବଂଶଗତ ରକ୍ତ ରୋଗ, ଯେଉଁଥିରେ ଶରୀରରେ ସ୍ୱାଭାବିକଠାରୁ କମ୍ ହିମୋଗ୍ଲୋବିନ୍ ପ୍ରସ୍ତୁତ ହୁଏ। ଏହା ପିତାମାତାଙ୍କଠାରୁ ପିଲାଙ୍କୁ ଆସିଥାଏ ଏବଂ ଏଥିଯୋଗୁଁ ରକ୍ତହୀନତା ଓ ଥକ୍କାପଣ ଦେଖାଦିଏ। ସାଧାରଣତଃ ଦୁଇ ପ୍ରକାରର ଥାଲାସେମିଆ ସମସ୍ୟା ରହିଛି। ଏହାକୁ ଆଲ୍‌ଫା ଏବଂ ବିଟା ଭାବେ ନାମିତ କରାଯାଇଛି। ଲୋହିତ ରକ୍ତ କଣିକା ଶରୀରର ସମସ୍ତ କୋଷକୁ ଅମ୍ଳଜାନ ଯୋଗାଇଥାଏ। ଯେତେବେଳେ ପର୍ଯ୍ୟାପ୍ତ ଲୋହିତ ରକ୍ତ କଣିକା ନ ଥାଏ, ଶରୀରର ଅନ୍ୟ ସମସ୍ତ କୋଷକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ମିଳିପାରେ ନାହିଁ। ଏହି କାରଣରୁ ଦୁର୍ବଳ ଲାଗିବା, ଥକ୍କା ଅନୁଭବ କରିବା, ପେଟରେ ଯନ୍ତ୍ରଣା, ତ୍ୱଚା ହଳଦିଆ ପଡ଼ିବା ଆଦି ସମସ୍ୟା ଦେଖାଯାଏ। ଏହା ରକ୍ତହୀନତାର ଏକ ଅବସ୍ଥା। ଗୁରୁତର ରକ୍ତହୀନତା ଶରୀରର ଅଙ୍ଗଗୁଡ଼ିକ କ୍ଷତି ପହଞ୍ଚାଇବା ସହ ଏହା ମୃତ୍ୟୁର କାରଣ ହୋଇପାରେ। ସାଧାରଣତଃ ସୁସ୍ଥ ମନୁଷ୍ୟ ଶରୀରରେ ଲୋହିତ ରକ୍ତ କଣିକା ୧୨୦ ଦିନ ପର୍ଯ୍ୟନ୍ତ ରହିଥାଏ। ମାତ୍ର ଥାଲାସେମିଆରେ ଆକ୍ରାନ୍ତ ହେଲେ ଏହି ଲୋହିତ ରକ୍ତ କଣିକା ୨୦ ଦିନ ପର୍ଯ୍ୟନ୍ତ ରହେ। ଏହି ରୋଗରେ ଶିକାର ରୋଗୀଙ୍କୁ ଅନେକସ୍ଥଳରେ ରକ୍ତର ଆବଶ୍ୟକତା ପଡ଼ିଥାଏ। ଥାଲାସେମିଆ ରୋଗୀ ପ୍ରଚୁର ପରିମାଣରେ ଆଇରନ୍, ଫଲିକ୍ ଏସିଡ୍ ଖାଦ୍ୟରେ ଖାଇବା ସହ ନିୟମିତ ହିମୋଗ୍ଲୋବିନ୍ ପରୀକ୍ଷା କରାଇବା ଉଚିତ୍। ସେହିଭଳି ବିବାହ ପୂର୍ବରୁ ଏବଂ ଗର୍ଭାବସ୍ଥାରେ ପରୀକ୍ଷା କରାଇ ଏହାକୁ ରୋକାଯାଇ ପାରିବ। ଅଧିକାଂଶ କ୍ଷେତ୍ରରେ ଥାଲାସେମିଆର ସ୍ଥାୟୀ ଚିକିତ୍ସା ସମ୍ଭବ ନୁହେଁ। ଏହି ରୋଗରେ ବ୍ଲଡ୍ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ଅତ୍ୟନ୍ତ ଉପଯୋଗୀ ହୋଇପାରେ। ଟ୍ରାନ୍ସପ୍ଲାଣ୍ଟର ଆବଶ୍ୟକତା ଥିବା ପ୍ରାୟ ୨୫ ରୁ ୩୦% ରୋଗୀ ନିଜ ପରିବାରରୁ ଏପରି ଦାତା ପାଇଥା'ନ୍ତି, କିନ୍ତୁ ଅବଶିଷ୍ଟ ପୀଡ଼ିତଙ୍କୁ ଟ୍ରାନ୍ସପ୍ଲାଣ୍ଟ ପାଇଁ ବାହ୍ୟ ଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ। ଯାହା ସହଜ କଥା ନୁହେଁ। ଏହି କାରଣରୁ, ଥାଲାସେମିଆରେ ପୀଡ଼ିତ ଏପରି ଲୋକଙ୍କୁ ବିବାହ ପୂର୍ବରୁ ଏବଂ ସନ୍ତାନ ଯୋଜନା କରିବା ପୂର୍ବରୁ ଆବଶ୍ୟକ ପରୀକ୍ଷା କରିବାକୁ କୁହାଯାଏ। ବାସ୍ତବରେ, ଯଦି ମାତା କିମ୍ବା ପିତାଙ୍କର ଜଣେ କିମ୍ବା ଉଭୟଙ୍କର ଥାଲାସେମିଆ ଥାଏ, ତେବେ ଶିଶୁର ଏହି ରୋଗ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଥାଏ। ଉଚିତ ସମୟରେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିପାରନ୍ତି। 'ବିଶ୍ୱ ଥାଲାସେମିଆ ଦିବସ' ପାଳନ କରିବାର ପଦକ୍ଷେପ ପ୍ରଥମେ ୧୯୯୪ ମସିହାରେ ଥାଲାସେମିଆ ଅନ୍ତର୍ଜାତୀୟ ଫେଡେରେସନ ଦ୍ୱାରା କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ଜାତୀୟ, ଅନ୍ତର୍ଜାତୀୟ, ସରକାରୀ ତଥା ଅଣ-ସରକାରୀ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ଦ୍ୱାରା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଏ।

## ସଞ୍ଜୀବନୀ




# ଗାଲାକ୍ଟୋରିଆ

**ଗର୍ଭଧାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଆସନ୍ନ ପ୍ରସବା ଓ ପ୍ରସୂତୀଙ୍କ ଶରୀରରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ। ପ୍ରୋଲାକ୍ଟିନ୍ ହରମୋନ୍ ବୃଦ୍ଧି ଯୋଗୁଁ ଏହି ସମୟରେ ସ୍ତନରେ ଦୁଗ୍ଧ ସଂଚାର ହୋଇଥାଏ। ହେଲେ ୨୦ରୁ ୨୫% ମହିଳାଙ୍କର ବିନା ଗର୍ଭଧାରଣରେ ବି ସ୍ତନରୁ ଅସ୍ୱାଭାବିକ ଭାବେ କ୍ଷୀର ନିର୍ଗତ ହୁଏ। ଏହା କୌଣସି ରୋଗ ନ ହେଲେ ବି ଶାରୀରିକ ସମସ୍ୟାର ସଙ୍କେତ ଦେଇଥାଏ। ଡାକ୍ତରୀ ଭାଷାରେ ଏହାକୁ ଗାଲାକ୍ଟୋରିଆ କୁହାଯାଏ।**

ପ୍ରୋଲାକ୍ଟିନ୍ ପିଟ୍ୟୁଟାରି ଗ୍ରନ୍ଥିରୁ ନିର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ହରମୋନ୍। ଏହି ହରମୋନ୍ ଗର୍ଭାବସ୍ଥା ସମୟରେ ସ୍ତନ ଟିସୁର ବିକାଶ ଏବଂ ସ୍ତନ୍ୟପାନ ପାଇଁ ସ୍ତନକୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ। ହେଲେ ବିନା ଗର୍ଭଧାରଣ ସତ୍ତ୍ୱେ ଯେଉଁମାନଙ୍କ ଶରୀରରେ ପ୍ରୋଲାକ୍ଟିନ୍ ହରମୋନ୍ ମାତ୍ରାଧିକ ବଢ଼ିଯାଏ, ସେମାନଙ୍କଠାରେ ଗାଲାକ୍ଟୋରିଆ ଦେଖାଯାଏ। ଅତ୍ୟଧିକ ଚିନ୍ତା, ଅବସାଦ, ହରମୋନ୍ ଅସନ୍ତୁଳନ, ଦୀର୍ଘ ସମୟ ଧରି ଉଚ୍ଚ ରକ୍ତଚାପ, ବାନ୍ତି ଓ ଜନ୍ମନିୟନ୍ତ୍ରଣ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟା ଏହାର ଏକ ପ୍ରମୁଖ କାରଣ ହୋଇପାରେ। ହାଇପୋଥେଲେମସ୍ ରୋଗ, ଥାଇରଏଡ୍, ନିଦ୍ରାହୀନତା ଆଦି ଗାଲାକ୍ଟୋରିଆ ହେବାର ମଧ୍ୟ ଅନ୍ୟାନ୍ୟ କାରଣ। ତେଣୁ ଗାଲାକ୍ଟୋରିଆ ହେଲେ ମାସିକ ଋତୁସ୍ରାବ ଅନିୟମିତ ହେବା ସହ ଗର୍ଭଧାରଣରେ ସମସ୍ୟା ହୁଏ। ସ୍ତନ କୋଷ ବଢ଼ିଯିବା, କେଶ ଝଡ଼ିବା, ବିଚଳିତ ଲାଗିବା, ଗର୍ଭଧାରଣ ନ କରିବା ସତ୍ତ୍ୱେ ବି ସ୍ତନରୁ ଅସ୍ୱାଭାବିକ ଭାବେ କ୍ଷୀର ଆସିବା, ମୁଣ୍ଡ ବିନ୍ଧିବା ଏବଂ ଯୌନ ଇଚ୍ଛା କମିଯିବା ପରି ଲକ୍ଷଣ ଦେଖା ଯାଇଥାଏ।


ଏହି ରୋଗର ସଠିକ୍ କାରଣ ଜାଣିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଏମ୍‌ଆର୍‌ଆଇ, ପ୍ରୋଲାକ୍ଟିନ୍ ଏବଂ ଟିଏସ୍‌ଏଚ୍ (ଥାଇରଏଡ) ପରୀକ୍ଷା ପାଇଁ ରକ୍ତ ପରୀକ୍ଷା କରାଯାଏ। ରୋଗର କାରଣ ଉପରେ ଚିକିତ୍ସା ନିର୍ଭର କରିଥାଏ। ଏହାସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଏକାନ୍ତ ଆବଶ୍ୟକ। ଯେପରିକି ଟାଇଟ୍ ପୋଷାକ ଓ ଅନ୍ତଃବସ୍ତ୍ର ପିନ୍ଧିବା ଅନୁଚିତ। ଚିନ୍ତାମୁକ୍ତ ରହିବା ସହ ଦିନକୁ ୭ରୁ ୮ ଘଣ୍ଟା ଶୋଇବା, ହରମୋନ୍ ଅସନ୍ତୁଳନ ପାଇଁ ଉପଯୁକ୍ତ ଔଷଧ ସେବନ କରିବା ଏକାନ୍ତ ଆବଶ୍ୟକ। ସ୍ତନରୁ ଅଠାଳିଆ ପାଣି, ହଳଦିଆ କିମ୍ବା ରକ୍ତ ମିଶାତରଳ ବାହାରୁଥିଲେ ତୁରନ୍ତ ଡାକ୍ତରଙ୍କୁ ଯୋଗାଯୋଗ କରିବା ଆବଶ୍ୟକ। କାରଣ ଏହା ସ୍ତନ କର୍କଟର ଲକ୍ଷଣ ମଧ୍ୟ ହୋଇପାରେ।



## ଘର ବଇଦ: ମୂତ୍ରରୋଧର ଉପଚାର

- ଅଙ୍କରାନ୍ତି ଗଛର ରସ ଦୁଇ ତୋଳା ଖାଇବେ।
- କାକୁଡ଼ିମଞ୍ଜି ଦୁଇ ତୋଳା ଅଳ୍ପ ସୈନ୍ଧବ ଲବଣ ମିଶାଇ ଖାଇଲେ ମୂତ୍ରରୋଧ ଦୂର ହୁଏ।
- କାକୁଡ଼ି ମଞ୍ଜି, କବାବଚିନି ଓ ସୋରାକ୍ଷାର ମୁଢ଼ି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ପରିସ୍ରା ହୁଏ।
- ଅଁଳାକୁ ବାଟି ତଳି ପେଟରେ ଲେପ ଦେଲେ ମୂତ୍ରରୋଧ ନିବୃତ୍ତ ହୁଏ।
- କଲମୀ ସୋରା ଏକ ଭାଗ, ଫିଟିକିରି ଅର୍ଦ୍ଧଭାଗ ଏକତ୍ର କରି ଲୁହା କରେଇରେ ରଖି ନିଆଁରେ ବସାଇବେ। ତରଳିଗଲେ ଚୁଲୀରୁ ବାହାର କରି ମର୍ଦ୍ଦନ କରି ଶିଶିରେ ରଖିବେ। ମାତ୍ରା –ଅଧତୋଳା ଖାଇ ଗରମ ପାଣି ପିଇଲେ ୧୦/୧୨ ମିନିଟ୍‌ରେ ପରିସ୍ରା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



## 'ସକାଳ'ର ସ୍ୱାସ୍ଥ୍ୟ

# ଘାତକ ମିଳିମିଳା

## କାରଣ, ଲକ୍ଷଣ ଏବଂ ସତର୍କତା

**ଗ୍ରୀଷ୍ମଋତୁରେ ସାଧାରଣତଃ ଅନେକ ଭୂତାଣୁଜନିତ ରୋଗ ବ୍ୟାପିଥାଏ, ସେଥିମଧ୍ୟରୁ 'ମିଳିମିଳା' ହେଉଛି ଅନ୍ୟତମ। ଏହା ପାରାମିକ୍ସୋ (Paramyxo) ଭୂତାଣୁ ଦ୍ୱାରା ବ୍ୟାପୁଥିବା ଏକ ଘାତକ ସଂକ୍ରାମକ ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହି ରୋଗକୁ ନେଇ ସତର୍କ କରାଇଛନ୍ତି। ନିକଟରେ ବାଂଲାଦେଶରେ ମିଳିମିଳାକୁ ନେଇ ସାରା ବିଶ୍ୱରେ ଆତଙ୍କ ଜାରି ରହିଛି। ବିଶେଷ କରି ଛୋଟ ପିଲା, ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଭିଟାମିନ୍ ଏ ର ଅଭାବ ଥାଏ, ସେମାନଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ। ତେଣୁ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଜାଣିବା ଏବଂ ସତର୍କ ରହିବା ଏକାନ୍ତ ଆବଶ୍ୟକ।**



ମିଳିମିଳା ମୁଖ୍ୟତଃ ବାୟୁ ମାଧ୍ୟମରେ ଖୁବ୍ ଶୀଘ୍ର ବ୍ୟାପିଥାଏ। ଜଣେ ସଂକ୍ରମିତ ରୋଗୀ ଛିଙ୍କିବା, କାଶିବା ବା ଛେପ ପକାଇବା ସମୟରେ ବାହାରୁଥିବା କ୍ଷୁଦ୍ର କଣିକା (Droplets) ମାଧ୍ୟମରେ ଏହି ଭୂତାଣୁ ଅନ୍ୟ ସୁସ୍ଥ ଲୋକଙ୍କ ଶରୀରରେ ପ୍ରବେଶ କରିଥାଏ। ଏହି ଭୂତାଣୁ ଶରୀରରେ ପ୍ରବେଶ କରିବାର ୧୦ରୁ ୧୨ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଏ। ଏହାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଲା- ପ୍ରବଳ ଜ୍ୱର ଏବଂ ଶରୀରରେ ଯନ୍ତ୍ରଣା ହେବା, ଆଖି ନାଲି ପଡ଼ିବା ଏବଂ ଫୁଲିବା, ଗଳା ସଂକ୍ରମଣ ହେବା, ପାଟି ଭିତରେ ଧଳା ଦାଗ ଦେଖାଯିବା, ପୂରା ଶରୀରରେ ନାଲି ରଙ୍ଗର ଦାନା ବାହାରିବା।

**ରୋଗର ଜଟିଳତା:** ସମୟ ସୁଦ୍ଧା ଚିକିତ୍ସା ନହେଲେ ମିଳିମିଳା ଭୟଙ୍କର ରୂପ ନେଇପାରେ। ଏହାଦ୍ୱାରା ନିମୋନିଆ, ଡାଇରିଆ, ଦୃଷ୍ଟିଶକ୍ତି ହ୍ରାସ ପାଇବା, ମସ୍ତିଷ୍କ ସଂକ୍ରମଣ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ ଏବଂ ଆବଶ୍ୟକ ରକ୍ତ ପରୀକ୍ଷା କରାନ୍ତୁ।

**ପ୍ରତିକାର ଏବଂ ସତର୍କତା**

ଏହି ରୋଗରୁ ବର୍ତ୍ତିବାର ସବୁଠାରୁ ଶ୍ରେଷ୍ଠ ଓ ଫଳପ୍ରଦ ଉପାୟ ହେଉଛି ଟିକାକରଣ। ପିଲାମାନଙ୍କୁ ସଠିକ୍ ସମୟରେ ମିଳିମିଳା ଟିକା ନିଶ୍ଚିତ ଭାବରେ ଦିଅନ୍ତୁ। ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାରୁ ବିରତ ରୁହନ୍ତୁ। ରୋଗୀଙ୍କୁ ସୁସ୍ଥ ବ୍ୟକ୍ତି ବିଶେଷ କରି ଗର୍ଭବତୀ ମହିଳା ଓ ଛୋଟ ପିଲାଙ୍କଠାରୁ ଅଲଗା ରଖିବା ଉଚିତ। ରୋଗୀଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ନେବାକୁ ଦିଅନ୍ତୁ। ଶରୀରରେ ଜଳୀୟଅଂଶ ସଠିକ୍ ରଖିବା ପାଇଁ ପ୍ରଚୁର ପରିମାଣରେ ପାଣି, ପଇଡ଼ ଏବଂ ଫଳ ରସ ପିଇବାକୁ ଦିଅନ୍ତୁ। ତେଲ ଏବଂ ମସଲାଯୁକ୍ତ ଖାଦ୍ୟ ବଦଳରେ ସହଜରେ ହଜମ ହେଉଥିବା ହାଲୁକା ଓ ପୁଷ୍ଟିକର ଖାଦ୍ୟ ଖାଇବାକୁ ଦିଅନ୍ତୁ।

# ମେଟଫର୍ମିନର ପାର୍ଶ୍ୱ ପ୍ରତିକ୍ରିୟା

ଆଜିକାଲି ଘରେ ଘରେ ମଧୁମେହ ରୋଗୀ। ମଧୁମେହ ପାଇଁ ରୋଗୀମାନେ ବିଭିନ୍ନ ପ୍ରକାର ଟାବଲେଟ୍ ଏବଂ ଇନ୍‌ସୁଲିନ୍ ବ୍ୟବହାର କରିଥାନ୍ତି। ଔଷଧଗୁଡିକ ମୁଖ୍ୟତଃ ଆଗ୍ନେଶୟରୁ ଇନ୍‌ସୁଲିନ୍ କ୍ଷରଣ କରିବାରେ ସାହାଯ୍ୟ କରିଥାଏ। ତେବେ ରୋଗୀମାନଙ୍କ ବ୍ୟବହାର ପାଇଁ କିଛି ଔଷଧକୁ ଅନୁମତି ଦିଆଯାଇଛି। ସେମିତି ଏକ ଔଷଧ ହେଉଛି ମେଟ୍‌ଫର୍ମିନ। ମେଟଫର୍ମିନ ଟାଇପ୍ ୨ ମଧୁମେହ ଚିକିତ୍ସା ପାଇଁ ସବୁଠୁ ଅଧିକ ବ୍ୟବହାର କରାଯାଉଥିବା ଔଷଧ। ଏହା ଶରୀରରେ ରକ୍ତ ଶର୍କରାସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ପ୍ରାକ୍ ମଧୁମେହ ହେବାରୁ ସୁରକ୍ଷା ଦେବା ସହ ଓଜନ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଏହାସହ ପିସିଓଏସ୍ ପୀଡ଼ିତ ମହିଳାଙ୍କଠାରେ ମାସିକ ଋତୁସ୍ରାବକୁ ନିୟମିତ କରିବା ଏବଂ ଇନ୍‌ସୁଲିନ୍ ପ୍ରତିରୋଧକୁ କମ୍ କରିବା ପାଇଁ ଏହା ଉପଯୋଗୀ। ମେଟଫର୍ମିନକୁ ଖାଇବା ସହିତ କିମ୍ବା ଖାଇବା ପରେ ନେବା ଉଚିତ। ତେବେ ମେଟ୍‌ଫର୍ମିନ ସେବନର କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ଯେପରିକି ପାଚନ ସମ୍ବନ୍ଧୀୟ ସମସ୍ୟା, ବାନ୍ତି, ଝାଡ଼ା, ମାଂସପେଶୀ ଯନ୍ତ୍ରଣା, ନିଃଶ୍ୱାସ ନେବାରେ ସମସ୍ୟା, ଭିଟାମିନ୍ ବି-୧୨ର ଅଭାବ, ପେଟ ଯନ୍ତ୍ରଣା, ଭୋକ କମ୍ ଲାଗିବା, ଗ୍ୟାସ୍ ଆଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେଣୁ ସର୍ବଦା ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହି ଔଷଧ ସେବନ କରିବା ଆବଶ୍ୟକ। ବୃକ୍କ କିମ୍ବା ଯକୃତ ଜନିତ ସମସ୍ୟା ରହିଥିଲେ, ଗର୍ଭବତୀ କିମ୍ବା ସ୍ତନ୍ୟପାନ କରୁଥିବା ମହିଳା ଡାକ୍ତରଙ୍କ ପରାମର୍ଶରେ ଏହି ଔଷଧ ସେବନ କରିବା ଉଚିତ। ପାର୍ଶ୍ୱ ପ୍ରତିକ୍ରିୟା ଅଧିକ ହେଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।




### ବେଙ୍ଗାଲୁରୁ-ଲକ୍ଷ୍ନୌ ମ୍ୟାଚରେ ବର୍ଷା ବାଧକ

# ମିଚେଲ ମାର୍ଶଙ୍କ ରେକର୍ଡ ଶତକ

## ସୁପର ଜାଏଣ୍ଟ୍ସ ପାଇଁ ଦ୍ରୁତତମ ଶତକ

**ଲକ୍ଷ୍ନୌ, ୭ ।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ୫୦ତମ ଲିଗ୍ ମ୍ୟାଚ୍ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଘରୋଇ ଲକ୍ଷ୍ନୌର ଓପନର୍ ମିଚେଲ୍ ମାର୍ଶ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ଫଳରେ ୧୯ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ସୁପର ଜାଏଣ୍ଟ୍ସ ୩ ୱିକେଟ୍‌ରେ ୨୦୯ ରନର ବିଶାଳ ସ୍କୋର ଠିଆ କରାଇଛି। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଆର୍‌ସିବି ୧୦ ଓଭର ସୁଦ୍ଧା ୨ ୱିକେଟ୍ ହରାଇ ୧୦୪ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଜ୍ୟାକବ ବେଥେଲ ଓ ବିରାଟ କୋହଲି ନିରାଶ କରିଛନ୍ତି। ମହମ୍ମଦ ସାମିଙ୍କ ପ୍ରଥମ ଓଭରରେ ମାତ୍ର ୪ ରନ କରି ବେଥେଲ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ନିର୍ଭରଯୋଗ୍ୟ ଦ୍ୱିତୀୟ ଓଭରର ଦ୍ୱିତୀୟ ବଲରେ ଖାତା ଖୋଲିବା ପୂର୍ବରୁ କ୍ଲିନବୋଲ୍ଡ ହୋଇଯାଇଥିଲେ। ପ୍ରିନ୍ସ ଯାଦବଙ୍କୁ ଏହି ମୂଲ୍ୟବାନ ୱିକେଟଟି ମିଳିଥିଲା। ଏହି ମ୍ୟାଚ୍ ପୂର୍ବରୁ ବେଙ୍ଗାଲୁରୁ ୯ ମୁକାବିଲାରୁ ୬ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲ୍‌ର ତୃତୀୟ ସ୍ଥାନରେ ରହିଛି। ସେହିଭଳି ଲକ୍ଷ୍ନୌ ୯ ମ୍ୟାଚ୍‌ରୁ ୭ଟି ପରାଜୟ ସହ ୪ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନ ହାସଲ କରିଛି।




ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୁପର୍ ଜାଏଣ୍ଟ୍ସ ପାଇଁ ଦୁଇ ଓପନର୍ ମିଚେଲ ମାର୍ଶ ଓ ଅର୍ଶିନ କୁଲକର୍ଣ୍ଣୀ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ୯ ଓଭରରେ ୯୫ ରନ ଉଠାଇ ଦଳକୁ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। ତେବେ ବାରମ୍ବାର ବର୍ଷା ହେବା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚକୁ ୧୯ ଓଭରବିଶିଷ୍ଟ କରାଯାଇଥିଲା। ମାର୍ଶ ଗୋଟିଏ ପାଖରେ ଏକାକୀ ଲଢୁଆ ବ୍ୟାଟିଂ ଜାରି ରଖିବା ଫଳରେ ଲକ୍ଷ୍ନୌ ୧୯ ଓଭରରେ ୩ ୱିକେଟ ହରାଇ ୨୦୯ ରନର ଚ୍ୟାଲେଞ୍ଜିପୂର୍ଣ୍ଣ ସ୍କୋର କରିଥିଲା।

ଆଇପିଏଲ୍ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ମାର୍ଶ ୫୬ଟି ବଲରେ ୧୧୧ ରନ କରି ଆଉଟ୍ ହୋଇଥିଲେ। ଯେଉଁଥିରେ ୯ଟି ଲେଖାଏ ଚୌକା ଓ ଛକା ସାମିଲ ରହିଥିଲା। ୪୯ ବଲରେ ଶତକ ପୂରଣ କରି ମାର୍ଶ ଲକ୍ଷ୍ନୌ ପାଇଁ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ଋଷଭ ପନ୍ତଙ୍କ ନାମରେ ରହିଥିଲା। ଗତ ସଂସ୍କରଣରେ ଆର୍‌ସିବି ବିପକ୍ଷରେ ୫୪ ବଲରୁ ଶତକ ହାସଲ କରି ପନ୍ତ ଲକ୍ଷ୍ନୌ ପାଇଁ ଦ୍ରୁତତମ ଶତକ ହାସଲକାରୀ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲସ ପୁରନ ୩୮, ଅଧିନାୟକ ପନ୍ତ ୧୦ ବଲରେ ଅପରାଜିତ ୩୨ ଓ କୁଲକର୍ଣ୍ଣୀ ୨୪ ବଲରେ ୧୭ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁ ପାଇଁ ଜୋଶ ହାଜଲେଉଡ, କ୍ରୁନାଲ ପାଣ୍ଡ୍ୟା ଓ ରସିକ ସଲମନ ଦାର ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୫୭୧ |
| ବେଙ୍ଗାଲୁରୁ* | ୯ | ୬ | ୩ | ୦ | ୧୨ | +୧.୪୨୦ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନାଇ | ୧୦ | ୫ | ୫ | ୦ | ୧୦ | +୦.୧୫୧ |
| ଦିଲ୍ଲୀ | ୧୦ | ୪ | ୬ | ୦ | ୮ | -୦.୯୪୯ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବାଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ* | ୯ | ୨ | ୭ | ୦ | ୪ | -୧.୦୭୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ




### ଆଜିର ଆଇପିଏଲ୍ ମ୍ୟାଚ୍

ଦିଲ୍ଲୀ ବନାମ କୋଲକାତା
ଭେନ୍ୟୁ - ଦିଲ୍ଲୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ବାପା ହେଲେ ସୂର୍ଯ୍ୟକୁମାର



**ମୁମ୍ବାଇ, ୭ ।୫ (ଏଜେନ୍ସି):** ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି। ସୂର୍ଯ୍ୟକୁମାର ପ୍ରଥମଥର ଲାଗି ପିତୃତ୍ୱ ଲାଭ କରିଛନ୍ତି। ତାଙ୍କ ପତ୍ନୀ ଦେବୀଶା ସେଟ୍ଟୀ ଗୁରୁବାର ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ଆଇପିଏଲ୍ ମଝିରେ ଏହି ଖୁସି ଖବରକୁ ନେଇ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟର୍ ସୂର୍ଯ୍ୟକୁମାରଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂର୍ଯ୍ୟକୁମାର ସାମାଜିକ ଗଣମାଧ୍ୟମରେ ନବଜାତ ସନ୍ତାନର ହାତ ଧରିଥିବାର ଏକ ଫଟୋ ସେୟାର କରି ଏହି ଖବରକୁ ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ପାରିବାରିକ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ସୂର୍ଯ୍ୟକୁମାର ପତ୍ନୀ ଦେବୀଶାଙ୍କ ନିକଟରେ ରହିବା ଲାଗି ନିଷ୍ପତ୍ତି ନେଇ ମୁମ୍ବାଇ ଦଳ ସହ ରାୟପୁର ଯାତ୍ରା କରି ନ ଥିଲେ। ଯେଉଁଠାରେ ମେ ୧୦ରେ ମୁମ୍ବାଇ ଓ ଆର୍‌ସିବି ମଧ୍ୟରେ ଆଇପିଏଲ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଉଲ୍ଲେଖଯୋଗ୍ୟ, ୨୦୧୬ ଜୁଲାଇ ୭ ତାରିଖରେ ସୂର୍ଯ୍ୟକୁମାର ଡ୍ୟାନ୍ସ ପ୍ରଶିକ୍ଷକ ଦେବୀଶାଙ୍କୁ ବିବାହ କରିଥିଲେ।

## ୨୦୦ ମ୍ୟାଚ୍ ଖେଳିବାରେ ଭୁବନେଶ୍ୱର ପ୍ରଥମ ଦ୍ରୁତ ବୋଲର

**ଲକ୍ଷ୍ନୌ, ୭।୫ (ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଆଇପିଏଲ୍‌ରେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଆଇପିଏଲ୍ ଇତିହାସରେ ପ୍ରଥମ ଦ୍ରୁତ ବୋଲର ଭାବେ ସେ ୨୦୦ ମ୍ୟାଚ୍ ଖେଳିଛନ୍ତି। ଗୁରୁବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ଖେଳି ଭୁବନେଶ୍ୱର ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଓଭରଅଲ୍ ୧୨ତମ ଖେଳାଳି ଭାବେ ଭୁବନେଶ୍ୱର ୨୦୦ ମ୍ୟାଚ୍ କ୍ଲବରେ ସାମିଲ ହୋଇଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବା ତାଲିକାରେ ମହେନ୍ଦ୍ର ସିଂ ଧୋନି ଶୀର୍ଷରେ ରହିଛନ୍ତି। ସେ ୨୭୮ଟି ମ୍ୟାଚ୍ ଖେଳିଛନ୍ତି। ୨୭୭ ମ୍ୟାଚ୍ ସହ ରୋହିତ ଶର୍ମା ଓ ବିରାଟ କୋହଲି ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭୁବନେଶ୍ୱର ପୁଣେ ୱାରିୟର୍ସ ପାଇଁ ୨୬ ମ୍ୟାଚ୍ ଖେଳି ୨୪ଟି, ହାଇଦରାବାଦ ପାଇଁ ୧୨୯ ମ୍ୟାଚ୍ ଖେଳି ୧୪୬ଟି ଓ ଆର୍‌ସିବି ପାଇଁ ୪୪ ମ୍ୟାଚ୍ ଖେଳି ୪୫ଟି ୱିକେଟ୍ ଅକ୍ତିଆର କରିଛନ୍ତି।

## ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗକୁ ସ୍ୱୀକାର କଲେ ୱାର୍ଣ୍ଣର

**ସିଡ୍‌ନୀ, ୭ ।୫ (ଏଜେନ୍ସି):** ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ବିବାଦରେ ଫସିଥିବା ଅଷ୍ଟ୍ରେଲୀୟ



କ୍ରିକେଟର୍ ଡେଭିଡ୍ ୱାର୍ଣ୍ଣର ନିଜ ଦୋଷ ସ୍ୱୀକାର କରିଛନ୍ତି। ସିଡ୍‌ନୀ କୋର୍ଟରେ ଶୁଣାଣି ପରେ ୱାର୍ଣ୍ଣରଙ୍କ ଓକିଲ ଏହି ସୂଚନା ଗଣମାଧ୍ୟମକୁ ଦେଇଛନ୍ତି। ୱାର୍ଣ୍ଣରଙ୍କ ପକ୍ଷରୁ ତାଙ୍କ ଓକିଲ ବବି ହିଲ୍ କୋର୍ଟରେ ହାଜର ହୋଇଥିଲେ। ୱାର୍ଣ୍ଣର ଦୋଷ ସ୍ୱୀକାର କରିଥିବା ନେଇ ତାଙ୍କ ଓକିଲ ମାନ୍ୟବର କୋର୍ଟଙ୍କୁ ଜଣାଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ ୨୪ ତାରିଖରେ ହେବ। ପ୍ରକାଶଯୋଗ୍ୟ, ଗତ ଏପ୍ରିଲ ମାସରେ ୱାର୍ଣ୍ଣର ଆଇନଗତ ଧାର୍ଯ୍ୟ ସୀମାଠାରୁ ଦୁଇଗୁଣା ଅଧିକ ମଦ୍ୟପାନ କରି ଗାଡ଼ି ଚଳାଇଥିବା ଅଭିଯୋଗ ହୋଇଥିଲା। ଏକ ଅନିୟମିତ ଚେକିଂ ସ୍ଥାନରେ ୱାର୍ଣ୍ଣରଙ୍କ ଗାଡ଼ିକୁ ପୁଲିସ ଅଟକାଇ ପରୀକ୍ଷା କରିଥିଲା। ଶ୍ୱାସକ୍ରିୟା ଟେଷ୍ଟରୁ ସେ ଅଧିକ ମଦ୍ୟପାନ କରିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରି ପୁଲିସ ଷ୍ଟେସନ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। କିନ୍ତୁ ଏହି ମାମଲାର ବିଚାର ସିଡନୀର ଏକ କୋର୍ଟରେ ଚାଲିଥିଲା।

■ ଆର୍ଚରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୨

## ମହିଳା ରିକର୍ଭ ଟିମ୍ ଫାଇନାଲରେ

**ସାଙ୍ଘାଇ, ୭।୫ (ଏଜେନ୍ସି):** ଦକ୍ଷିଣ କୋରିଆକୁ ହରାଇ ଭାରତର ରିକର୍ଭ ଟିମ୍ ଏଠାରେ ଚାଲିଥିବା ଆର୍ଚରୀ ୱାର୍ଲ୍ଡକପ୍ ଷ୍ଟେଜ୍-୨ର ଫାଇନାଲରେ



ପ୍ରବେଶ କରିଛି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦ୍ୱିତୀୟ ସିଡ ଚୀନ୍ ସହ ଭାରତର ମୁକାବିଲା ହେବ। ଫାଇନାଲରେ ପ୍ରବେଶ କରିବା ସହ ଭାରତ ଏହି ୱାର୍ଲ୍ଡକପ୍‌ରେ ପ୍ରଥମ ପଦକ ଜିତିବା ସ୍ପଷ୍ଟ କରିଛି। ଆଜି ଖେଳାଯାଇଥିବା ସେମିଫାଇନାଲରେ ୧୦ଥରର ଅଲିମ୍ପିକ୍ ଚାମ୍ପିଅନ ଦକ୍ଷିଣ କୋରିଆକୁ ୫-୧ ବ୍ୟବଧାନରେ ଭାରତ ପରାସ୍ତ କରିଥିଲା। କିନ୍ତୁ ପୁରୁଷ ଦଳ ପ୍ରଥମ ରାଉଣ୍ଡରେ ବାଂଲାଦେଶଠାରୁ ହାରି ବିଦା ହୋଇଥିଲା। ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିଥିଲେ ବରିଷ୍ଠ ଆର୍ଚର ଦୀପିକା କୁମାରୀ, ଅଙ୍କିତା ଭକତ ଓ ଟିନ୍‌ଏଜ୍‌ର କୁମ୍‌କୁମ୍ ମୋହୋଦ। ଚତୁର୍ଥ ସିଡ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟ ସାରା ସ୍ଥିର ଖେଳ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ।


■ ଚାମ୍ପିଅନ୍ସ ଲିଗ୍ ଫୁଟବଲ

## ପିଏସ୍‌ଜି-ଆର୍ସେନାଲ ଫାଇନାଲ

**ଲଣ୍ଡନ, ୭।୫ (ଏଜେନ୍ସି):** ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ୍ ସେଣ୍ଟ ଜର୍ମେନ) ଓ ଇଂଲଣ୍ଡର ଆର୍ସେନାଲ ଫୁଟବଲ କ୍ଲବ୍ ମଧ୍ୟରେ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍ ଫୁଟବଲ ଫାଇନାଲ ମୁକାବିଲା ମେ ୩୦ରେ ଖେଳାଯିବ। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲର ଦ୍ୱିତୀୟ ଲେଗ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ପିଏସ୍‌ଜି ଓ ଜର୍ମାନୀର ବେୟର୍ଣ୍ଣ ମ୍ୟୁନିକ୍ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲେ। ଏମାନଙ୍କ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଲେଗ୍‌ରେ ପିଏସ୍‌ଜି ୫-୪ ଗୋଲରେ ବିଜୟୀ ହୋଇଥିଲା। ଫଳରେ ଉଭୟ ମୁକାବିଲାକୁ ମିଶାଇ ପିଏସ୍‌ଜି ହାରାହାରି ୬-୫ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟ ଏକ ରୋମାଞ୍ଚକ ସେମିଫାଇନାଲ ମୁକାବିଲାରେ ଆର୍ସେନାଲ ଦ୍ୱିତୀୟ ଲେଗ୍‌ରେ ୧-୦ ଗୋଲରେ ବିଜୟୀ ହୋଇଥିଲା। ଫଳରେ ଆର୍ସେନାଲ ହାରାହାରି ୨-୧ ଗୋଲରେ ସ୍ପେନ୍‌ର ଆଟଲେଟିକୋ ମାଡ୍ରିଡ୍‌କୁ ପରାସ୍ତ କରି ଦୀର୍ଘ ୨୦ ବର୍ଷ ପରେ ଫାଇନାଲରେ ପ୍ରବେଶ ପହଞ୍ଚିଥିଲା।

## କ୍ରିକେଟର୍ ଅମନପ୍ରୀତଙ୍କ ଅକାଳ ବିୟୋଗ

**ଚଣ୍ଡିଗଡ଼ ,୭।୫(ଏଜେନ୍ସି):** ଭାରତୀୟ କ୍ରିକେଟ ଜଗତରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ପୂର୍ବତନ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଖେଳାଳି ତଥା ପଞ୍ଜାବର ଅମନପ୍ରୀତ ସିଂ ଗିଲ୍‌ଙ୍କର ୩୬ ବର୍ଷ ବୟସରେ ପରଲୋକ ଘଟିଛି। ବୁଧବାର ଚଣ୍ଡିଗଡ଼ଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତେବେ ତାଙ୍କର ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।



**କୋହଲି, ଜାଡେଜାଙ୍କ ସହ ୧୯ ବର୍ଷରୁ କମ୍ ଦଳରୁ ଖେଳିଥିଲେ**

ଅମନପ୍ରୀତ ୧୯ ବର୍ଷରୁ କମ୍ ଜାତୀୟ ଦଳରେ ବିରାଟ କୋହଲି, ରବୀନ୍ଦ୍ର ଜାଡେଜା ଓ ପୀୟୁଷ ଚାୱଲାଙ୍କ ସହ ଏକାଠି ଖେଳିଥିଲେ। ସେ ପଞ୍ଜାବ ପାଇଁ ୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୧ଟି ୱିକେଟ୍ ହାସଲ କରିଥିଲେ। ସେହିଭଳି ୨୦୦୭ରେ ୧୯ ବର୍ଷରୁ କମ୍ ଭାରତୀୟ ଦଳରୁ ୬ଟି ୟୁଥ ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳି ମୋଟ୍ ୧୨ଟି ୱିକେଟ୍ ନେଇଥିଲେ। ଏହା ବ୍ୟତୀତ ଅମନପ୍ରୀତ୍ ଆଇପିଏଲ୍‌ର ପ୍ରଥମ ସିଜନ୍‌ରେ କିଙ୍ଗସ ଏକାଦଶ ପଞ୍ଜାବ ଦଳର ସଦସ୍ୟ ମଧ୍ୟ ଥିଲେ। କ୍ରିକେଟରୁ ଅବସର ପରେ ସେ ପଞ୍ଜାବର ବରିଷ୍ଠ ଚୟନ କମିଟିର ସଦସ୍ୟ ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କର ମୃତ୍ୟୁରେ ଯୁବରାଜ ସିଂ ଗଭୀର ଶୋକ ପ୍ରକାଶ କରିଛନ୍ତି। ଯୁବରାଜ ତାଙ୍କୁ ଜଣେ ଶାନ୍ତ ଏବଂ ପରିଶ୍ରମୀ ଖେଳାଳି ଭାବେ ସ୍ମରଣ କରିଛନ୍ତି। ଅମନପ୍ରୀତଙ୍କ ଅକାଳ ବିୟୋଗ କ୍ରିକେଟ ପ୍ରେମୀଙ୍କୁ ସ୍ତବ୍ଧ କରିଦେଇଛି।

## 'ଆଇପିଏଲ୍ ପ୍ରୋଟୋକଲ ମାନିବା ବାଧ୍ୟତାମୂଳକ'

**ଗୌହାଟୀ, ୭।୫ (ଏଜେନ୍ସି):** ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଥିବା ପ୍ରୋଟୋକଲକୁ ମାନିବା ବାଧ୍ୟତାମୂଳକ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିସିସିଆଇ ସିଇଓ ହେମାଙ୍ଗ ଅମିନ ଆସନ୍ତା ଶନିବାର ସୁଦ୍ଧା ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଙ୍କ ସହ ସିଧାସଳଖ ଆଲୋଚନା କରିବେ। ଆଜି ଆଇପିଏଲ ଗଭର୍ଣ୍ଣିଂ କାଉନ୍ସିଲ ବୈଠକ ପରେ ଏହାକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ହୋଇଛି। ଯେ କୌଣସି ପରିସ୍ଥିତିରେ ଆଇପିଏଲ୍‌ର ଅଖଣ୍ଡତା ଓ ସ୍ୱଚ୍ଛତା ରକ୍ଷା କରିବାକୁ ଆମେ ଚେଷ୍ଟିତ ବୋଲି ସାଇକିଆ କହିଛନ୍ତି।

ସାଇକିଆଙ୍କ କହିବା କଥା ହେଲା, ଚଳିତବର୍ଷ ଟୁର୍ଣ୍ଣାମେଣ୍ଟରେ ଏକାଧିକ ଘଟଣାରେ ପ୍ରୋଟୋକଲ ଭାଙ୍ଗିଥିବାର ପ୍ରମାଣ ମିଳିଛି। ଡଗ୍‌ଆଉଟରେ ରାଜସ୍ଥାନ ରୟାଲ୍ସ ମ୍ୟାନେଜରଙ୍କ ମୋବାଇଲ ଫୋନ୍ ବ୍ୟବହାର, ଅଧିନାୟକ ରିୟାନ ପରାଗ ଡ୍ରେସିଂ ରୁମ୍‌ରେ ଭାପିଙ୍ଗ କରି ଧରାପଡ଼ିଛନ୍ତି ଓ ଦଣ୍ଡିତ ମଧ୍ୟ ହୋଇଛନ୍ତି। ଏହା ବ୍ୟତୀତ ଖେଳାଳିଙ୍କ ସହ ଡଗ୍‌ଆଉଟ ଓ ହୋଟେଲ ମଧ୍ୟରୁ ଅପରିଚିତ ବ୍ୟକ୍ତିବିଶେଷ ଯିବା ଆସିବା କରିବା, ଖେଳାଳିମାନଙ୍କ ସହ ଅଣସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷ ପଡ଼ିଆ ଓ ଡଗ୍‌ଆଉଟକୁ ଆସି ଆଲୋଚନା କରିବା ମଧ୍ୟ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଆଣ୍ଟି କରପସନ ଆଣ୍ଡ ସିକ୍ୟୁରିଟି ୟୁନିଟ୍ ଅଭିଯୋଗ କରିବା ପରେ ଆଜି ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ବୈଠକ ବସିଥିଲା। ଏହା ପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ପ୍ରୋଟୋକଲ ପାଳନ କରିବାକୁ ସଚେତନ କରାଇବା ସକାଶେ ବିସିସିଆଇ ସିଇଓ ହେମାଙ୍ଗ ଅମିତ ଆଲୋଚନା କରିବା ପରେ ଯାହା କିଛି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ପ୍ରୋଟୋକଲ ଯେପରି ଉଲ୍ଲଙ୍ଘନ ନ ହୁଏ, ଆଜିଠାରୁ ଗୁରୁତ୍ୱ ଦିଆଯିବ ବୋଲି ସାଇକିଆ କହିଛନ୍ତି।

## ୧୦,୦୦୦ ଅଧିକ ଟିକଟ ଲାଗି ବେଙ୍ଗାଲୁରୁ ଭେନ୍ୟୁ ବଦଳିଲା

**ଗୌହାଟୀ, ୭।୫ (ଏଜେନ୍ସି):** ଫାଇନାଲ ମ୍ୟାଚ୍ ଲାଗି ଆୟୋଜକ କ୍ରିକେଟ ସଂଘ ୧୦,୦୦୦ ଅଧିକ ଟିକଟ ଦାବି କରିବାରୁ ଚଳିତବର୍ଷର ଆଇପିଏଲ୍ ଫାଇନାଲ ଭେନ୍ୟୁ ପରିବର୍ତ୍ତନ କରାଯାଇଛି ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ପ୍ରକାଶ କରିଛନ୍ତି। ଆଇପିଏଲ୍ ଫାଇନାଲ ବେଙ୍ଗାଲୁରୁରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଆୟୋଜକ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ସ୍ୱୀକୃତିପ୍ରାପ୍ତ କ୍ଲବ୍ ଓ ବିଧାୟକଙ୍କ ଲାଗି ଅଧିକ ଟିକଟ ଦାବି କରିଥିଲା। ଏହା ସମ୍ଭବ ନ ହେବାରୁ ଆମେ ଭେନ୍ୟୁରେ ପରିବର୍ତ୍ତନ କରିଛୁ ବୋଲି ସାଇକିଆ କହିଛନ୍ତି।

ଆଇପିଏଲ୍ ପ୍ରୋଟୋକଲ ଅନୁଯାୟୀ ଆୟୋଜକ ସଂଘକୁ ଷ୍ଟାଡିୟମ୍‌ରେ ବସିପାରୁଥିବା ଦର୍ଶକଙ୍କ ସଂଖ୍ୟାର ଶତକଡ଼ା ୧୫ ଭାଗ

**ଆଇପିଏଲ୍ ଫାଇନାଲ**

କମ୍ପ୍ଲିମେଣ୍ଟାରୀ ଟିକଟ ଆକାରରେ ଦିଆଯିବା କଥା। ଏହାଠାରୁ ଅଧିକ ଦାବି କରିବାର କୌଣସି କାରଣ ନାହିଁ। ପୂର୍ବରୁ ବେଙ୍ଗାଲୁରୁରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ରାଜ୍ୟ ସଂଘ ଅଧିକ କମ୍ପ୍ଲିମେଣ୍ଟାରୀ ଟିକଟ ଦାବି କରିଥିଲା। ଆମେ ଏ ସମ୍ପର୍କରେ ସ୍ପଷ୍ଟ କରିବାକୁ ଇ-ମେଲ ଯୋଗେ ଅନୁରୋଧ କରିଥିଲୁ। ରାଜ୍ୟ ସଂଘ ଯେତେବେଳେ ସ୍ଥାନୀୟ ବିଧାୟକ ଓ କ୍ଲବ୍‌ର ତାଲିକାରେ ପ୍ରାୟ ୧୦,୦୦୦ କମ୍ପ୍ଲିମେଣ୍ଟାରୀ ଟିକଟ ନେବାକୁ ଦାବି କଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହି ଦାବି ପରେ ଆମେ ଫାଇନାଲ ଭେନ୍ୟୁ ପରିବର୍ତ୍ତନ କରିବା ପାଇଁ ବାଧ୍ୟ ହୋଇଥିଲୁ। ଏବେ ପ୍ଲେ ଅଫ୍‌କୁ ୨ଟି ପରିବର୍ତ୍ତେ ୩ଟି ଭେନ୍ୟୁରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲୁ। ଏବେ ଆଇପିଏଲ ଫାଇନାଲ ଅହମଦାବାଦରେ ମେ ୩୧ତାରିଖରେ ଖେଳାଯିବ।

■ ଅଷ୍ଟ୍ରେଲିଆ ବିପକ୍ଷ ଯୁବ ହକି ସିରିଜ

## ଭାରତୀୟ ଦଳରେ ଓଡ଼ିଶାରୁ ୯

**ନୂଆଦିଲ୍ଲୀ, ୭ ।୪ (ଏଜେନ୍ସି):** ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଯୁବ (୧୮ ବର୍ଷରୁ କମ୍) ହକି ସିରିଜ ଲାଗି ଗୁରୁବାର ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଘୋଷିତ ଉଭୟ ଦଳରେ ଓଡ଼ିଶାର ମୋଟ୍ ୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ସର୍ବାଧିକ ୬ଜଣ ଓଡ଼ିଆ

**ସ୍ୱିଟି ଅଧିନାୟିକା**

ଖେଳାଳି ରହିଛନ୍ତି। ସେମାନେ ହେଲେ ନିଲମ ଟପ୍ପୋ, ରୁବିନା ବାକ୍ସଲା, କିରନ ଏକ୍କା, ସ୍ୱିଟି କୁଜୁର, ପ୍ରିୟଙ୍କା ମିଞ୍ଜ ଓ ପ୍ରିନ୍ସେସ ପ୍ରିୟା ଏକ୍କା। ଫରୱାର୍ଡ ସ୍ୱିଟି କୁଜୁରଙ୍କୁ ଘୋଷିତ ୨୪ ଜଣିଆ ଭାରତୀୟ ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି। ସେହିଭଳି ଯୁବ ଭାରତୀୟ ପୁରୁଷ ଦଳରେ ଡିଫେଣ୍ଡର ଅର୍ମାନ ସୋରେଙ୍ଗ ଓ ଦୀପକ ପ୍ରକାଶ ଟପ୍ପୋଙ୍କ ସହ ଉଦୀୟମାନ ଗୋଲ୍‌କିପର ବିଶାଳ ବଡ଼ା ସ୍ଥାନ ପାଇଛନ୍ତି। କେତନ କୁଶୱାହଙ୍କୁ ପୁରୁଷ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଅଷ୍ଟ୍ରେଲିଆ ଯୁବ ପୁରୁଷ ଓ ମହିଳା ହକି ଦଳ ସହ ସିରିଜ ମେ ୧୫ରୁ ଭୋପାଳସ୍ଥିତ ସାଇ ସେଣ୍ଟରରେ ଆରମ୍ଭ ହେବ। ଚାରି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜର ମ୍ୟାଚ୍‌ଗୁଡ଼ିକ



ଯଥାକ୍ରମେ ମେ ୧୫, ୧୭, ୧୮ ଓ ୨୦ ତାରିଖରେ ଖେଳାଯିବ। ଚଳିତ ମାସ ୨୯ ତାରିଖରୁ ଜାପାନରେ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ତେଣୁ ଉଭୟ ଭାରତୀୟ ଯୁବ ପୁରୁଷ ଓ ମହିଳା ଦଳ ଲାଗି ଅଷ୍ଟ୍ରେଲିଆ ବିପକ୍ଷ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି।

### ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

## ଖୋର୍ଦ୍ଧାର ଏଲିନା, ରିୟାଂଶ ଚାମ୍ପିଅନ

**ଭୁବନେଶ୍ୱର, ୭।୫ (ସମିସ):** ଖୋର୍ଦ୍ଧାର ୪ ବର୍ଷର ବାଳିକା ଏଲିନା ମିଶ୍ର ବାଳିକା ବିଭାଗରେ ଓ ରିୟାଂଶ ରାଜ ଓପନ କାଟାଗୋରୀରେ ରାଜ୍ୟ ଶିଶୁ ବା ୭ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପ୍ରୋ-ଚେସ୍-ଟା' କେନ୍ଦ୍ରରେ ଆଜି ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ବିଭାଗର ଚାମ୍ପିଅନ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବାଳିକା ବିଭାଗରେ ଖୋର୍ଦ୍ଧାରି ସମସ୍ତ ଖେଳାଳି ପଦକ କବ୍‌ଜା କରିଥିଲେ। ଏଲିନାଙ୍କ ପଛକୁ ଆଦିଶ୍ରୀ ବୁଡେକ ପ୍ରଥମ ରନର୍ସଅପ୍, ଦେବାଂଶୀ ସାହୁ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ସେହିପରି ଓପନ ବା ବାଳକ ବିଭାଗରେ ରିୟାଂଶଙ୍କ ପଛକୁ ଅନୁଗୋଳର ପରମାର୍ଥ ସିଂ ପ୍ରଥମ ରନର୍ସଅପ୍ ଓ ମୟୂରଭଞ୍ଜର ବୀରଭଦ୍ର ବ୍ରାହ୍ମା ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଏହି



ପ୍ରତିଯୋଗିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ମହାରାଷ୍ଟ୍ରରେ ଜୁନ୍ ୭ରୁ ୧୧ ଯାଏ ଖେଳାଯିବାକୁ ଥିବା ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ୍‌ର ଉପଦେଷ୍ଟା ଡଃ ଶଶାଙ୍କ ଶେଖର ପତି, ଅଲ୍‌ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଜିଏମ୍ ସ୍ୱୟମ୍ଭ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟଂଶ୍ରୁ ସତ୍ୟକାମ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS